

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-351 ♦BHUBANESWAR ♦THURSDAY ♦19 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୫୧ ♦ଭୁବନେଶ୍ୱର ♦ଗୁରୁବାର ♦୧୯ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦






## OUR STAR PERFORMERS FROM ODISHA CLASSROOM PROGRAM

Result Summary ODISHA: **4** in Top 500 AIR | **9** in Top 1000 AIR | **39** in Top 5000 AIR | **78** in Top 10000 AIR

Result is Still Counting

| AIR | Name | Score |
|---|---|---|
| 128 | Aditya Kiran Bal | 640/720 |
| 204 | Ritesh Parija | 632/720 |
| 421 | Satwik Mohapatra | 622/720 |
| 466 | Anannya Padhy | 620/720 |
| 667 | Aditya A. Rath | 614/720 |
| 679 | Pratyasha Das | 613/720 |
| 797 | Ashmit Mohapatra | 610/720 |
| 827 | Smarak Das | 609/720 |
| 990 | Pratyush Kar | 606/720 |
| 1086 | Shrabani Dash | 605/720 |
| 1235 | Sourav Palar | 602/720 |
| 1347 | Dibyajyoti Nanda | 600/720 |
| 1660 | Ashutosh Jena | 596/720 |
| 1696 | Debshiskha Pradhan | 595/720 |
| 1787 | Simran Jena | 594/720 |
| 1942 | Nilay Mohanty | 593/720 |
| 1975 | Anisha Behera | 592/720 |
| 2092 | Swayam P. Sahoo | 591/720 |
| 2333 | Dibyajyoti Raut | 589/720 |
| 2489 | Awesh Akhtar | 588/720 |
| 2541 | Rupsita Senapati | 587/720 |
| 2581 | Adarsh A. Mohanty | 587/720 |
| 2618 | Nitish Pattanaik | 586/720 |
| 2674 | Naveen Agrawal | 586/720 |
| 2757 | Bibekananda Bhoi | 585/720 |
| 2990 | Adarsh Sabar | 584/720 |
| 3015 | Abhijeet Sahoo | 583/720 |
| 3331 | Rajdeep Tripathy | 581/720 |
| 3896 | Sashank Rath | 578/720 |
| 4084 | Shivansh Agrawal | 577/720 |
| 4155 | Vedansh Garg | 576/720 |
| 4231 | Priyanshu S. Samal | 576/720 |
| 4296 | Krishna Bhusan | 575/720 |
| 4520 | Brindamalini Parida | 574/720 |
| 4530 | Soumyaranjan Asha | 574/720 |
| 4573 | Anwesha Praharaj | 574/720 |
| 4647 | Sk Meherban | 574/720 |
| 4707 | Yashansu Mohanty | 573/720 |
| 4961 | Sradhanjali Ray | 572/720 |

& many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

**TO EVERY Aakash TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.**

## ADMISSIONS OPEN

**REPEATER / DROPPER BATCHES for NEET (UG) 2026**
(XII Passed Batches)
Batches Starting From : 20th & 27th June, 2025

**Dropper Batches for JEE** (XII Passed Batches)

**CLASS 11th** — Studying Students — 2 Year Integrated courses for NEET / JEE

**CLASS 8th-10th** — Studying Students — Integrated courses for School Boards / Olympiads

Batches Starting From : 20th & 27th June, 2025

Get Up to **90% Scholarship**** — Appear for instant Admission cum Scholarship Test (iACST). Register for FREE. Visit: iacst.aakash.ac.in. Hurry! Batches Filling Fast

SCAN TO APPLY

**Terms & Conditions apply. The maximum iACST scholarship for the Regular Classroom Course (RCC) is up to 90%.

## COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

All Course Fees Including GST

**COURSE OFFERING INCLUDES**
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Phygital Study Materials
- Question Bank
- NEET Challenger on My Aakash App
- Experiential Learning

**Call Your Nearest Branches : Bhubaneswar- Bhoumanagar :** 8800852494, 9337870700 **Chandrasekharpur :** 8800874104, 9311734469 **Khandagiri :** 9938896677 **Lewis Road:** 8093083567 **Cuttack :** 8800849243, 9337355230 **Shelter Chowk :** 8093083568 **Baleswar :** 8800538720, 7008000100 **Berhampur :** 8800502470, 9078884998 **Sambalpur :** 8448693770, 9338170700 **Rourkela :** 8093083553 **Angul :** 8093083557 **Balangir :** 7008112665, 8093083552 **Jajpur Road :** 9078677290 **Jeypore :** 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

### ମହିଳା ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ

# ସରକାର ପାଳୁଛନ୍ତି 'ଦୁଷ୍କର୍ମ' ଉପଲବ୍ଧି ଉତ୍ସବ: କଂଗ୍ରେସ

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ହୋଇଥିବା ଲୋମହର୍ଷଣକାରୀ ଗଣଧର୍ଷଣ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ପ୍ରତିଦିନ ରାଜ୍ୟରେ ୧୫ରୁ ମହିଳା, ନାବାଳିକା ଗଣଧର୍ଷଣ ଓ ଧର୍ଷଣର ଶିକାର ହେଉଛନ୍ତି । ଏହି ନିର୍ଲଜ ଉପଲବ୍ଧି ପାଇଁ ରାଜ୍ୟ ସରକାର ଉତ୍ସବ ପାଳନ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି ଓ ରାଜ୍ୟ ସରକାରଙ୍କୁ କଟୁ ଭର୍ତ୍ସନା କରିଛି । ଓଡ଼ିଶାରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଅଣାୟତ ସ୍ଥିତିରେ ପହଞ୍ଚିଛି ଓ ରାଜ୍ୟର ମହିଳାମାନେ ସଂପୂର୍ଣ୍ଣ ଅସୁରକ୍ଷିତ ବୋଲି ଦଳ ପକ୍ଷରୁ କୁହାଯାଇଛି।




କଂଗ୍ରେସ କହିଛି ଯେ ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଧର୍ଷଣ ଓ ପାଶବିକ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତିକୁ ଉତ୍ସବ ରୂପେ ପାଳନ କରୁଛନ୍ତି । ଯେଉଁ ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ତାହା କି ପ୍ରକାର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଏହି ବର୍ଷପୂର୍ତ୍ତି ପାଳନ ପାଇଁ ପ୍ରଧାନମନ୍ତ୍ରୀ କାହିଁକି ଓଡ଼ିଶା ଆସୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଜଣେ ମହିଳାଙ୍କୁ ଗଣଧର୍ଷଣ କରି ଗଛରେ ଦୁର୍ବୃତ୍ତମାନେ ଟାଙ୍ଗିଦେଇଛନ୍ତି। ନାବାଳିକା ଆଦିବାସୀ ସ୍କୁଲ ଯାଉଥିବା ଝିଅମାନେ ଗର୍ଭବତୀ ହେଉଛନ୍ତି। ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଅନୁସୂଚିତ ଜାତିର ମହିଳା ସୁଭଦ୍ରାଙ୍କୁ ଗଣବଳାତ୍କାର କରି ମାରି ଫିଙ୍ଗିଦିଆଯାଇଛି। ଏଭଳି ଘଟଣା ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର ସବୁ ସୀମା ଟପି ସାରିଥିବା ନେଇ ପ୍ରମାଣ ଦେଉଛି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରଶ୍ନ କହିଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ବୋଲି ଉଲ୍ଲେଖ କରି ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ କଟାକ୍ଷ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରିବର୍ତ୍ତେ ଉତ୍ସବ ପାଳନ କରିବା ଲଜ୍ଜାଜନକ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବର୍ଷିଥିବା ବେଳେ କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭାରେ ପୁନର୍ବାର ପ୍ରଶ୍ନ ଉତ୍ଥାପନ କରିବ ବୋଲି କହିଛନ୍ତି। ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜଙ୍କ ସହ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗଦାନ କରିଥିଲେ।

## ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ସମୁଦ୍ରକୂଳରେ ହୋଇଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶା ନିନ୍ଦିତ ହୋଇଛି । ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଜଣେ କଲେଜ ପଢ଼ୁଆ ଝିଅଙ୍କୁ ୧୦ ଜଣ ଦୁଷ୍କର୍ମ କରିବା ସାରା ଦେଶରେ ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି। ଜାତୀୟ ସ୍ତରରେ ଏହି ଖବରକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଥିବା ବେଳେ ଆଜି କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପ୍ରିୟଙ୍କା ଏକ୍ସ ଯୋଗେ ଏହି ଘଟଣାର ନିନ୍ଦା କରିବା ସହ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଗୋପାଳପୁରରେ ୧୦ ଜଣ ଲୋକ ଜଣେ ଛାତ୍ରୀଙ୍କୁ ଯେଉଁପରି ନିର୍ଯାତନା ଦେଇଛନ୍ତି, ତାହାକୁ ନିନ୍ଦା କରିବା ପାଇଁ କଠୋରରୁ କଠୋର ଶବ୍ଦ ମଧ୍ୟ ଯଥେଷ୍ଟ ନୁହେଁ। ଓଡ଼ିଶାରେ ଦିନକୁ ଦିନ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଛି । ଯେଉଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଯାଇଛନ୍ତି, ସେଠାରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ପ୍ରତି ନିଷ୍ଠୁରତା ବୋଲି ପ୍ରିୟଙ୍କା କହିଛନ୍ତି ।

## ସ୍ୱାମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଅଭିଯୋଗ

ଧରାକୋଟ,୧୮।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗାଁର ହାଡ଼ିସାହିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ମଦ୍ୟପ ସ୍ୱାମୀର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମର ନାଇକ(୪୦)। ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି ସ୍ତ୍ରୀ। ଧରାକୋଟ ଥାନାରେ ମୃତକଙ୍କ ବଡ଼ଭାଇ ଟୁନା ନାଇକ ଅଭିଯୋଗ କରିବା ପରେ ପୁଲିସ ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅମର ମଦ୍ୟପାନ କରି ଆସୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ମଙ୍ଗଳବାର ରାତିରେ ମଧ୍ୟ ଅମର ମଦ୍ୟପାନ କରି ଆସିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଅଞ୍ଜନା ଦେଢ଼ଶୁର ଟୁନାଙ୍କୁ ଯାଇ ଅମର ଶୋଇ ପଡ଼ିଛନ୍ତି, ଡାକିଲେ ଶୁଣୁ ନାହାନ୍ତି ବୋଲି କହିଥିଲେ। ଟୁନା ପହଞ୍ଚି ତାଙ୍କୁ ରାତି ପ୍ରାୟ ୧୨ଟାରେ ଆସିକା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଅଞ୍ଜନା ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଟୁନା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ (ନଂ.୨୩୨/୨୫)ରେ ଏକ ମାମଲା ରୁଜୁକରି ସ୍ତ୍ରୀ ଅଞ୍ଜନାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ତ୍ରୀ ଅଞ୍ଜନାକୁ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ବ୍ୟାପକ କରିବ ବୋଲି ଥାନାଧିକାରୀ କହିଛନ୍ତି।

## ନାଲିବତୀ ଗାଡ଼ି ସାଙ୍ଗକୁ ଆଇଏଏସ୍ ପ୍ରୋବେସନର ପ୍ଲେଟ୍

ଭୁବନେଶ୍ୱର,୧୮।୬(ସମିସ): କଳାହାଣ୍ଡି ଜିଲ୍ଲାର ଜଣେ ଆଇଏଏସ୍ ପ୍ରୋବେସନର ସରକାରୀ ସୁବିଧାର ଅପବ୍ୟବହାର କରିବା ମହଙ୍ଗା ପଡ଼ିଛି । ଗୋଟିଏ ଗାଡ଼ିରେ ନାଲିବତୀ ସାଙ୍ଗକୁ ଆଇଏଏସ ପ୍ରୋବେସନର ପ୍ଲେଟ୍ ଲଗାଇବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କଳାହାଣ୍ଡିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



**ତଦନ୍ତ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜିଏ ବିଭାଗର ଚିଠି**

ଦେଇଛନ୍ତି। ଆଇଏଏସ୍ ପ୍ରୋବେସନରମାନେ ତାଲିମ ଗ୍ରହଣ କରୁଥିବା ସମୟରେ ସ୍ୱତନ୍ତ୍ର ଚିହ୍ନ କିମ୍ବା ସଙ୍କେତ ସହିତ ସରକାରୀ ଯାନବାହନ ଭଳି ସୁବିଧା ପାଇବାକୁ ହକଦାର ନୁହନ୍ତି। ଅଖିଳ ଭାରତୀୟ ସେବା (ଆଚରଣ) ନିୟମ, ୧୯୬୮, ଏବଂ ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନର) ନିୟମ, ୧୯୫୪, ଆଇଏଏସ ଅଧିକାରୀ ଏବଂ ପ୍ରୋବେସନରମାନଙ୍କ ଆଚରଣକୁ ନିୟନ୍ତ୍ରଣ କରେ। ଏହି ନିୟମଗୁଡ଼ିକ ଉଚ୍ଚ ନୈତିକ ମାନଦଣ୍ଡ, ସଚ୍ଚୋଟତା ଏବଂ ବୃତ୍ତିଗତ ଆଚରଣ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରେ। ପ୍ରୋବେସନରମାନଙ୍କୁ ନର୍ଦ୍ଦିଷ୍ଟ ଭାବେ କିଛି ସୁବିଧା ଦିଆଯାଇ ନ ଥାଏ। ଯେଉଁଥିରେ ଆଇଏଏସ ଅଧିକାରୀମାନେ ପାଉଥିବା ସରକାରୀ କାର ମଧ୍ୟ ଅନ୍ତର୍ଭୁକ୍ତ।

## ବିଜେପି ନେତାଙ୍କ ଦାଦାଗିରି
## ବନ୍ଧୁକ ଦେଖାଇ ଚିଙ୍ଗୁଡ଼ି ଗାଡ଼ି ଅପହରଣ

ଭଦ୍ରକ,୧୮।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ୨ନମ୍ବର ଜୋନର ପରାଜିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଅଶୋକ କୁମାର ରାଉଳଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବି-ୱାନ ଚିଙ୍ଗୁଡ଼ି କମ୍ପାନୀର କର୍ମଚାରୀ। ଅଶୋକ କମ୍ପାନୀର ଏକ ଗାଡ଼ିକୁ ଅପହରଣ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

ଚାନ୍ଦବାଲି ଥାନାରେ ମାମଲା ନଂ.୨୧୬/୨୫ରେ କମ୍ପାନୀର କର୍ମଚାରୀ ଭରତ ଚନ୍ଦ୍ର ଦାସ କରିଥିବା ଅଭିଯୋଗ ମୁତାବକ, ଗତ ୧୫ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ଅଞ୍ଚଳରୁ ଏକ ଚିଙ୍ଗୁଡ଼ି ବୋଝେଇ କଣ୍ଟେନରକୁ ନେଇ ଭଦ୍ରକ-ଚାନ୍ଦବାଲି ରାସ୍ତା ଦେଇ ଡ୍ରାଇଭରଙ୍କ ସମେତ ୨ଜଣ କର୍ମଚାରୀ ବାଲେଶ୍ୱର ଅଭିମୁଖେ ବାହାରିଥିଲେ। ତେବେ ଗାଡିଟି ମତୋ ବଜାରରେ ରାତି ପ୍ରାୟ ୧୨ଟା ବେଳେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳର ବିଜେପି ନେତା ଓ ତାଙ୍କର ୨୦ଜଣ ସହଯୋଗୀ ଗାଡ଼ିଟିକୁ ଅଟକାଇ ଥିଲେ। ବନ୍ଧୁକ ଦେଖାଇ ଗାଡ଼ିରେ ଥିବା ଦୁଇ ଜଣ କର୍ମଚାରୀଙ୍କୁ ଓହ୍ଲାଇଦେବା ସହ ବିପରୀତ ଦିଗକୁ ଗାଡ଼ି ବୁଲେଇବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗାଡ଼ିକୁ ଭୁବନେଶ୍ୱର ଅଭିମୁଖେ ଅପହରଣ କରି ନେଇଥିଲେ। ଗାଡ଼ିଟି ଭୁବନେଶ୍ୱରରେ ପହଞ୍ଚିବା ପରେ ସମ୍ପୃକ୍ତ ଡ୍ରାଇଭରକୁ ମାଛ ଗାଡିରୁ ଓହ୍ଲାଇ ଦେଇ ଏକ କାର୍‌ରେ ଆଖିରେ ପଟିବାନ୍ଧି ବସାଇଥିଲେ। ତା' ସହିତ ଚିଙ୍ଗୁଡ଼ି ଭର୍ତ୍ତି କଣ୍ଟେନରକୁ କୁଆଡେ ନେଇଯାଇଥିଲେ। କିଛି ଘଣ୍ଟାର ବ୍ୟବଧାନ ପରେ ସେଥିରୁ ଅଧାରୁ ଅଧିକ ମାଛ ଖାଲି କରି ଦେଇ ଡ୍ରାଇଭରକୁ ଗାଡି ଫେରସ୍ତ ଦେଇଥିଲେ। କମ୍ପାନୀର କର୍ମଚାରୀଙ୍କ ଲିଖିତ ଅଭିଯୋଗ ପରେ ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତି ବିଜେପି ନେତା ଅଶୋକ କୁମାର ରାଉଳ ଓ ତାଙ୍କର ସହଯୋଗୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। କେବଳ ଆଶୋକ ରାଉଳ ନୁହଁନ୍ତି ପ୍ରତିଦିନ ମତୋ ଓ ଦିଗଛିଆ ଅଞ୍ଚଳର କେତେକ ଅସାମାଜିକ ଯୁବକ ମାଛ ଗାଡ଼ି ଗୁଡିକୁ ଅଟକାଇ ବନ୍ଧୁକ ଦେଖାଇ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଭଦ୍ରକ ଏସ୍‌ପି ଏଥିରେ ହସ୍ତକ୍ଷେପ କରିବାକୁ ଚିଙ୍ଗୁଡ଼ି ଚାଷୀମାନେ ଦାବି କରିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

### ୨୫ଟିକିଆ ହାତୀପଲକୁ ନେଇ ଅଞ୍ଚଳବାସୀ ଭୟଭୀତ

ମୋରଡ଼ା/ରାସଗୋବିନ୍ଦପୁର,୧୮।୬(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ତତ୍‌ସହିତ ହାତୀ ଆକ୍ରମଣରେ କେତେକଙ୍କ ଜୀବନ ବି ଗଲାଣି। ତେବେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହେବାସହ ଚାଷ ପାଇଁ ଚାଷୀ ମଧ୍ୟ ଭୟଭୀତ। ସୂଚନାନୁଯାୟୀ, ବୁଧବାର ଭୋର ୪ଟା ବେଳେ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନଳଗଜା ପଞ୍ଚାୟତ ଉକାଶୋଳ ଗ୍ରାମରେ ହାତୀପଲ ପ୍ରବେଶ କରି ଘରଭାଙ୍ଗି ଭିତରେ ଶୋଇଥିବା ଅବସ୍ଥାରେ ନାଗି ହାଁସଦାଙ୍କୁ ଘୋଷାଡ଼ି ଆଣି ଦଳିଚକଟି ଦେଇଛନ୍ତି। ଫଳରେ ବୃଦ୍ଧା ନାଗିଙ୍କ ଦେହରୁ ଗୋଡ଼ ଅଲଗା ହୋଇଯିବା ସହିତ ଅନ୍ତବୁଜଳା ବାହାରି ଆସିଥିବାର ଦେଖିବାକୁ ମିଳିଛି। ଖବର ପାଇ ରାସଗୋବିନ୍ଦପୁର ବନବିଭାଗ ପହଞ୍ଚି ନାଗିଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ ପଠାଇଥିଲେ। କିନ୍ତୁ ସେ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଠିକ ସେହିପରି ଉକ୍ତ ପଞ୍ଚାୟତ ଅଧୀନ ଶୁଖିଲାଖାଲି ଗ୍ରାମ ବଡ଼ା ମୁର୍ମୁ ବାରଣ୍ଡାରେ ଶୋଇଥିବା ବେଳେ ଉକ୍ତ ୨୫ ଟିକିଆ ହାତୀପଲ ମଧ୍ୟରୁ ଦୁଇଟି ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି କଚାଡ଼ି ଦେଇଥିଲେ। ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ହାତୀପଲକୁ ଘଉଡ଼ାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧୮।୬(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଘରଭିତରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ପ୍ରେମୀଯୁଗଳ ହେଲେ ସେହି ଗାଁର ସଦାନନ୍ଦ ନାଏକ(୨୨) ଓ ଯୁବତୀ ମନୀଷା ନାଏକ(୧୫) ବୋଲି ଜଣାପଡିଛି। ସୂଚନାନୁଯାୟୀ, ବୁଧବାର ସକାଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଜଣଙ୍କ ଘରୁ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ବୋଲି ସୂଚନା ମିଳିଛି। ପୁଲିସ ଉଭୟ ଶବକୁ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

## କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷିତ

ଭୁବନେଶ୍ୱର,୧୮।୬ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷର ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୩ ଜଣ ଯୁବ ଲେଖକ ଏବଂ ୨୪ ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିବା ବେଳେ ଶିଶୁ ସାହିତ୍ୟିକ ରାଜକିଶୋର ପାଢୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବା ସହ ଓଡ଼ିଆ ଲେଖକ ସୁବ୍ରତ ସେନାପତି ଏବଂ ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯିବ। ତେବେ ଚଳିତ ବର୍ଷ ଡୋଗରୀ ଭାଷା ପାଇଁ କାହାକୁ ମନୋନୀତ କରାଯାଇ ନାହିଁ।

- ସୁବ୍ରତ ସେନାପତି, ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର
- ବାଲ୍ ସାହିତ୍ୟ ପୁରସ୍କାର ପାଇବେ ରାଜକିଶୋର ପାଢୀ

ଡ. ରାଜକିଶୋର ପାଢ଼ୀ ଶିଶୁ ପୁସ୍ତକ "କେତେ ଫୁଲ ଫୁଟିଛି' ପାଇଁ ବାଲ୍ ସାହିତ୍ୟ ପୁରସ୍କାର ପାଇବେ। ୨୦୧୧ ମସିହାରେ ଶିଶୁ କାହାଣୀ ପୁସ୍ତକ 'କଥା କଳସ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ସୁବ୍ରତ କୁମାର ସେନାପତି ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ଯୁବ ସାହିତ୍ୟ ପୁରସ୍କାର ପାଇବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଭୋଳାଗଡ଼ିଆ ଗ୍ରାମର ଯୁବକବି ଫାଗୁ ବାସ୍କେଙ୍କୁ ସାନ୍ତାଳୀ ଭାଷା ବର୍ଗରେ ତାଙ୍କ ସାନ୍ତାଳୀ କବିତା ସଂଗ୍ରହ 'ଆରା ସାଓଁ ଇନ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୫ ପାଇଁ ଚୟନ କରାଯାଇଛି।

ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ୨୦୨୫ ବର୍ଷ ପାଇଁ ଓଡ଼ିଆ ସମେତ ୨୩ଟି ଭାଷା ପାଇଁ ଯୁବ ପୁରସ୍କାର ଓ ୨୪ଟି ଭାଷା ପାଇଁ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ପୁରସ୍କାର ଯୁବ ପୁରସ୍କାର ପାଇଁ ପ୍ରତ୍ୟେକ ଭାଷାରେ ତିନି ଜଣିଆ ସଦସ୍ୟ ବିଶିଷ୍ଟ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ସେହି ବିଚାରକ ମଣ୍ଡଳୀ ଗୁଡ଼ିକର ସୁପାରିଶକ୍ରମେ ଏହି ପୁରସ୍କାର ଘୋଷଣା କରାଯାଇଛି। ତେବେ ଓଡ଼ିଆ ଭାଷା ପାଇଁ ଗଠିତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ଲେଖିକା ଯଶୋଧାରା ମିଶ୍ର, ରବି ସ୍ୱାଇଁ ଓ ସୁଭାଷ ଶତପଥୀ ସଦସ୍ୟ ଥିବା ବେଳେ ନୀଳାଦ୍ରିଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଓ ଡ. ରାମଚନ୍ଦ୍ର ନାୟକ ରହିଥିଲେ। ପରବର୍ତ୍ତୀ ସମୟରେ ହେବାକୁ ଥିବା ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

### ଅଗଷ୍ଟ ୧୫ରୁ ନୂଆ ଫାସ୍‌ଟ୍ୟାଗ୍ ନିୟମ

## ଆରମ୍ଭ ହେବ ବର୍ଷିକିଆ ପାସ୍ ପ୍ରଚଳନ ବ୍ୟବସ୍ଥା

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ଦେଶରେ ଟୋଲ୍ ଟିକସ ନିୟମରେ ହେବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ଯାହା ସାଧାରଣ ଲୋକଙ୍କୁ ଦେବ ବହୁ ମାତ୍ରାରେ ଆଶ୍ୱସ୍ତି ଦେବ। ଆଗକୁ ଆରମ୍ଭ ହେବାକୁ ଯାଉଛି ବର୍ଷିକିଆ ଟୋଲ୍ ପାସ୍ ବ୍ୟବସ୍ଥା। ମାତ୍ର ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଗାଡ଼ି ମାଲିକଙ୍କୁ ମିଳିବ ଫାସ୍‌ଟ୍ୟାଗ୍। ଆସନ୍ତା ଅଗଷ୍ଟ ୧୫ ତାରିଖଠାରୁ ଦେଶରେ ୩,୦୦୦ ଟଙ୍କା ମୂଲ୍ୟର ଏକ ଫାସ୍‌ଟ୍ୟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯିବ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି।

- ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଫାସ୍‌ଟ୍ୟାଗ୍
- ଘରୋଇ ଗାଡ଼ି ୨୦୦ ଥର ଟୋଲ୍ ପାର କରିପାରିବ

ଏହି ପାସ୍ ସକ୍ରିୟ ହେବା ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ(ଯେଉଁଟି ପ୍ରଥମ) ବୈଧ ରହିବ। ଏହି ପାସ୍ ବିଶେଷ ଭାବରେ କେବଳ ଅଣ-ବାଣିଜ୍ୟିକ ଯାନ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ। ଗଡ଼କରୀ ପୋଷ୍ଟରେ ଲେଖିଛନ୍ତି ଯେ, ବାର୍ଷିକ ପାସ୍ ସକ୍ରିୟକରଣ/ନବୀକରଣ ପାଇଁ ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଏନ୍‌ଏଚ୍‌ଏଆଇ/ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବସାଇଟରେ ଖୁବ୍ ଶୀଘ୍ର ଏକ ପୃଥକ ଲିଙ୍କ୍ ଉପଲବ୍ଧ କରାଯିବ, ଯାହା ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବ। ଏହାର ନବୀକରଣ ପ୍ରକ୍ରିୟା ଅନଲାଇନରେ ମଧ୍ୟ କରାଯାଇପାରିବ। ନୂତନ ବାର୍ଷିକ ପାସ୍ ନୀତିର ଲକ୍ଷ୍ୟ ହେଉଛି ୬୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ଟୋଲ୍ ପ୍ଲାଜା ସହିତ ଜଡିତ ପୁରୁଣା ସମସ୍ୟାର ସମାଧାନ କରିବା। ଏକକ ଡିଜିଟାଲ୍ କାରବାର ମାଧ୍ୟମରେ ଟୋଲ୍ ପେମେଣ୍ଟକୁ ସହଜ କରିବା, ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ହ୍ରାସ କରିବା, ଭିଡ଼ କମାଇବା ଏବଂ ବିବାଦ ଦୂର କରିବା ଏହାର ପ୍ରମୁଖ ଲାଭ ବୋଲି ଗଡକରୀ କହିଛନ୍ତି।

ହେଲେ ବର୍ତ୍ତମାନ ଯେଉଁ ଯାତ୍ରୀମାନେ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜା ଦେଇ ଯାତାୟାତ କରନ୍ତି ସେମାନେ ଠିକଣା ପ୍ରମାଣ ଏବଂ ଡକ୍ୟୁମେଣ୍ଟ ଦାଖଲ କରି ମାସିକ ପାସ୍ ପାଇପାରିବେ। ଏହି ପାସର ମୂଲ୍ୟ ପ୍ରତି ମାସ ୩୪୦ ଟଙ୍କା।

## ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ନାବାଳିକା ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି

କେନ୍ଦୁଝର,୧୮।୬(ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତଥା ପଣ୍ଡାପଡ଼ା ଥାନାର ତେନ୍ତେଳାପଶି ଗାଁର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯିବା ପରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ବୁଧବାର ନାବାଳିକାଙ୍କ ପରିବାରକୁ ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ



ଭେଟିଛନ୍ତି। ଏହାସହ ଶ୍ମଶାନକୁ ଯାଇ ତାଙ୍କ ବାପାଙ୍କ ସହ ଆଲୋଚନା କରି ସମବେଦନା ଜଣାଇଛନ୍ତି। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପାଟଣା ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧକ୍ଷା ମିନା ମାଝୀ, ହରିଚନ୍ଦନପୁର ବ୍ଲକ ଅଧକ୍ଷା ସୁନେଲୀ ନାୟକ, ଅମର କୁଅଁର, ପ୍ରମୋଦ ପଟ୍ଟନାୟକ, ରଞ୍ଜନ ଦାସ ପ୍ରମୁଖ ପ୍ରଥମେ ଶ୍ମଶାନକୁ ଯାଇ ମୃତ ବାଳିକାଙ୍କ ବାପା ଓ ପରିଜନଙ୍କ ସହ ଆଲୋଚନା

### ଜିଲ୍ଲା ପୁଲିସକୁ ଦେଲେ ଦାବିପତ୍ର

କରିଥିଲେ। ଏପରି ଅମାନୁଷିକ କାର୍ଯ୍ୟର କଡ଼ା ନିନ୍ଦା କରିଥିଲେ। ଏହାପରେ ଜିଲ୍ଲା ସଦରମହକୁମାକୁ ଯାଇ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକରଙ୍କୁ ସାକ୍ଷାତ କରି ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସଂପୃକ୍ତ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା, କଡ଼ା ଦଫା ପକାଇବା, ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ପଦକ୍ଷେପ ନେବା ସହ ଏପରି ଅମାନବୀୟ କାର୍ଯ୍ୟ କେହି ଭବିଷ୍ୟତରେ କରିବାକୁ ଆଉ ଦୁଃସାହସ କରିବେ ନାହିଁ ସେନେଇ ପଦକ୍ଷେପ ନେବା ଏବଂ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହ ବାଳିକାଙ୍କୁ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଦାବି କରାଯାଇଛି।

# ସରକାର ମାନିଲେ ଧାନକିଣାରେ ଅନିୟମିତତା

### ଓଡ଼ିଶା ମଣ୍ଡିରେ ଛତିଶଗଡ଼ ଧାନ : ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର,୧୮।୬(ସମିସ): ବଲାଙ୍ଗିର ଜିଲ୍ଲା ମିଲ୍‌କୁ ଆସୁଛି ଛତିଶଗଡ଼ରୁ ଧାନ। ଛତିଶଗଡ଼ ଧାନକୁ ମିଲର୍ସମାନେ କମ୍ ଦରରେ କିଣି ରାଜ୍ୟ ସରକାରଙ୍କ ବୋନସ ସହାୟତାର ଫାଇଦା ନେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। କେବଳ ଏତିକି ନୁହଁ ଉକ୍ତ ଧାନକୁ କିଣିବା ପାଇଁ ମିଲର୍ସମାନେ ସରକାରଙ୍କ ଉପରେ ଚାପ ପକାଉଥିବା ସ୍ପଷ୍ଟ ହୋଇଛି। ଏକଥା ନିଜେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମତ ରଖିଛନ୍ତି। କୃଷିମନ୍ତ୍ରୀ ସମାବେଶରେ କହିବା ପରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଧାନକିଣା ଅନିୟମିତତା ପଦାରେ ପଡ଼ିଛି। ପୂର୍ବରୁ ହୋଇଥିବା ଅନିୟମିତତା ମଧ୍ୟ ସ୍ପଷ୍ଟ ହୋଇଛି।

ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକଶକ୍ତି ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ ନିଜ ଅଭିଭାଷଣ ରଖିଥିବା ବେଳେ ଧାନକିଣା ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ। ଯାହାକି ଏବେ ତାଙ୍କ ନିଜ ସରକାରଙ୍କୁ ବିବାଦକୁ ଟାଣି ଆଣିଛି। ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ମିଲ୍‌କୁ ଛତିଶଗଡ଼ରୁ ଧାନ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଗତ କିଛି ଦିନ ତଳେ ତୁଷୁରା ଅଞ୍ଚଳରେ ଏକ ଧାନ ବୋଝେଇ ଟ୍ରକ୍‌କୁ ପ୍ରଶାସନ ଜବତ କରିଥିଲା। ଉକ୍ତ ଧାନ ଛତିଶଗଡ଼ରୁ ଆସିଥିବା ହୋଇଥିବା ଆଲୋଚନା ହୋଇଥିଲା। ଅଭିଯୋଗ ଅନୁସାରେ ଓଡ଼ିଶା ସୀମାକୁ ଲାଗିରହିଥିବା ଛତିଶଗଡ଼ ଅଞ୍ଚଳରୁ ବହୁ ପରିମାଣର ଧାନ ଓଡ଼ିଶାକୁ ଚାଲାଣ ହେଉଥିବାବେଳେ ଏହାକୁ ମିଲର୍ସମାନେ ସିଧାସଳଖ ଦଲାଲଙ୍କ ସହାୟତାରେ କମ୍ ଦରରେ କିଣୁଛନ୍ତି। ସେହି ଧାନକୁ ଓଡ଼ିଶାର ବିଭିନ୍ନ ମଣ୍ଡିରେ ମିଥ୍ୟା ଏଣ୍ଟ୍ରିକରି ସରକାରୀ ସ୍ତରରେ କିଣୁଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିମାନଙ୍କରେ ଟାର୍ଗେଟ ଆଗୁଆ ପୂରଣ ହେଉଥିବା ଜଣାପଡ଼ିଛି। କିନ୍ତୁ ଚଳିତ ଖରିଫ ଓ ରବିରେ ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହି ଅନୁସାରେ ଖରିଫରେ ଅଧିକ ପରିମାଣର ଧାନକିଣା ଯାଇଥିବାବେଳେ ରବି ଧାନକିଣା ଟାର୍ଗେଟ ମଧ୍ୟ ବୃଦ୍ଧି କରାଯାଇଛି। ଦେଖିବାକୁ ଗଲେ ଏଥିପାଇଁ ଗୋଟିଏ ପଟେ ରାଜ୍ୟ ସରକାରଙ୍କ ସହଯୋଗ ରହିଥିବାବେଳେ ଅନ୍ୟପଟେ ରାଜ୍ୟ କୃଷିମନ୍ତ୍ରୀ ଏହି କାରବାରର ସତ୍ୟତାକୁ ପଦାରେ ପକାଇଛନ୍ତି। କୃଷକ ଶକ୍ତି ସମାବେଶରେ ଏନେଇ ନିଜ ଅଭିଭାଷଣରେ କହିବା ସହ ଛତିଶଗଡ଼ ଧାନକୁ କିଣିବା ପାଇଁ ମିଲର୍ସ ମାନେ ଚାପ ପକାଉଥିବା ମଧ୍ୟ ସେ କହିଛନ୍ତି। ଉକ୍ତ ମିଲର ମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରିବେ ବୋଲି କୃଷି ମନ୍ତ୍ରୀ କହିଥିଲେ। ଖରିଫ ଓ ରବିରେ ଚାଷୀମାନଙ୍କୁ ଦିଆଯାଇଥିବା ବୋନସ ଟଙ୍କା ପାଇଁ ଏହିଭଳି କାରବାର ଚାଲିଥିବା ପରୋକ୍ଷରେ କହିଥିବାବେଳେ ଛତିଶଗଡ଼ରୁ ଧାନ ଚାଲାଣକୁ ନେଇ ସ୍ୱୀକାର କରିଛନ୍ତି। ଏହି ଧାନ ପ୍ରାୟତଃ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ସତରେ ଏହି ଚାଲାଣକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବେ ନା ସମାବେଶରେ ମାଇଲେଜ ନେବାକୁ ମନ୍ତ୍ରୀ କଥା ଛଳରେ ଏହି ସବୁ କଥା କହିଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରବି ଧାନକିଣାକୁ ଆଉ କିଛି ଦିନ ବାକିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଚାଲାଣ ରୋକିବାକୁ ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି ଓ କେତେ ମିଲର୍ସ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଟି-୨୦ରେ
ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ
▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-351 ◆BHUBANESWAR ◆THURSDAY ◆19 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୧ ◆ଭୁବନେଶ୍ୱର ◆ଗୁରୁବାର ◆୧୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ମଧ୍ୟପ୍ରାଚ୍ୟରେ ମିସାଇଲ୍ ବର୍ଷା; ଇରାନର ଯୁଦ୍ଧ ଘୋଷଣା



■ **ତେହରାନ, ୧୮।୬(ଏଜେନ୍ସି):** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଜି ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଆତ୍ମସମର୍ପଣ ଲାଗି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ । ସେ କହିଛନ୍ତି ଯେ ଇରାନ କେବେହେଲେ ଆତ୍ମସମର୍ପଣ କରିବ ନାହିଁ । ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ଉଚିତ ଜବାବ ଦେବ । ଏହାସହିତ ସେ ଟ୍ରମ୍ପଙ୍କୁ ଧମକ ଦେଇ କହିଛନ୍ତି ଯେ ଯୁଦ୍ଧରେ ଆମେରିକା ସାମିଲ ହେଲେ ଏହାର ପରିଣାମ ଭୟଙ୍କର ହେବ । ଆମେରିକୀୟ ପ୍ରତିଷ୍ଠାନ ଉପରେ ଇରାନ ଏମିତି ଆକ୍ରମଣ କରିବ ଯେ ସେହି ଦେଶକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ । ଇରାନ ତୁରନ୍ତ ଏବଂ ବିନା ସର୍ତ୍ତରେ ଆତ୍ମସମର୍ପଣ କରୁ ବୋଲି ଗତକାଲି ଟ୍ରମ୍ପ ଚେତାବନୀ ଶୁଣାଇଥିଲେ । ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହି ଧମକ ଦେଇଥିବା ବେଳେ ଖାମନେଇ ମଧ୍ୟ 'ଏକ୍ସ' ମାଧ୍ୟମରେ ପ୍ରତିକ୍ରିୟା ଜଣାଇଛନ୍ତି ।

ଏସଂପର୍କରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି, 'ଇରାନ ଉପରେ ଆକ୍ରମଣରେ ଆମେରିକା ସାମିଲ ହୋଇପାରେ, ନହୋଇପାରେ । ମୁଁ କ'ଣ କରିବାକୁ ଯାଉଛି, ତାହା କେହି ଜାଣନ୍ତି ନାହିଁ । କିନ୍ତୁ ଆସନ୍ତା ସପ୍ତାହ ବଡ଼ ଘଟଣା ଘଟିବାକୁ ଯାଉଛି । ଇରାନ କଥାବାର୍ତ୍ତା କରିବାକୁ ଚାହୁଁଛି, କିନ୍ତୁ ବହୁତ ବିଳମ୍ବ ହୋଇଗଲାଣି । ଏଥର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ।' ଇରାନ ଉପରେ ଆକ୍ରମଣ ଜାରି ରଖିବା ଲାଗି ସେ ଇସ୍ରାଏଲକୁ ପରାମର୍ଶ ଦେଇଥିବା ଟ୍ରମ୍ପ କହିଛନ୍ତି ।



**ଆତ୍ମସମର୍ପଣ କରିବୁ ନାହିଁ: ଖାମନେଇ**

**ମୁଁ କ'ଣ କରିବି, କେହି ଜାଣନ୍ତି ନାହିଁ: ଟ୍ରମ୍ପ**



ଟ୍ରମ୍ପ ଓ ଖାମନେଇଙ୍କ ମଧ୍ୟରେ ବୟାନବାଜି ଚାଲିଥିବା ବେଳେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛନ୍ତି । ଆଜି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ହାଇପରସୋନିକ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଆକ୍ରମଣ ଯୋଗୁଁ ରାଜଧାନୀ ତେଲ ଆଭିଭରେ ଏକାଧିକ ବିସ୍ଫୋରଣ ହୋଇଥିବାର ଖବର ମିଳିଛି । ଫତାହ-୨ ନାମକ ଏହି ହାଇପରସୋନିକ କ୍ଷେପଣାସ୍ତ୍ର ଘଣ୍ଟାକୁ ୬୧୦୦ କିଲୋମିଟର ବେଗରେ ଗତି କରେ । ଶବ୍ଦ ଠାରୁ ଏହାର ଗତି ୫ଗୁଣା ଅଧିକ ବୋଲି କୁହାଯାଉଛି । ଏହି କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ଠାବ କରି ଅଟକାଇବା ଅସମ୍ଭବ ବୋଲି କୁହାଯାଉଛି । ତେବେ ଏହି କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର କେତେ କ୍ଷତି ହୋଇଛି, ତାହା ଜଣାପଡ଼ିନାହିଁ । ▶ପୃଷ୍ଠା-୭

# ପାଣିରୁ ଝାଡ଼ାବାନ୍ତି; ଅଧା ଓଡ଼ିଶା ପୀଡ଼ିତ

## କାରଣ ଖୋଜି ପାଇଲାନି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ; ଦେଖାଇଦେଲା କେନ୍ଦ୍ରୀୟ ଟିମ୍

■ **ଭୁବନେଶ୍ୱର / ବାଲେଶ୍ୱର / ବାରିପଦା, ୧୮।୬ (ସମିସ):** ଗୋଟାକ ପରେ ଗୋଟାଏ ଜିଲ୍ଲାକୁ ନିଜ କବଳକୁ ନେଉଛି ଡ଼ାଇରିଆ । ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡ଼ାଇରିଆ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ନିଜର ଭୟାବହ କାୟା ବିସ୍ତାର କରି ଏବେ ମୟୂରଭଞ୍ଜରେ ପହଞ୍ଚିଛି । ୧୦ ଜିଲ୍ଲା ଭାବରେ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ଡ଼ାଇରିଆ ବ୍ୟାପିଛି । ଅନ୍ୟପକ୍ଷରେ ଗତକାଲି ସୁଦ୍ଧା ଡ଼ାଇରିଆରେ ୨୦ ଜଣ ମୃତ୍ୟୁବରଣ କରିଥିବାବେଳେ ଆଜି ବାଲେଶ୍ୱରରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି । ଫଳରେ ଡାଇରିଆ ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି । ଏହି ସ୍ଥିତିରେ ଡ଼ାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ପରିସ୍ଥିତି ଯାଞ୍ଚ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଥିବା ରିପୋର୍ଟ ସରକାରଙ୍କ ମୁଖା ଖୋଲିଛି । ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟରୁ ଯାଜପୁର ଜିଲ୍ଲାରେ ଡ଼ାଇରିଆ ବ୍ୟାପିବା ଆରମ୍ଭ ହୋଇଛି ବୋଲି ଏହି ଟିମ୍ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ଦେଇଥିବା ସୂଚନା ମିଳିଛି ।

ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ସାଂଘାତିକ ରୂପ ନେଇଛି । ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଝାଡ଼ାବାନ୍ତି ବା ଡ଼ାଇରିଆ ବ୍ୟାପିବାରେ ଲାଗିଛି । ବିଭିନ୍ନ ଡ଼ାକ୍ତରଖାନାରେ ହଜାର ହଜାର ▶ପୃଷ୍ଠା-୭

**ମୟୂରଭଞ୍ଜକୁ ଡେଇଁଲା: ଉଦଳା ଉପଖଣ୍ଡ ଡାକ୍ତରଖାନାରେ ୨୧ ରୋଗୀ**



**ଯାଜପୁର: ଆଉ ୫ ନମୁନାରେ କଲେରା ପଜିଟିଭ୍**

**ବ୍ୟାସନଗରରେ ଗଡ଼ିଲା ୨ ମୁଣ୍ଡ; ଜିଲ୍ଲାରେ ମୃତ୍ୟୁସଂଖ୍ୟା ୧୮ ଛୁଇଁଲା**

**ବାଲେଶ୍ୱର: ଉତ୍କଳ ବାଳାଶ୍ରମରେ ୨୪ ଅନ୍ତେବାସୀ ଆକ୍ରାନ୍ତ**

### ବିଜୁ ଯୁବ ଛାତ୍ର ଜନଜାଗରଣ ମଞ୍ଚରେ ସରକାରଙ୍କୁ ନବୀନଙ୍କ ନିଶାଣ

# ବର୍ଷେ ଏକ, ବିଫଳତା ଅନେକ



■ **ପୁରୀ, ୧୮।୬ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ବର୍ଷେ ପୂରିଛି । ହେଲେ ସରକାର ସବୁ କ୍ଷେତ୍ରରେ ବିଫଳ । ଓଡ଼ିଶାବାସୀଙ୍କୁ ମିଛ କହି ବିଜେପି ସରକାର ପ୍ରତାରିତ କରିଛି । ନିର୍ବାଚନ ବେଳେ ଅନେକ ବଡ଼ ବଡ଼ କଥା ଦେଇଥିଲେ । ହେଲେ ତାହାକୁ ପାଳନ କଲେ ନାହିଁ, ଓଲଟି ବିଜେଡ଼ି ସରକାରଙ୍କ ସବୁ କଲ୍ୟାଣକାରୀ ଯୋଜନା ବନ୍ଦ କରିଦେଲେ । ବିଏସ୍‌କେୱାଇ ପରି ଲୋକପ୍ରିୟ ଯୋଜନା ବଦଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଆୟୁଷ୍ମାନ ଯୋଜନା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି ।

**ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନବୀନଙ୍କ ପରାମର୍ଶ**

ତେଣୁ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବଛାତ୍ରମାନେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ।

ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜେଡିର ବିଶାଳ ଯୁବ-ଛାତ୍ର ▶ପୃଷ୍ଠା-୭

# ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ



**କୋକିଲାବେନ୍ ଧୀରୁଭାଇ ହସପିଟାଲରେ ହେବ ଚିକିତ୍ସା**

**ନବୀନଙ୍କ ଅନୁପସ୍ଥିତିରେ ଦଳୀୟ ବ୍ୟାପାର ବୁଝିବ ପିଏସି**

**ଆଶୁ ଆରୋଗ୍ୟ କାମନା କଲେ ମୋହନ, ଧର୍ମେନ୍ଦ୍ର**

■ **ଭୁବନେଶ୍ୱର, ୧୮।୬ (ସମିସ):** ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ । ଆସନ୍ତା ଜୁନ ୨୨ ତାରିଖରେ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଠାରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା କରାଯିବ । ଏ ସମ୍ପର୍କରେ ନବୀନ ନିଜେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି ।

ନବୀନ କହିଛନ୍ତି ଯେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ମୋର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ହେବ । ମୋର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ । ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ ଶୁଭେଚ୍ଛାରେ ଶୀଘ୍ର ଓଡ଼ିଶା ଫେରିବି ଓ ରାଜ୍ୟବାସୀଙ୍କ ସେବା ଜାରି ରଖିବି ବୋଲି ନବୀନ କହିଛନ୍ତି । ଅନ୍ୟପକ୍ଷରେ ତାଙ୍କ ଉପସ୍ଥିତିରେ ବିଜେଡିର ଦୈନନ୍ଦିନ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦଳର ରାଜନୈତିକ ବ୍ୟାପାର କମିଟି ଉପରେ ନ୍ୟସ୍ତ କରିଛନ୍ତି ନବୀନ । ଏହାସହ ବରିଷ୍ଠ ଉପ ସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଏହି ସମୟରେ ଦଳର ଛାମୁଆ ସଂଗଠନ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଏବଂ ସମନ୍ୱୟ ରକ୍ଷା କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି ।

ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ସୁସ୍ଥ ହେବା ଲାଗି କାମନା କରିଛନ୍ତି । 'ଏକ୍ସ'ରେ ସେ କହିଛନ୍ତି ଯେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ । ତାଙ୍କର ▶ପୃଷ୍ଠା-୭

**ମୟୂରଭଞ୍ଜରେ ଲଜ୍ଜା**

# ଘରୁ ଉଠାଇନେଇ ବିବାହିତାଙ୍କୁ ଗଣଦୁଷ୍କର୍ମ

■ **ବାରିପଦା, ୧୮।୬ (ସମିସ):** ରାଜ୍ୟର ପ୍ରତିଦିନ କେଉଁଠି ନା କେଉଁଠି ଗଣ ଦୁଷ୍କର୍ମ ଘଟଣା ଘଟୁଛି । ଗତ ୩ ଦିନ ମଧ୍ୟରେ ୩ଟି ଗଣଦୁଷ୍କର୍ମ ରାଜ୍ୟର ଆଇନଶୃଙ୍ଖଳାର ଅଧୋଗତିକୁ ସ୍ପଷ୍ଟ କରି ଦେଇଛି । ଏହି କ୍ରମରେ ଜଣେ ବିବାହିତା ମହିଳାଙ୍କୁ ଅପହରଣ କରି ୪ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିବା ମୟୂରଭଞ୍ଜ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି । ବାରିପଦା ସଦର ଥାନା ଅଞ୍ଚଳରେ ସମ୍ପୃକ୍ତ ମହିଳା ଗତ ୧୬ତାରିଖ ନିଜ ଘରେ ଏକାକୀ ଥିଲେ । କୌଣସି କାର୍ଯ୍ୟବଶତଃ ତାଙ୍କ ସ୍ୱାମୀ ବାହାରକୁ ଯାଇଥିଲେ । ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତି ସୁଯୋଗ ନେଇ ରାଜାବସା ଅଞ୍ଚଳର ଗୌରମୋହନ ସିଂ, ଧନୁ ହେମ୍ବ୍ରମ ଓ ଚୁନୁରାମ ସୋରେନ, ନଦୀଗାଁ ଅଞ୍ଚଳର ଅଜୟ ସିଂହ ସମ୍ପୃକ୍ତ ମହିଳାଙ୍କୁ ବଳପୂର୍ବକ ତାଙ୍କ ଘରୁ ଅପହରଣ କରି ନେଇଥିଲେ । ▶ପୃଷ୍ଠା-୭

### ରାଜ୍ୟ ମନ୍ତ୍ରୀଙ୍କ ଦକ୍ଷତା ଦେଖି ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍

# ରିପୋର୍ଟ କାର୍ଡ ସାରା ନାଲି ମୁଣ୍ଡୁଳା

■ **ଭୁବନେଶ୍ୱର, ୧୮।୬ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି । ସମ୍ପ୍ରସାରଣ ପାଇଁ ରୂପରେଖ ପ୍ରାୟତଃ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଆଶାୟୀଙ୍କ ଛାତି ଧଡ଼ଧଡ଼ ହେଉଛି । ମାତ୍ର ସମ୍ଭାବ୍ୟ ମନ୍ତ୍ରୀମଣ୍ଡଳର ରୂପରେଖ ପ୍ରସ୍ତୁତ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି । ମନ୍ତ୍ରିମଣ୍ଡଳରେ କାହାକୁ ନେବେ, କାହାକୁ ବାଦ୍ ଦେବେ ସେ ନେଇ ଆପାତତଃ ନିଷ୍ପତ୍ତି ହୋଇ ସାରିଛି । ମାତ୍ର କୌତୂହଳର ବିଷୟ ହେଉଛି ବିଭାଗ ବଣ୍ଟନକୁ ନେଇ ବାହାରିଛି କେଁ । ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ରିପୋର୍ଟ ଦେଖିବା ପରେ ଦଳର ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍ ହୋଇ ଯାଇଛି । ମନ୍ତ୍ରୀମାନେ ପ୍ରଦାନ କରିଥିବା ନିଜନିଜ ବିଭାଗର ରିପୋର୍ଟ କାଡର୍ କେବଳ ନାଲି ମଣ୍ଡୁଳା, ଛକି ଓ ଶୂନରେ ଭରି ଯାଇଛି ।




**ବିଭାଗ ବଣ୍ଟନକୁ ନେଇ କେଁ**

**ଟିଭି ମିଡିଆରେ ଘନଘନ ବୟାନବାଜୀ; କାମରେ ପୂରା ଶୂନ**

ଗତ ଏକବର୍ଷ ମଧ୍ୟରେ ରାଜ୍ୟରେ ବିକାଶ କାମ ଏକପ୍ରକାର ବନ୍ଦ ହୋଇ ଯାଇଛି । ବିଭିନ୍ନ ବିଭାଗଗୁଡ଼ିକ ନିଜର ବଜେଟ ବରାଦ ଖର୍ଚ୍ଚ କରିବାରେ ଅସଫଳ ହୋଇଛନ୍ତି । ନିଜେ ବିଜେପିର ନେତୃବୃନ୍ଦ ମଧ୍ୟ ଏଭଳି ଅପ୍ରିୟ ସତକୁ ସ୍ୱୀକାର କରୁଛନ୍ତି । ସାରା ବର୍ଷଜାକ ମନ୍ତ୍ରୀମାନେ କେବଳ ଟିଭି ମିଡିଆ ବାଇଟରେ ବଡ଼ ବଡ଼ ମୁହଁ ଫୁଟାଣି ମାରିଛନ୍ତି । ଏପରିସ୍ଥଳେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ କାହାକୁ ▶ପୃଷ୍ଠା-୭

# ବିଗିଡ଼ିଗଲାଣି '୧୦୮' ଆମ୍ବୁଲାନ୍ସର ସ୍ୱାସ୍ଥ୍ୟ




■ **ଭୁବନେଶ୍ୱର, ୧୮।୬(ସମିସ):** ଅଧା ଓଡ଼ିଶାରେ ଝାଡ଼ାବାନ୍ତି ବ୍ୟାପିଛି । ଗ୍ରାମାଞ୍ଚଳର ଗୁରୁତର ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସର ଆବଶ୍ୟକତା ପଡୁଛି । କିନ୍ତୁ, ସରକାରଙ୍କ୧୦୮ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଠିକ୍ ସମୟରେ ରୋଗୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚିପାରୁନି । ୧୦ଥର ଫୋନ୍ କରିବା ପରେ ଯେଉଁ ଗାଡ଼ି ପହଞ୍ଚୁଛି, ସେଥିରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ବର୍ତ୍ତମାନ ଲଗାଣ ବର୍ଷା ସମୟରେ ଅଧିକାଂଶ ଆମ୍ବୁଲାନ୍ସରେ କାଚ ସଫା କରିବା ୱାଇପର୍ କାମ କରୁନି । ଏଥିଯୋଗୁଁ ଚାଳକ ରାସ୍ତା ଦେଖିପାରୁନାହାନ୍ତି କି ଗୁରୁତର ରୋଗୀଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ପାରୁନାହାନ୍ତି । ଏଥିସହ ଯେଉଁ ପରିମାଣରେ କଲ୍ ଆସୁଛି, ସେହି ଅନୁପାତରେ ଗାଡ଼ି କି ଡ୍ରାଇଭର୍ ନାହାନ୍ତି । ତେଣୁ ଗୋଟିଏ ଗୋଟିଏ ଗାଡ଼ିକୁ ଓଭର୍‌ଟାଇମ୍ କାମ କରିବାକୁ ପଡୁଛି । ଏହାଦ୍ୱାରା ଚାଳକ ଚାପଗ୍ରସ୍ତ ହେଉଛନ୍ତି । ଫଳରେ ଆମ୍ବୁଲାନ୍ସ ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି । ମାତ୍ର ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି । ଅପରପକ୍ଷରେ 'ଓଡ଼ିଶା ଯାତ୍ରୀ' ସରକାରୀ ଆପ୍ ମାଧ୍ୟମରେ ଲୋକେ ଏଣିକି ଘରୋଇ ଆମ୍ବୁଲାନ୍ସ ବୁକିଂ କରିପାରିବେ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘୋଷଣା କରିଛନ୍ତି । ମନ୍ତ୍ରୀଙ୍କ ଏପରି ଘୋଷଣା ଘରୋଇ ଆମ୍ବୁଲାନ୍ସକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣରେ ସମାଲୋଚନା କରାଯାଇଛି ।

- **ସମୟରେ ସେବା ପାଇପାରୁ ନାହାନ୍ତି ରୋଗୀ**
- **ମରାମତି, ରକ୍ଷଣାବେକ୍ଷଣର ଘୋର ଅଭାବ**
- **ଚାପରେ ରହୁଛନ୍ତି ଚାଳକ, ବଢ଼ୁଛି ଦୁର୍ଘଟଣା**

ସୂଚନାନୁସାରେ, ୫ ମାର୍ଚ୍ଚ ୨୦୧୩ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା । ସେତେବେଳେ ପ୍ରଥମକରି ମୋଟ ୮୬୬ ଆମ୍ବୁଲାନ୍ସ ସାରା ରାଜ୍ୟ ପାଇଁ ମିଳିଥିଲା । ଏଥିରେ ୪୧୧ଟି ଏଏଲ୍ଏସ୍(ଆଡଭାନ୍ ଲାଇଫ୍ ସପୋର୍ଟ) ଆମ୍ବୁଲାନ୍ସ ଥିବାବେଳେ ୪୪୯ଟି ବିଏଲ୍ଏସ୍(ବେସିକ୍ ଲାଇଫ ସପୋର୍ଟ) ଓ ୬ଟି ବୋଟ୍ ଆମ୍ବୁଲାନ୍ସ ମଞ୍ଜୁର ହୋଇଥିଲା । ଏଥିରୁ ୪୨୦ଟି ଆମ୍ବୁଲାନ୍‌ସ ଏକପ୍ରକାର ଅଚଳ ପରିସ୍ଥିତିକୁ ଆସି ସାରିଛି । ଏସବୁ ଗାଡ଼ିଗୁଡ଼ିକର ଅବଧି ସରିବା ସହ ଧାର୍ଯ୍ୟ ଦୂରତାଠାରୁ ଅଧିକ ବାଟ ଗଡ଼ି ସାରିଲାଣି । ଗୋଟିଏ ଗୋଟିଏ ଆମ୍ବୁଲାନ୍ସ ୧୦ଲକ୍ଷରୁ ଊର୍ଦ୍ଧ୍ୱ କିମି ଚାଲିଥିବା କୁହାଯାଉଛି । ଏଥିସହ ଉପକୂଳ ଓଡ଼ିଶାରେ କଳଙ୍କି ବା ରଷ୍ଟିଂ ଆମ୍ବୁଲାନ୍ସ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଛି । ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲ୍ଲାକୁ ବାଦ୍ ଦେଲେ ଖୋର୍ଦ୍ଧା, ମୟୂରଭଞ୍ଜ ଓ ଗଜପତି ଜିଲ୍ଲାର କିଛି ଅଂଶରେ ଚାଲୁଥିବା ଆମ୍ବୁଲାନ୍ସକୁ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ସେତିକି ନୁହେଁ; ଏହି ୪୨୦ଟି ଆମ୍ବୁଲାନ୍ସର ବଦଳିବା ପ୍ରକ୍ରିୟା ସରିବା ବେଳକୁ ଆହୁରି ୨୦୪ଟି ୧୦୮ ଆମ୍ବୁଲାନ୍ସର ଅବଧି ଶେଷ ହୋଇଯିବ । ୨୦୨୬ ମସିହା ବେଳକୁ ଏସବୁ ▶ପୃଷ୍ଠା-୭

### ଦେଖାଯାଉନି ଜଳ ନିଷ୍କାସନ ବ୍ୟବସ୍ଥା

# ରାସ୍ତା ନିର୍ମାଣ ଯୋଗୁଁ ଜଳବନ୍ଦୀ

ପାଣିକୋଇଲି, ୧୮ ।୬(ସମିସ)

ଜାତୀୟ ରାଜପଥ ୧୬ ନଂ. ଠାରୁ ଦାମୋଦରପୁର ଗ୍ରାମ ଦେଇ ଜାତୀୟ ରାଜପଥ ୨୦ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି । କିନ୍ତୁ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ କରି ରାସ୍ତା ନିର୍ମାଣ କରିବା ଫଳରେ ଗ୍ରାମର କିଛି ପରିବାର ଏବେ ଜଳବନ୍ଦୀ ଭାବେ ରହୁଛନ୍ତି । ଯାଜପୁର ଜିଲ୍ଲାରେ ମହାମାରୀ ହଇଜା ଓ ଝାଡ଼ାବାନ୍ତି ନିଜର କାୟାବିସ୍ତାର କରି ଚାଲିଥିବା ବେଳେ ଜିଲ୍ଲାରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିସାରିଲେଣି । କିନ୍ତୁ ରୋଗ ଥମିବାର ନାଁ ଧରୁନାହିଁ । ଏପରିସ୍ଥଳେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ ନଦେଇ ରାସ୍ତା ନିର୍ମାଣ କରିବା ଫଳରେ କିଛି ଅଞ୍ଚଳବାସୀ ପାଣି ଘେରରେ ରହି ଜଳବନ୍ଦୀ ଭାବେ ବଞ୍ଚୁଛନ୍ତି । ମହାମାରୀ ହଇଜା ଏକ ଜଳବାହିତ ରେଗ ହୋଇଥିବାରୁ ସରକାର ବାରମ୍ବାର ଏ ନେଇ କୌଣସି ସ୍ଥାନରେ ପାଣି ନ ଜମିବା ନେଇ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେଉଛନ୍ତି । କିନ୍ତୁ ପାଣିକୋଇଲି ପଞ୍ଚାୟତ ଅଧୀନସ୍ଥ ଦାମୋଦରପୁର ଗ୍ରାମ ରାସ୍ତାର ଉକ୍ତ ସ୍ଥାନଟିରେ ବର୍ଷା ଜଳ ଜମି ରହିବା ହଇଜାକୁ ନିମନ୍ତ୍ରଣ କରୁଛି କହିଲେ ଅତ୍ୟୁକ୍ତି ହେବ ନାହି । ଏ ନେଇ ସେ ସ୍ଥାନର ଅଞ୍ଚଳବାସୀ ଉକ୍ତ ଠିକାଦାରକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ ପଞ୍ଚାୟତ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି ।



# ରଥଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ସୁକିନ୍ଦା, ୧୮ ।୬(ସମିସ): ଆସନ୍ତା ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୁଧବାର ସୁକିନ୍ଦା ବ୍ଲକ ସଭାଗୃହରେ ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସୁକିନ୍ଦା ରାଜାସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଦେବୋତ୍ତର କମିଟି ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଡାଇରିଆ ଉପରମୁହାଁ ଥିବାରୁ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାତ୍ରା ପୂର୍ବରୁ ପରିମଳ ବ୍ୟବସ୍ଥାକୁ କଡାକଡି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳକୁ ପ୍ରଥମେ ସଫେଇ ଓ ବିଶୋଧନ କରିବା ସହ ଆବଶ୍ୟକତା ଅନୁଯାୟୀ ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ, ସ୍ୱାସ୍ଥ୍ୟସେବା, ସୂଚନା କେନ୍ଦ୍ର, ଯାନବାହାନ ପାଇଁ ସୁରକ୍ଷିତ ଷ୍ଟାଣ୍ଡ, ବିଦ୍ୟୁତ୍ ସେବା ଓ ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୁଲିସ ସେବା ଯୋଗାଇଦେବା ଆଦି ବିଷୟରେ ଆଲୋଚନା କରାଯାଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ନମ୍ରତା ମୋଦି, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳ, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟଦେବ ନନ୍ଦ, ଆର୍‌ଆଇ ସ୍ୱିଗ୍ଧାରାଣୀ ନନ୍ଦୀଙ୍କ ସମେତ ଅଗ୍ନିଶମ ବିଭାଗ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗର ଅଧିକାରୀ ଓ ସ୍ଥାନୀୟ ଦେବୋତ୍ତର ବିଭାଗର ସଦସ୍ୟ ଉପସ୍ଥିତ ଥିଲେ ।



# ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଲେ

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ଥାନାର ଜାରକା ଅଞ୍ଚଳ ସୁନାଚେନ ଲୁଟେରାଙ୍କ ଚରା ଭୂଇଁ ପାଲଟିଛି । ବାରମ୍ବାର ଚୋରି ସତ୍ତ୍ୱେ ପୁଲିସ ସେମାନଙ୍କ ଟେର ପାଉନି । କେବଳ ଏତଲାରେ ରହିଯାଉଛି ଅଭିଯୋଗ, କିନ୍ତୁ ତଦନ୍ତ ଶୂନ୍ୟ । ଏହି କ୍ରମରେ ଗତ ସୋମବାର ଅପରାହ୍ନରେ ଜାରକା ୟୁକୋ ବ୍ୟାଙ୍କ ସମ୍ମୁଖ ବସ୍ ଷ୍ଟାଣ୍ଡ ନିକଟ ସର୍ଭିସ୍ ରୋଡରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।



ଏହି ଦୃଶ୍ୟ ମଧ୍ୟ ନିକଟସ୍ଥ ଏକ ଦୋକାନର କ୍ୟାମେରାରେ କଏଦ ହୋଇରହିଛି । ଘଟଣାରୁ ପ୍ରକାଶ ଯେ, ବ୍ରହ୍ମବରଦା ଥାନା ରୁଦ୍ରପୁର ବଡ଼ ବାଘସାହି ଅଞ୍ଚଳର କୁଶଦେବ ମହାନ୍ତିଙ୍କ ଝିଅ ସୁମିତ୍ରା ମହାନ୍ତି ଓ ତାଙ୍କ ଭଉଣୀ ଏକ ସ୍କୁଟିରେ କୁଆଖିଆରୁ ଜାରକା ବଜାରକୁ ଆସୁଥିଲେ । ଅପରାହ୍ନ ୪ଟା ବେଳେ ୨ଜଣ ଯୁବକ ଏକ ପଲସର୍ ବାଇକରେ ପିଛା କରି ବସ୍‌ଷ୍ଟାଣ୍ଡ ସନ୍ନିକଟ ୟୁକୋ ବ୍ୟାଙ୍କ ନିକଟରେ ବାଇକ୍ ଚାଲୁଥିବା ଅବସ୍ଥାରେ ପଛରେ ବସିଥିବା ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ସୁମିତ୍ରା ତାଙ୍କ ପିଛା କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇ ନଥିଲେ । ସୁନା ଚେନଟି ୧୦ ଗ୍ରାମ ଓଜନର ବୋଲି ସେ କହିଛନ୍ତି । ଏନେଇ ସେ ଥାନାରେ ଏତଲା ଦେଇଛନ୍ତି ।

# ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟରେ ୩୦୨ ଛାତ୍ରଛାତ୍ରୀ ନାମ ଲେଖାଇଲେ

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକର ବିଭିନ୍ନ କଲେଜରେ ଯୁକ୍ତ ୩ର ନାମଲେଖା ଇତି ମଧ୍ୟରେ ଶେଷ ହୋଇଛି । ସୂଚନା ଦିଆ ଯାଇଥିବା ଛାତ୍ରଛାତ୍ରୀ ମଧ୍ୟରୁ ଅଧାରୁ କମ ନାମ ଲେଖାଇଥିବା ଜଣାପଡ଼ିଛି । ଧର୍ମଶାଳା ବ୍ଲକ ଅଧିନସ୍ଥ ୫ଟି ଡିଗ୍ରୀ କଲେଜରେ ପ୍ରଥମ ପର୍ଯ୍ୟାୟରେ କାଳ, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖିବା ପାଇଁ ୭୫୫ ଜଣ ଛାତ୍ରଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୦୨ଜଣ ନାମ ଲେଖାଇଥିବା ଜଣାପଡ଼ିଛି । ଧର୍ମଶାଳା ଡିଗ୍ରୀ କଲେଜରେ ପ୍ରଥମ ପର୍ଯ୍ୟାୟରେ କଳାରେ ନାମ ଲେଖାଇବାପାଇଁ ୧୬୩ ଜଣକୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୨ଜଣ, ବିଜ୍ଞାନରେ ୧୧୦ଜଣକୁ ସୂଚନା ଦିଆଯାଇଥିବା ବେଳେ ୨୪ଜଣ ଓ ବାଣିଜ୍ୟରେ ୧୬ ଜଣଙ୍କ ମଧ୍ୟରୁ ମାତ୍ର ୭ଜଣ ନାମ ଲେଖାଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ସେହିପରି ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କଳାରେ ୧୩୨ ଜଣ ମଧ୍ୟରୁ ୭୦ଜଣ, ବିଜ୍ଞାନରେ ୪୨ ଜଣକୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୨୨ଜଣ ନାମ ଲେଖାଇଛନ୍ତି । ଜେନାପୁର ଡିଗ୍ରୀ କଲେଜର କଳାରେ ୧୩୦ଜଣକୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୫୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଜଗନ୍ନାଥଜିଉ ଡିଗ୍ରୀ ମହାବିଦ୍ୟାଳୟ କଳାରେ ୪୭ଜଣକୁ ସୂଚନା ଦିଆଯାଇଥିବା ବେଳେ ୧୬ ଜଣ ନାମ ଲେଖାଇଛନ୍ତି । ଧର୍ମଶାଳା ମହିଳା ଡିଗ୍ରୀ କଲେଜର କଳାରେ ୭୫ ଜଣ ଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୬ ଜଣ ଛାତ୍ରୀ ନାମ ଲେଖାଇଛନ୍ତ ।

ସୂଚନାଯୋଗ୍ୟ, ଧର୍ମଶାଳା ବ୍ଲକର ୫ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୧୨୧୬ ଟି ସିଟ ଥିବାବେଳେ ପ୍ରଥମ ପସନ୍ଦ ଭାବେ ନାମଲେଖାଇବା ପାଇଁ ୮୯୮ ଜଣ ଆବେଦନ କରିଥିଲେ । ଯାହାଦ୍ୱାରା କି ଚଳିତ ବର୍ଷ ଯୁକ୍ତ ୩ ରେ ଅନେକ ସିଟ ଖାଲି ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି । ଚଳିତ ବର୍ଷ ନାମଲେଖା ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟ ରେ ଅଧା ରୁ କମ ହୋଇଥିବାରୁ ଛାତ୍ରଛାତ୍ରୀମାନେ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେଉଥିବା ଆଲୋଚନା ହେଉଛି ।

### ● ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ

# ଅଭିଯୋଗରେ ଜଣେ ଗିରଫ

ସୁକିନ୍ଦା, ୧୮ ।୬(ସମିସ): ସୁକିନ୍ଦା ସଦର ମହକୁମାରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ଛାତ୍ରୀ ନିବାସ ୱାର୍ଡେନକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି । ସୁକିନ୍ଦା ବ୍ଲକ ରୋଡ୍‌ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ମୁଖ୍ୟ ୟାସିନ ଖାନ କଲେଜ ରୋଡରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରର ଛାତ୍ରୀ ନିବାସ ମହିଳା କର୍ମଚାରୀଙ୍କୁ ବିଭିନ୍ନ ପ୍ରଲୋଭନ ଓ ଭୟ ଦେଖାଇ ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ବିଭିନ୍ନ ଆପତ୍ତିଜନକ ଫଟୋ ସଂଗ୍ରହ କରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିବା ନେଇ ସମ୍ପୃକ୍ତ ମହିଳା କର୍ମଚାରୀ ସୁକିନ୍ଦା ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ମହିଳା କର୍ମଚାରୀ ପୂର୍ବରୁ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିଲେ । ଗତ କିଛିଦିନ ହେବ ସମ୍ପୃକ୍ତ ଯୁବତୀ ଉକ୍ତ ଶିକ୍ଷାନୁଷ୍ଠାନ ଛାଡ଼ି କଲେଜ ରୋଡରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଛାତ୍ରୀ ନିବାସ ୱାର୍ଡେନ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଧମକ ଦେଇ ଓ ମୋଟା ଅଙ୍କର ଟଙ୍କା ଦେବାର ଲୋଭ ଦେଖାଇ ସେହି ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀଙ୍କ ଆପତ୍ତିଜନକ ଫଟୋ, ଭିଡିଓ ଉତ୍ତୋଳନ କରିବାକୁ ୟାସୀନ ଯୁବତୀଙ୍କୁ ବାଧ କରିଥିବା ଯୁବତୀ ପୁଲିସ ନିକଟରେ ପ୍ରକାଶ କରିଛନ୍ତି । ପୁଲିସ ଘଟଣାରେ ୧୩୯/୨୦୨୫ ଏକ ମାମଲା ରୁଜୁ କରି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୟାସିନ ଖାନକୁ ଗିରଫ କରି ଫଟୋ ଉତ୍ତୋଳନ କରିଥିବା ଯୁବତୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

# ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଭଞ୍ଜଙ୍କ ପରଲୋକ

ରଗଡ଼ି, ୧୮ ।୬(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅବିଭକ୍ତ କନ୍ତୋର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାଚରାସାହି ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଓ ଅଞ୍ଚଳର ଜଣେ ବିଶିଷ୍ଟ ଫୁଟବଲ ଖେଳାଳି ରାମଚନ୍ଦ୍ର ଭଞ୍ଜ (୭୫)ଙ୍କ ମଙ୍ଗଳବାର ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ସପ୍ତାହ ତଳେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ । ବୁଧବାର ସକାଳେ ମରଶରୀର ତାଙ୍କ ଗ୍ରାମ କାଚରାସାହି (ନହଣକୁଳ)ରେ ପହଞ୍ଚିଥିଲା । ଖବର ପାଇ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ଗୌରୀ ଶଙ୍କର ମହାପାତ୍ର, ସନ୍ତୋଷ କୁମାର ସ୍ୱାଇଁ ଓ ସାରଙ୍ଗଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, କୋରେଇ ବ୍ଲକ ଉପା ଧକ୍ଷ ପ୍ରଫୁଲ୍ଲ କୁମାର ଦାଶ, ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ବରାଳ ଓ ଅଥୟ କୁମାର ମହାନ୍ତି, ପଚ୍ଛିକୋଟ ପଞ୍ଚାୟତ ବିଜେଡି ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସମବାୟବିତ ହିମାଂଶୁ ଶେଖର ବରାଳ, କଂଗ୍ରେସ ବରିଷ୍ଠ ନେତା ହରେକୃଷ୍ଣ ସାହୁ, ଶିକ୍ଷାବିତ ଜୟାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀଧର ରାଉତ, ବିଜୟ କୁମାର ନାୟକ ଓ ଯଯାତି କେଶରୀ ମହାପାତ୍ର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମୃତ୍ୟୁରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ପୂର୍ବତନ ବିଧାୟକ ଅଶୋକ ବଳ ଓ ପ୍ରୀତିରଞ୍ଜନ ଘଡ଼ାଇ, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର ଖୁଣ୍ଟିଆ ଓ ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷ ଭିକାରୀ ବରାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ସରୋଜିନୀ ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁଙ୍କ ୫ମ ବାର୍ଷିକ ଶ୍ରାଦ୍ଧଉତ୍ସବ ପାଳିତ ହୋଇଯାଇଛି । ସରୋଜିନୀ ସ୍ୱାଇଁ ଫାଉଣ୍ଡେସନ ତରଫରୁ ଆୟୋଜିତ ଶ୍ରାଦ୍ଧ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ସଭାପତିତ୍ୱ କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ.କୁମରବର ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ । ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ବାଲସାହିତ୍ୟ ବିଜେତା ଡ. ରାଜକିଶୋର ପାଢ଼ୀ, କବି ପଦ୍ମଜା ଶରଣ, ଆଧାଶିକବାଦୀ ସହକାରୀ ଯନ୍ତ୍ରୀ ଅରୁଣ କୁମାର ମଲ୍ଲିକ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱର୍ଗୀୟକ୍ଷ ସ୍ୱାଇଁ ଙ୍କ ସ୍ମୃତିରେ ଏକ ସ୍ମରଣିକା 'ସୌଗନ୍ଧିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ.ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ଅବସରପ୍ରାପ୍ତ ଶିକ୍ଷକ ତଥା ସ୍ମରଣିକା ର ମୁଖ୍ୟ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିର୍ମଳ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ ଧନ୍ୟବାଦ ଦେଇଥିଲେ ।




# ବାଲି ହାଇୱା ଚାଳକ ଗିରଫ

ପାଣିକୋଇଲି, ୧୮ ।୬(ସମିସ): ବୈତରଣୀ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ ଚୋରା ବାଲି ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି । ତେବେ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ସିତେଶ କୁମାର ନାୟକ ପାଣିକୋଇଲି ବଜାର ଉପରେ ଚଢ଼ଉ କରି ଏକ ଚୋରା ବାଲି ବୋଝେଇ ହାଇୱା (ଓଡି୦୪ଏନ୭୭୩୨)କୁ ଜବତ କରିଥିଲେ । ଉକ୍ତ ଗାଡ଼ିର ମାଲିକ ଏ ନେଇ କୌଣସି ଜରିମାନା ଦେବାକୁ ମନା କରିବାରୁ ଶ୍ରୀ ନାୟକ ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଫଳରେ ପୁଲିସ ଏକ ମାମଲା ୧୫୦/୨୫ ରୁଜୁ କରି ଗାଡ଼ିକୁ ଜବତ କରିବା ସହିତ ଚାଳକ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ବନ୍ଧ ଗ୍ରାମର ମନୋଜ କୁମାର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନାର ଏଏସଆଇ ସୁମିତ କୁମାର କୁଜୁର ଜଣାଇଛନ୍ତି ।



# ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତିମିତ୍ର ପୁରସ୍କାର

ବରୀ, ୧୮ ।୬(ସମିସ): ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁର ଜିଲ୍ଲାର ଅଗ୍ରଣୀ ଘରୋଇ ଶିକ୍ଷାନସ୍ଥାନ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତିମିତ୍ର ସମ୍ମାନ ପ୍ରଦାନ କରାଯାଇଛି । ପ୍ରୋତ୍ସାହନ ସ୍ୱରୂପ ଅନୁଷ୍ଠାନର ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଶିକ୍ଷାଶ୍ରମର ସଭାପତି ତଥା ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରା ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଜଙ୍ଗଲମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆଙ୍କ ଠାରୁ ପ୍ରମାଣ ପତ୍ର ଓ ଅର୍ଥରାଶି ଗ୍ରହଣ କରିଥିଲେ । ଶିକ୍ଷାଶ୍ରମର ପରିବେଶ ସଂରକ୍ଷଣ କ୍ଷେତ୍ରରେ ଏପରି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି ।

**ଜରୁରୀ ସୂଚନା**

Lakheswar Agency ପକ୍ଷରୁ OSFDC Department ନାମରେ କୌଣସି Letter କାହାରିକୁ ଦିଆଯାଇ ନାହିଁ । ଯଦି କୌଣସି ଖଳ ପ୍ରକୃତିର ବ୍ୟକ୍ତି Lakheswar Agency ନାମରେ Letter କରୁଥାଆନ୍ତି, ତେବେ ତୁରନ୍ତ ମୋବାଇଲ୍ ନମ୍ବର 8280739643 ରେ ଯୋଗାଯୋଗ କରନ୍ତୁ ।

*Managing Director*
Lakheswar Agency

# ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକ ଅରେଇକଣା ଗ୍ରାମର ଛାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ୫୭୨ ମାର୍କ ରଖି ସମଗ୍ର ଭାରତବର୍ଷରେ ୪୯୬୧ ମାନ୍ୟତାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଶ୍ରଦ୍ଧାଞ୍ଜଳି ପିଲାଟି ବେଳୁ ଜଣେ ମେଧାବୀ ଛାତ୍ରୀ ଥିଲେ । ରେଇକଣା ହାଇସ୍କୁଲରେ ୧୦ମ ବାର୍ଷିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିଥିବା ବେଳେ +୨ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସଫଳତା ପାଇଁ ସେ ତାଙ୍କ ବାପା ମା' ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, +୨ କଲେଜର ସମସ୍ତ ଅଧାପକ ଅଧାପିକା ଓ କୋଚିଂ ନେଉଥିବା ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ମେଡିକାଲ ପଢ଼ା ସରିବା ପରେ ଗରିବ ଲୋକଙ୍କ ସେବା କରିବେ ବୋଲି ସେ କହିଛନ୍ତି । ଶ୍ରଦ୍ଧାଞ୍ଜଳିଙ୍କ ବାପା ସରୋଜ କୁମାର ରାୟ ଓ ମା' ଦ୍ରୌପଦୀ ନାୟକ ଉଭୟେ ଶିକ୍ଷକତା କରୁଛନ୍ତି ।



# ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର, ୧୮ ।୬(ସମିସ): ଆସନ୍ତା ୨୧ ତାରିଖ ଯୋଗ ଦିବସ ଉପଲକ୍ଷେ ଇନ୍‌ଡୋର ଷ୍ଟାଡ଼ିୟମ ଠାରେ ଏକ ପ୍ରସ୍ତୁତି କମିଟି ବୈଠକ ବୁଧବାର ଅପରାହ୍ନରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଗ ଗୁରୁ ମନ୍ମଥ କୁମାର ସାମଲ, ସଭାପତି ସୁବାଷ ତ୍ରୀପାଠୀ, ଗୋପୀନାଥ ସେଠୀ, ପ୍ରବୋଧ କୁମାର ନାୟକ, ଅଜୟ କୁମାର ସାମଲ, କିରଣ କୁମାର ମଲିକ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ମିଶ୍ର, ଅଜୟ କୁମାର ଦାସ, ଗୋବିନ୍ଦ ସାହୁ, ସୁବାଷ ଚନ୍ଦ୍ର ବିଶ୍ୱାଳ, ଅନନ୍ତ କୁମାର ମହାରଣା, ପରିକ୍ଷତ ବେହେରା, ଚିତରଞ୍ଜନ ସାମନ୍ତରା, ଦେବେନ୍ଦ୍ର କୁମାର ପତି, ନୃସିଂହ ଚରଣ ଜେନା, ଭବାନୀ ଶଙ୍କର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ୨୧ତାରିଖ ଦିନ ସକାରୁ ୭ଟା ମଧ୍ୟରେ ଅଂଶ ଗ୍ରହଣ କାରୀଙ୍କର ପଂଜିକରଣ, ଏହାପରେ ଯୋଗ ଅଧିବେଶନ, ନିର୍ଦ୍ଦେଶିତ ଧ୍ୟାନ, କ୍ରୀୟା, ପ୍ରାଣାୟମ, ସଂଲଗ୍ନ, ୭.୪୫ରେ ଶାନ୍ତି ପାଠ, ୭.୫୦ରେ ଶପଥପାଠ, ୮ଟାରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠଇତ ହେବ ବୋଲି ସୂଚନା ଦିଆଯାଇଥିଲା ।

### ଅମୃତିଆ-ପାଣିକୋଇଲି ରାସ୍ତା

# ଚୋରା ବାଲି ଚାଲାଣର ଗଳାବାଟ

ପାଣିକୋଇଲି, ୧୮ ।୬(ସମିସ): କୋରାଇ ବ୍ଲକରେ ଦୈନିକ ହଜାର ହଜାର ଟ୍ରିପ୍ ଭାରୀଯାନ ଯୋଗେଁ ବାଲି ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଏହା ଉପରେ ରୋକ ଲାଗାଇ ପାରୁନାହିଁ । ବରୁଣ୍ଡାଇ-ଷଠିପୁର ରାସ୍ତା ଦେଇ ବାଲିଚାଲାଣ ହେଉଥିବା ବେଳେ ବାଲିଚାଲାଣର ଯାତାୟତ ସମୟ ସ୍ଥିର ହୋଇଥିବାରୁ ଗଳାବାଟ ଦେଇ ବାଲି ଗାଡି ଯାତାୟତ କରୁଛି । ଏହାର ସୁଯୋଗ ଉଣ୍ଡି ବାଲି ଗାଡି ଗୁଡିକ ଅମୃତିଆ ଭାୟା ବର୍ତ୍ତମଣା ଦେଇ ପାଣିକୋଇଲି ରଗଡ଼ି ରାସ୍ତା ଦେଇ ଚୋରା ଚାଲାଣ ହେଉଛି । ଉକ୍ତ ରାସ୍ତା ପାର୍ଶ୍ୱରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅବସ୍ଥିତ । ଏତଦ ବ୍ୟତୀତ ଅମୃତିଆ, ବର୍ତ୍ତମଣା, ଖୋସାଲପୁର ଆଦି ଗ୍ରାମ ଗୁଡ଼ିକରୁ ପ୍ରତିଦିନ ଛାତ୍ରଛାତ୍ରୀ ପାଣିକୋଇଲି ହାଇସ୍କୁଲ ଓ ମା' ତାରିଣୀ ମହାବିଦ୍ୟାଳୟକୁ ଅଧ୍ୟୟନ ରୁପେ ଆସନ୍ତି । କିନ୍ତୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରୀଯାନ ଚଳାଚଳ ଯୋଗୁଁ ଉକ୍ତ ରାସ୍ତାଟି ଫାଟି ଆଁ ହୋଇଯାଇଛି । ଗତ କିଛି ଦିନ ତଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଲି ବୋଝେଇ ହାଇୱା ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ବର୍ତ୍ତମଣା ଗ୍ରାମର ଅନତୀ ଦୂରରେ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁଘଟିବା ସହିତ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ । ହେଲେ ରାସ୍ତା କଡରେ ଅବସ୍ଥିତ ଗ୍ରାମ ଗୁଡିକର କିଛି ଯୁବକ ଚାନ୍ଦା ଆଦାୟ ପାଇଁ ରାସ୍ତାରେ ବାଲି ଗାଡି ଚଳାଚଳକୁ ବିରୋଧ କରିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା ଦେଖାଯାଉଛି ।

# ରତନପୁର ରଜ ମହୋତ୍ସବ ଉଦ୍‌ଯାପିତ



ଧର୍ମଶାଳା, ୧୮ ।୬(ସମିସ)

ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ରଜ ମହୋତ୍ସବ ତିନି ଧରି ପାଳିତ ହୋଇଯାଇଛି । ମହୋତ୍ସବ ମଝି ରଜ ଦିବସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିଲେ । ମହୋତ୍ସବ ବିଶେଷ ଆକର୍ଷଣ କାଠ ବାଉଁଶରେ ଦୋଳି, ଚରକି ଦୋଳି, ପଟ୍ଟାଦୋଳି, ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ସହ ବାଳିକା ମାନଙ୍କ ପାଇଁ ଡ୍ୟାନ୍ସ ଡ୍ୟାନ୍ସ, ପୁଚି, ସିନିୟର ଓ ଜୁନିୟର ମ୍ୟୁଜିକ ଚେୟର ହୋଇଥିବା ବେଳେ ବାଳକମାନଙ୍କ ପାଇଁ ଅଖା ଦୌଡ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଏପିଜେ ଅବଦୁଲ କଲାମ ସଂଘର ଡାଇରେକ୍ଟର ମନୋଜ ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପଦ୍ମିନୀ ବେହେରା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥି ଯୋଗ ଦେଇ ଗ୍ରାମର ବରିଷ୍ଠ ନାଗରିକ ସୂର୍ଯ୍ୟମଣି ଶତପଥି, ନଟବର ରାଉତ, ଅଲେଖ ପ୍ରଧାନ, ବାଇଧର ରାଉତ, ଭୀମସେନ ସାହୁ ଓ ମାଧବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଖେଳ କୁଦରେ ବିଜୟ ହାସଲ କରିଥିବା ୧୬ ଜଣ ବାଳିକା ବାଳକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିଜୟ କୁମାର ରାଉତ, ଭଜମନ ରାଉତ, ନାରାୟଣ ବେହେରା, ସନ୍ତୋଷ ବେହେରା, ଅଜୟ ସାହୁ, ପରିଚାଳନା କରିଥିବା ବେଳେ ଅଂଶୁମାନ ଶତପଥି, ସନ୍ତୋଷ ରାଉତ, ସନ୍ତୋଷ ଦାସ, ଦେବାଶିଶ ଶତପଥି, ଶିବ ପ୍ରସାଦ ଦାଶ, ପ୍ରସନ୍ନ ଶତପଥି, ପଙ୍କୋଜ ରାଉତ, ଚନ୍ଦନ ରାଉତ, ପ୍ରକାଶ ମଲ୍ଲିକ, ମହେଶ୍ୱର ମଲ୍ଲିକ, ଭାଗ୍ୟଧର ମଲ୍ଲିକ, ଜୀତନ ରାଉତ, ସଞ୍ଜିବ ରାଉତ, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ । ଅଧାପକ ଜୀତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ ।



## କାୟା ମେଲାଉଛି ଡାଇରିଆର ତାଣ୍ଡବ

# ବୟସ୍କରୁ ଶିଶୁଙ୍କ କବଳିତ କଲାଣି

ବ୍ୟାସନଗର,୧୮।୬(ସମିସ)

ବ୍ୟାସନଗର ପୌର ପରିଷଦର ବିଭିନ୍ନ ୱାର୍ଡରେ ଡାଇରିଆ ରୋଗ କାୟା ମେଲାଇବାରେ ଲାଗିଲାଣି। ପରିସ୍ଥିତିରେ ସୁଧାର ଆସିବ କ'ଣ ବରଂ ପରିସ୍ଥିତି ଅଧିକ ଜଟିଳ ହେଉଥିବା ଦେଖିବାକୁ ମିଳିଛି। ତେବେ ଡାଇରିଆ ନିରାକରଣ ଏଠାରେ କେବଳ ଏକପ୍ରକାର ପ୍ରହସନ ପାଲଟିଥିବା ବେଳେ ବର୍ତ୍ତମାନ ଏହା କମିବା ପରିବର୍ତ୍ତେ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ବ୍ୟାପିବା ଆରମ୍ଭ କରିଛି। ତେବେ ସରକାରୀ ସ୍ତରରେ ଏନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସୀମିତ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ସ୍ୱାସ୍ଥ୍ୟ ସଚିବଙ୍କ ପର୍ଯ୍ୟନ୍ତ ଗସ୍ତ ହେଉଥିଲେ ମଧ୍ୟ ହଇଜାରେ ରୋକ ଲାଗିପାରିନି। ଉଭୟଙ୍କ ଗସ୍ତ ପରେ ବ୍ୟାସନଗରରେ ଡାଇରିଆ ଉପରମୁଖା ହୋଇଛି। ସେହିପରି ଡାଇରିଆ ମୃତ୍ୟୁରେ ବି ବିରାମ ଲାଗିନି। ତେବେ ପ୍ରାରମ୍ଭିକ ଭାବେ କେବଳ ବୟସ୍କ ଲୋକମାନେ ଡାଇରିଆରେ ସଂକ୍ରମିତ ହେଉଥିବା ବେଳେ ଏବେ ଶିଶୁମାନେ ଏହି ଧାରାରେ ସାମିଲ ହୋଇଛନ୍ତି। ତେବେ ବୁଧବାର ଯାଜପୁର ରୋଡରେ ଡାଇରିଆରେ ପ୍ରଥମ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଗତ ମଙ୍ଗଳବାର ରାତିରେ ଜଣେ ମହିଳା ମଧ୍ୟ ମୃତ୍ୟୁବରଣ କରିଛନ୍ତି। ତେବେ ମୃତକଦ୍ୱୟ ପୌରପରିଷଦର ପ୍ଲଟ ଅଞ୍ଚଳରେ ହୋଇଥିବା ଜଣାପଡିଛି।

ତେବେ ମଙ୍ଗଳବାର ମୃତ୍ ମହିଳାଙ୍କୁ ନେଇ ବିବାଦ ଆରମ୍ଭ ହୋଇଛି। ସୂଚନାମୁତାବକ ୨ ଦିନ ତଳେ ଉକ୍ତ ମହିଳା ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ଆସିଥିବା ବେଳେ ତାଙ୍କୁ କିଏ ଘରକୁ ପଠାଇଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ସହରର ବୁଦ୍ଧିଜୀବୀ ସିଧାସଳକ ଏହା ମେଡିକାଲ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଦୋଷ ଦେବା ସହିତ ଚିକିତ୍ସା ଅବହେଳାରୁ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ କହିଛନ୍ତି। ତେବେ ଏମିତି ବି ଅଭିଯୋଗ ହେଉଛି କି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ କିଛି ନୂତନ ଡାକ୍ତର ରୋଗୀକୁ ଚିକିତ୍ସା କରିବା ବଦଳରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ଡାକ୍ତରଖାନା ରେଫର କରିଦେଉଛନ୍ତି। ଯାହାକୁ

- ମହିଳାଙ୍କ ମୃତ୍ୟୁକୁ ନେଇ ବିବାଦ
- ଭଲ ହେବା ପୂର୍ବରୁ ହୋଇଥିଲେ ଡିସଚାର୍ଜ

ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ମନ୍ତ୍ରୀ ଏବଂ ସଚିବ ଆସିବା ପରେ ସ୍ଥିତି ବିଗିଡିବାରୁ ସରକାରର ଦୋଷ ଦୁର୍ବଳତା ଏବଂ ରୋଗୀଙ୍କ ପ୍ରତି ଦରଦ ଜଳ ଜଳ ଦିଶୁଥିବା କହିଛନ୍ତି ସ୍ଥାନୀୟ କାଉନସିଲର।

ସହରରେ ଅଶୋଧିତ ତଥା ଦୂଷିତ ପାନୀୟ ଜଳ



ପାଇପ ଯୋଗେ ଯୋଗାଇ ୱାଟକୋ ହିଁ ରୋଗ ବଢାଉଛି ବୋଲି ଅଭିଯୋଗ ହେଉଛି। ଏ ନେଇ 'ସକାଳ'ରେ ସର୍ବପ୍ରଥମେ ଖବର ପ୍ରକାଶ ପାଇବା ସହିତ ଏନେଇ ଅବଗତ କରାଯାଇଥିଲେ ମଧ୍ୟ ନା ପ୍ରଶାସନ ନା ଜଳ ଯୋଗାଣକାରୀ ସଂସ୍ଥା କେହି ମଧ୍ୟ କର୍ଣ୍ଣପାତ କରିନଥିଲେ। ତେବେ ଡାଇରିଆ ବ୍ୟାପିବା ପରେ ମୁଖ୍ୟ ଉତ୍ସ ଜଳ ଯୋଗାଣର ତଦନ୍ତ କରା ନଯାଇ ମିଠା ଦୋକାନ ଏବଂ ହୋଟେଲ ବନ୍ଦ କରାଇବା ଏକପ୍ରକାର ଭେଳିକି ବୋଲି ଆଲୋଚନା ଜୋର ଧରିଛି। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ପ୍ରଶାସନର ବଡପଣ୍ଡାମାନେ ଏସି ଗାଡିରେ ବସି ଖାଦ୍ୟ ସୁରକ୍ଷା କଥା ଚିନ୍ତା କରୁଛନ୍ତି। ପ୍ରଶାସନର ଆଖି ଆଗରେ ପ୍ରତ୍ୟହ ହଜାର ହଜାର ବିହାରୀ ଗୁପଚୁପ ବେପାରୀ ବିଷାକ୍ତ ଖଟାପାଣି ବ୍ୟବହାର କରି ଗୁପଚୁପ ବିକୁଥିବା ବେଳେ ଏବେ ତଣ୍ଟିରେ କଣ୍ଟା ଲାଗିବା ପରେ ବ୍ୟତିବ୍ୟସ୍ତ ହୋଇ ଡାକ୍ତରଖାନା ଧାଉଁଛନ୍ତି। ତେବେ ଯାଜପୁର ରୋଡ ମେଡିକାଲ ଅନେକ ଗୁରୁତ୍ୱ ବହନ କରୁଥିବା ବେଳେ ଏଠାରେ ଦୀର୍ଘ ବର୍ଷ ହେବ ଅନେକ ବିଶେଷଜ୍ଞ ଡାକ୍ତର ନଥିବା ନେଇ ଅନେକବାର ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରଶାସନକୁ ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ଏହାକୁ ନେଇ ଆଖି ବୁଜି ଦେଇଥିବା ବେଳେ ଏବେ ସ୍ଥିତି ବେହାଲ ହେବାରୁ ବୁଦ୍ଧି ଉଦୟ ହୋଇଛି। ତେବେ ପ୍ରଶାସନ ଏବଂ ସରକାରର ଉଦାସୀନତା ମନୋଭାବ ତଥା ଅନେକ ବିଭାଗୀୟ ଅଧିକାରୀଙ୍କ ଓହରାମି ଯୋଗୁଁ ଅନେକ ନୀରିହ ଜୀବନ ଅକାଳରେ ଯାଇଛି।

ତେବେ ଏହି ନୀରିହ ଜୀବନହାନିର ଉଚ୍ଚସ୍ତରୀୟ ତଦନ୍ତ ଅନିବାର୍ଯ୍ୟ ଏବଂ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ବିଞ୍ଝାରପୁର ଅଞ୍ଚଳରେ ୧୦୨ ଆକ୍ରାନ୍ତ

ବିଞ୍ଝାରପୁର: ବିଞ୍ଝାରପୁର ଅଞ୍ଚଳରେ ୧୦୨ ଜଣ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଆଜି ଏହି ରୋଗରେ ୫ ଜଣ ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ୧୦ରୁ ୧୮ ତାରିଖ ମଧ୍ୟରେ ମୋଟ ୧୦୨ ଜଣ ଆକ୍ରାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହା ମଧ୍ୟରୁ ୯୬ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ଜଣେ ଗର୍ଭବତୀ ମହିଳାଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ମୁଖ୍ୟ ଚିକିତ୍ସାଳକୁ ପଠାଇ ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କ୍ଷୀତିଶ କୁମାର ନାୟକ ଏବଂ ତାଙ୍କର ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ଉପଯୁକ୍ତ ଶେବା ପାଇଁ ରୋଗୀ ମାନେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀ ନାୟକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବିଞ୍ଝାରପୁର ଅଞ୍ଚଳରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ରୋଗୀ ମାନଙ୍କ ମଧ୍ୟରେ କଲେରା ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ଯଦି ଝାଡ଼ାବାନ୍ତିରେ ଆକ୍ରାନ୍ତ ମାନଙ୍କ ମଧ୍ୟରେ ଏପରି ଲକ୍ଷଣ ଦେଖାଯାଏ ତେବେ ଲ୍ୟାବ୍ ଟେଷ୍ଟ କରାଯିବା ସହ ଉପଯୁକ୍ତ ପଦକ୍ଷପ ଗ୍ରହଣ କରାଯିବ ବୋଲି ଡାକ୍ତର ଶ୍ରୀ ନାୟକ କହିଛନ୍ତି। ସବୁଠୁ ବଡ କଥା ହେଲା ବିଞ୍ଝାରପୁର ପ୍ରଶାସନିକ ଅଧିକାରୀମାନଙ୍କ ପ୍ରଚେଷ୍ଟା, ସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଗାଁ ଗାଁରେ ବୁଲିବୁଲି ଉପଯୁକ୍ତ ସେବା ଯୋଗାଣ ଦ୍ୱାରା ବର୍ତ୍ତମାନ ସୁଧା ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ମଧ୍ୟରୁ କୌଣସି କଲେରା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇନାହାନ୍ତି।

## ସିଂହପୁର ବଜାରରେ ଦୋକାନ ସିଲ୍



ସିଂହପୁର: ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ଉ କରାଯିବା ସହିତ ଦୁଇଟି ଦୋକାନ ସିଲ୍ କରିଛନ୍ତ। ଅନ୍ୟ ଦୋକାନରେ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୋଟିସ ମାରିଥିଲେ। ବିଞ୍ଝାରପୁର ତହସିଲଦାର ହିମାଂଶୁ ଶେଖର ସାହୁ, ଆର୍‌ଆଇ, ପୁଲିସ, ଓ ତହସିଲ୍ କର୍ମଚାରୀ ମାନେ ଚଢ଼ଉରେ ସାମିଲ ହୋଇଥିଲେ। ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ପରିସ୍ଥିତି ଅଣାୟତ୍ତ ଯୋଗୁଁ ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ସାମଗ୍ରୀ ଦୋକାନ ବନ୍ଦ କରାଯାଇଛି। ଏହାକୁ ଅମାନ୍ୟ କରି କେତେକ ଦୋକାନ ଖୋଲୁଥିବାରୁ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ତହସିଲଦାର ଶ୍ରୀ ସାହୁ କହିଛନ୍ତି ଯଦି କୌଣସି ଦୋକାନ ନିୟମକୁ ଉଲ୍ଲଂଘନ କରନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଚେତାଇ ଦେଇଛନ୍ତି।

## ଜଳଖିଆ ଦୋକାନରୁ ହଇଜା ଭୂତାଣୁ ଠାବ

ବାଲିଚନ୍ଦ୍ରପୁର: ବଡ଼ଚଣା ବ୍ଲକର ବିଭିନ୍ନ ବଜାର ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯିବା ସହିତ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ମାନଙ୍କରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଯେଉଁ ଦୋକାନର ପାଣି ନମୁନାରେ ହଇଜା ଜୀବାଣୁ ଥିବା ଜଣା ପଡୁଛି ସେହି ଦୋକାନକୁ ସିଲ କରାଯାଉଛି। ତେବେ ଗତ କାଲି ବାଲିଚନ୍ଦ୍ରପୁର ବଜାରର କେତେକ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ାଉ କରି ସେହି ସବୁ ଦୋକାନରେ ଥିବା ବାସୀ ଖାଦ୍ୟକୁ ଅଧିକାରୀ ମାନେ ନଷ୍ଟ କରିବା ସହିତ ପାଣି ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ସେହି ଦୋକାନ ମାନଙ୍କ ମଧ୍ୟରୁ ଶ୍ରୀ ଗଣେଶ ସୁଇଟ ଷ୍ଟଲ ଓ ସାହୁ ସୁଇଟ ଷ୍ଟଲରୁ ସଂଗ୍ରହ କରାଯାଇଥିବା ପାଣିକୁ ପରୀକ୍ଷା କରାଯିବା ପରେ ସେଥିରେ ହଇଜା ଜୀବାଣୁ ଥିବା ଜଣା ପଡିଥିଲା। ତେବେ ଆଜି ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ଏହି ଦୁଇ ଦୋକାନରେ ପହଞ୍ଚି ଏହାକୁ ସିଲ କରିବା ସହିତ ବହୁ ପରିମାଣର ମିଠାକୁ ନଷ୍ଟ କରି କରି ଦେଇଥିଲେ। ସେହିପରି ବାଲିଚନ୍ଦ୍ରପୁର ବଜାର ସମେତ ବଡ଼ଚଣା ବ୍ଲକ ଅଞ୍ଚଳର ବିଭିନ୍ନ ଜଳଖିଆ ଦୋକାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ପରୀକ୍ଷା ପରେ ଯଦି କେଉଁ ଦୋକାନର ପାଣିରୁ ହଇଜା ଜୀବାଣୁ ଥିବା ଜଣା ପଡିବ ତେବେ ସେହି ସବୁ ଦୋକାନକୁ ସିଲ କରାଯିବ ବୋଲି ତହସିଲଦାର ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ତହସିଲଦାର ଶ୍ରୀ ତ୍ରିପାଠୀଙ୍କ ସହିତ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଓ ରାଜସ୍ୱ ସୁପରଭାଇଜର ପଦ୍ମନାଭ ପଣ୍ଡା ଏବଂ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ମାନେ ଆଜିର ଏହି ଚଢ଼ଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ଆଜିର ଏହି ଚଢ଼ାଉ ଓ ଦୋକାନ ସିଲ ହେବା ପରେ ପରେ ବାଲିଚନ୍ଦ୍ରପୁର ବଜାରର ସମସ୍ତ ହୋଟେଲ ଓ ଜଳଖିଆ ଦୋକାନ ଆପେ ଆପେ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା।



## ଡାଇରିଆ ନିରାକରଣ ବୈଠକ




କୁଆଖିଆ: ରସୁଲପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ବୁଧବାର ଅଧକ୍ଷ ଅରୁଣ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରସୁଲପୁର ବ୍ଲକ ଅଞ୍ଚଳରେ ଡାଇରିଆ ରୋଗର ନିରାକରଣ ଓ ଜନସଚେତନା ଉପରେ ଗୁରୁତ୍ୱାରୋପ କରାଯାଇ ଆଲୋଚନା କରାଯାଇଥିଲା। ରସୁଲପୁର ବ୍ଲକ ଅଞ୍ଚଳରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ରହିଛି ମଧ୍ୟ। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରତ୍ୟେକ ପରିବାରର ସଦସ୍ୟଙ୍କୁ ରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନ କରାଯିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ପାରିଲେ ଡାଇରିଆ ଭଳି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କୁହାଯାଇଥିଲା। ଏହାଛଡା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରସୁଲପୁର ତହସୁଲଦାର ସିଦ୍ଧାର୍ଥ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ଉପାଦେୟ ମତାମତ ଦେଇଥିଲେ। ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପଞ୍ଚାୟତ ସମିତି ଉପାଧକ୍ଷା ଜୟନ୍ତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲ ବାରଣ୍ଡାରେ ଚାଲିଛି ଚିକିତ୍ସା



କୁହିକା: ସୁକିନ୍ଦା ବ୍ଲକରେ ଝାଡା ବାନ୍ତି ଉପର ମୁଁହା ଆଡକୁ ଗତି କରୁଛି। ଇତି ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ଘଟି ସାରିଥିବା ବେଳେ ବୁଧବାର ସନ୍ଧ୍ୟା ମଧ୍ୟରେ ଆଉ ୯ଜଣ ଆକ୍ରାନ୍ତ ରୋଗୀ ଚିକିତ୍ସାଧିନ ଥିବା ଜଣାପଡିଛି। ଗ୍ରାମାଞ୍ଚଳରେ ଝାଡା ବାନ୍ତି ବୃଦ୍ଧି ପାଉଛି। କୁହିକା ପଞ୍ଚାୟତ ମୂଳଖମ୍ବଗାଁର ନାରାୟଣ ବେହେରା ଝାଡା ହେବାରୁ ତାଙ୍କୁ ସୁକିନ୍ଦା ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଝାଡା ସହ ପାରାଲିସିସ ବୃଦ୍ଧି ପାଇବାରୁ ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ଅବସ୍ଥାରେ ଚିକିତ୍ସାଧିନ ଅଛନ୍ତି। ଉକ୍ତ ଗାଁରେ ଏକାଧିକ ବ୍ୟକ୍ତି ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ବେଳେ ଉକ୍ତ ଗାଁକୁ ବ୍ଲିଚିଙ୍ଗ ପାଉଡର ଟିକେ ସାତସପନ ପାଲଟିଛି। ସେହିପରି କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ କାଟେଣୀର ଜଣେ ଆଦିବାସୀ ବର୍ଗର ଝିଅ ଡାଇରିଆରେ ଆକ୍ରାନ୍ତ ହୋଇ ଯାଜପୁର ଟାଉନରେ ଚିକିତ୍ସିତ ହେଉଛନ୍ତି। ଗ୍ରାମାଞ୍ଚଳରେ କିଛି ବ୍ୟକ୍ତିଙ୍କର ଝାଡା ହେଉଥିବା ବେଳେ ଭୟ ଆଶଙ୍କାରେ ମେଡିକାଲ ଯାଉନଥିବା ଦେଖିବାକୁ ମିଳୁଛି। କୁହିକା, କାଙ୍କଡ଼ପାଳ, ଗାଁଷୋଳ, ଚିଙ୍ଗୁଡ଼ିପାଳ, କାଳିଆପାଣି, ଦୁଧୁଯୋରି, ହରିପୁର, ହାତିବାରୀ, ପିଙ୍ଗଳ, ଅଓା, ବର୍ତ୍ତଣ୍ଡା, ଲେମ୍ବୋ ପଞ୍ଚାୟତ ସହ ସୁକିନ୍ଦା ଗଡ଼ ପଞ୍ଚାୟତରେ ବ୍ଲିଚିଂ ପାଉଡର ଟିକେ ପଡୁନଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଲୋକଙ୍କୁ ଡାଇରିଆ ଗ୍ରାସ କଲେ ଜନଜୀବନ ହାନି ହେବାର ସମ୍ଭାବନା ରହିଛି। ଗ୍ରାମାଞ୍ଚଳ ଲୋକଙ୍କ ଜନଜୀବନର ସୁରକ୍ଷା ପାଇଁ ଆଖି ଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି। ସୁକିନ୍ଦା ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ମେଡିକାଲ ବାରଣ୍ଡା ରେ ରୋଗୀ ମାନେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ସାରା ସୁକିନ୍ଦା ଅଞ୍ଚଳରେ ଡାଇରିଆ ଉପର ମୁଁହା ଆଡକୁ ଗତି କରୁଛି। ଏ ସମ୍ପର୍କରେ ସୁକିନ୍ଦା ମେଡିକାଲ ଅଫିସର ଜୟଦେବ ନନ୍ଦ କହିଛନ୍ତି ଗ୍ରାମାଞ୍ଚଳ ରେ ସ୍ଥିତି ନିୟନ୍ତ୍ରଣ ପାଇଁ ମୋଭିଲାଇଜ କରାଯାଉଛି.ସିଏସଓ ଗଠନ ହୋଇଛି। ଆଶା ମାନଙ୍କୁ ଆଲର୍ଟ କରାଯାଇଛି। ରୋଗି ଙ୍କୁ ତୁରନ୍ତ ମେଡିକାଲ ପଠାଇବାକୁ ପରାମର୍ଶ ଦିଆଯାଇଛି। ସଂକ୍ରମିତ କୁ ରୋକିବାକୁ ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି। ବ୍ଲିଚିଂ ପାଉଡ଼ର ନଳ କୂପ, କୂଅରେ ପକାଇବାକୁ ଆରଡବ୍ଲୁଏସଏସ ତଦାରଖ କରୁଛି ବୋଲି ମତବ୍ୟକ୍ତ କରିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କ ଜନ ଜୀବନ ସୁରକ୍ଷା ପାଇଁ ବେଳ ଥାଉଁ ଥାଉଁ ସାବଧାନତା ଜରୁରି ହୋଇପଡିଛି। ଏ ସମ୍ପର୍କରେ ଉପଯୁକ୍ତ ଚିକିତ୍ସା,ସଚେତନତା,ବ୍ଲିଚିଂ ପାଉଡ଼ର ଠାରୁ ସମସ୍ତ ଆବଶ୍ୟକୀୟ ଜିନିଷ ଯୋଗାଣ ନିମନ୍ତେ ଯାଜପୁର ଜିଲ୍ଲାପାଳ,ସ୍ୱାସ୍ଥ୍ୟ ବିଭାଗ,ସ୍ଥାନୀୟ ବିଧାୟକ ଙ୍କ ହସ୍ତକ୍ଷେପ ପାଇଁ ଲୋକେ ଦାବି କରିଛନ୍ତି।

## ଆକ୍ରାନ୍ତଙ୍କୁ ଭେଟିଲା ଯୁବ କଂଗ୍ରେସ



ଯାଜପୁର ଟାଉନ: ଯାଜପୁର ଜିଲ୍ଲା ସଦରମହକୁମା ଚିକିତ୍ସାଳୟକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ କାର୍ଯ୍ୟକାରୀ ସଭାପତି ତଥା ସ୍ୱାସ୍ଥ୍ୟ କମିଟିର ଅନ୍ୟତମ ସଦସ୍ୟ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆସି ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରାକେଶ ସାହୁ, ଜ୍ଞାନ ରାଉତ, ବିଶ୍ୱଜିତ୍ ଲେଙ୍କା ଓ ଯୁବ ନେତା ବୀରେନ ପଶାୟତ ଓ ଉମାକାନ୍ତ ବେହେରା ସାମିଲ ଥିଲେ।




ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ


# କଟକଣାକୁ ଆଖିଠାର, ମାଛ ଚିକେନ ବିକ୍ରି

ଧର୍ମଶାଳା: ଧର୍ମଶାଳା ବ୍ଲକରେ ଡାଇରିଆ ସ୍ଥିତିରେ କିଛିଟା ରୋକ ଲାଗିଛି। ହେଲେ ଏବେବି ସ୍ଥିତି ଗମ୍ଭିର ରହିଛି। ଗତକାଲି ଅପେକ୍ଷା ଆଜି କମ୍ ଆକ୍ରାନ୍ତ ଡାକ୍ତରଖାନାକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ତିବେ ଗତ କିଛି ଦିନ ତୁଳନାରେ ଝଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା କମିଥିବା ବେଳେ ଗତକାଲି ରାତିରୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ୨୧ ଜଣ ନୁଆ ଅକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଭର୍ତ୍ତି ହୋଇଥିବା ସମସ୍ତଙ୍କ ଠାରେ ମାଇଲ୍ଡ ଝାଡାବାନ୍ତି ଦେଖାଦେଇଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୂଚନା ଦେଛନ୍ତି। ଧର୍ମଶାଳା ବ୍ଲକରେ ସର୍ବପ୍ରଥମ ଏହି ଝାଡାବାନ୍ତି ରୋଗ ବ୍ୟାପିଥିବା ବେଳେ କେହି ମୃତାହତ ହୋଇନଥିବା ଜଣାଯାଇଛି। ଗତକାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କୁ ଆଜି ଡିସ୍‌ଚାର୍ଜ କରାଯାଇଥିବା ବେଳେ ଏବେ ଡାକ୍ତରଖନାରେ ୪୧ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ଜଣାପଡିଛି। ଆଗ ଅପେକ୍ଷା ସ୍ଥିତିରେ କିଛିଟା ସୁଧାର ଆସୁଥିବା ଜଣାଯାଇଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ମାନେ ମାଇଲ୍ଡ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ମେଡିକାଲରେ ଆଡମିଟ କରାଯାଇ ଅବଜର୍ଭବେସନରେ



ରଖାଯାଉଥିବା ଡାକ୍ତର ସୁଧିର କୁମାର ସାହୁ ସୂଚନା ଦେଇଛନ୍ତି। ଝାଡାବାନ୍ତିର ସଂକ୍ରମଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସବୁ ଅଞ୍ଚଳକୁ ବିଶୋଧନ କରାଯାଉଛି। ସେହିପରି ଧର୍ମଶାଳା ଅଞ୍ଚଳରେ ସମସ୍ତ ହୋଟେଲ, ଗୁପଚୁପ, ଚାର୍ଟ, ଫାଷ୍ଟଫୁଡ, ପଣି ପାଉଡ ତିଆରୀ କାରଖାନା, ଅଇସକ୍ରମ ତିଆରି କାରଖାନାକୁ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ଏହି ବନ୍ଦ ଆଇନକୁ ଆଖି ଠାର ସଦୃଶ୍ୟ ହୋଇଛି। ଆଜି ଆଇଁଶବାର ଥିବା ବେଳେ ଗାଁ ଗହଳି ଓ ଛକ ମାନଙ୍କରେ ଖୁଲମ ଖୁଲା ଚିକେନ, ମାଛ ଓ ମଟନ ବିକ୍ରି ହେଉଥିବା ବେଳେ ଅନେକ ଜଳଖିଆ ଦୋକାନ, ଢାବା ଓ ହୋଟେଲ ଚାଲିଥିବା ଦେଖିବାକୁ ମିଳିଛି। ସରକାରଙ୍କ କଟକଣା ନ ମାନିବା ଯୋଗୁଁ ଏହି ରୋଗ ଥମୁନଥିବା ନେଇ ଅଲୋଚନା ହେଉଛି। ଆଜି ଜିଲ୍ଲାପାଳ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବା ସହିତ ଏହି ବ୍ଲକର ମିର୍ଜାପୁର ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିଥିବାରୁ ବିଡିଓ ଓ ଡାକ୍ତରି ଟିମ୍ ସହିତ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

ସକାଳ THE SAKALA

## ପ୍ରତୀକ୍ଷିତ ସୁମାରି

କରୋନା ମହାମାରୀର ପ୍ରତିକୂଳ ପରିବେଶରେ ୨୦୨୧ରେ ହେବାକୁ ଥିବା ଜନଗଣନା ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ତେଣୁ ଦଶବର୍ଷର ବ୍ୟବଧାନରେ ହେବାକୁ ଥିବା ଜନଗଣନା ୧୬ ବର୍ଷ ପରେ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଯାଉଛି। ଭୌଗୋଳିକ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବରଫାବୃତ୍ତ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଜନସୁମାରି ୨୦୨୬ ଅକ୍ଟୋବର ୧ରୁ ଆରମ୍ଭ ହେବ। ଗତ ସୋମବାର ଏଥିସକାଶେ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ୧୯୪୮ ଜନଗଣନା ଆଇନ ଧାରା ୩ ଓ ୧୯୯୦ ନିୟମାବଳୀ ଭିତ୍ତିରେ ଏହି ଜନସୁମାରି କରାଯିବ। ଏହି ବିଜ୍ଞପ୍ତି ଜାରି ପରବର୍ତ୍ତୀ ସମୟଠାରୁ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ କୌଣସି ଥାନା, ଜିଲ୍ଲା, ତହସିଲ ପରିସର ବୃଦ୍ଧି କରାଯାଇପାରିବ ନାହିଁ।

ଆଗାମୀ ଜନଗଣନା ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ ଜନସୁମାରି ସହିତ ଏକାସଙ୍ଗରେ ଜାତି ଗଣନା ହେବ। ପୁଣି ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେବାର ସମ୍ଭାବନା ରହିବ ଏବଂ ବିଧାନପାଳିକାରେ ମହିଳାଙ୍କ ସକାଶେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବାଟ ଫିଟିବ। ଲୋକସଭା ଓ ବିଧାନସଭା ନିର୍ବାଚନମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସୁବିଧା ପ୍ରଦାନ ସକାଶେ ସରକାରଙ୍କ ପକ୍ଷରୁ ଆଗତ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଥିବା ବେଳେ ତାହାର କାର୍ଯ୍ୟକାରିତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କି ମାରିଥିଲା। ସେତେବେଳେ ଯେଉଁମାନେ ଏହାକୁ ବିରୋଧ କରୁଥିଲେ ସେମାନେ ଆଇନର ଦାୟରେ ପଡ଼ି ମହିଳା ପ୍ରାର୍ଥୀ ଦେବାକୁ ବାଧ୍ୟ ହେବେ।

ସେହିଭଳି ଗତ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ଏପରିକି କେତେକ ବିରୋଧୀ ଦଳ ଶାସିତ ରାଜ୍ୟରେ ଜାତିଭିତ୍ତିକ ଜନସୁମାରି ମଧ୍ୟ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଆଣ ରାଜନୀତିକୁ ବଳ ଦେବା ପାଇଁ ଏ ଦିଗରେ ଉଦ୍ୟମ କରି ଯେଉଁ ଜନମତ ସୃଷ୍ଟି କରିଥିଲେ ତାହାର ପ୍ରଭାବ ମଧ୍ୟ ଗତ ଲୋକସଭା ନିର୍ବାଚନରେ ଅନୁଭୂତ ହୋଇଥିଲା। ଜାତି ଆଧାରରେ ଜନଗଣନା ଦାବିକୁ ଭିତ୍ତି କରି ଜାତୀୟ ରାଜନୀତିରେ ସୃଷ୍ଟି ହୋଇଥିବା ବିବଦମାନ ପରିସ୍ଥିତିର ଅବସାନ ପାଇଁ ଏହା ସପକ୍ଷରେ ସରକାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ତେଣୁ ଜନଗଣନା ବିଜ୍ଞପ୍ତିର ଯଥେଷ୍ଟ ପୂର୍ବରୁ (ଏପ୍ରିଲ୍ ୩୦) ରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟପାର କମିଟି ବୈଠକରେ ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ତେବେ ଏହାର ଆଧାରଶିଳାକୁ ନେଇ ବିଭିନ୍ନ ମହଲରେ ମତଭେଦ ଜାରି ରହିଛି। ଜାତି ଆଧାରରେ ଜନଗଣନା ଓ ତାହା ଭିତ୍ତିରେ ସଂରକ୍ଷଣ ସୁବିଧା ପ୍ରଦାନକୁ ନେଇ ପୁଣି ଯେ ବିବାଦ ମୁଣ୍ଡ ନ ଟେକିବ ଏ କଥା ନୁହେଁ। ମଣ୍ଡଳ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତି ଏବେ ବି ମନରୁ ଲିଭିନାହିଁ।

ଅନ୍ୟ ଏକ ଦିଗ ହେଲା, ଜନଗଣନା ରିପୋର୍ଟ ଭିତ୍ତିଭୂମିରେ ଲୋକସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବାର ଯେଉଁ ସୁଯୋଗ ରହିଛି ତାହାକୁ ଭିତ୍ତି କରି ପୁଣି ଏକ ବିଭାଜନର ସୀମାରେଖା ଟାଣିଲା ଭଳି ପରିସ୍ଥିତି ଉପୁଜିବ। ଏଥିମଧ୍ୟରେ ଏହାର ପ୍ରାକ୍ ସୂଚନା ମିଳିସାରିଲାଣି। ଗୋଟିଏ ପକ୍ଷରେ ଦେଶର ଜନବିସ୍ଫୋରଣକୁ ରୋକିବା ପାଇଁ ସରକାରୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ରାଜ୍ୟ ସମୂହ ଏବଂ ଅନ୍ୟପକ୍ଷରେ ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଘଟାଇଥିବା ଅନଗ୍ରସର ରାଜ୍ୟ। ସଂସଦରେ ପ୍ରତିନିଧିତ୍ୱ ବୃଦ୍ଧି ଓ ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ମୁଣ୍ଡ ଟେକିବା ଏକପ୍ରକାର ଥୟ। ଏନ୍‌ଡିଏ ସରକାର ପ୍ରମୁଖ ସହଯୋଗୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିକଟରେ ଏହି ସମ୍ଭାବନା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କାରଣ ତାଙ୍କ ରାଜ୍ୟ ମଧ୍ୟ ଏହି ଫର୍ମୁଲାରେ କ୍ଷତିଗ୍ରସ୍ତ ହେବ। ଅଥଚ କ୍ଷମତା ରାଜନୀତିର ସମ୍ଭାବନା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ରରେ କ୍ଷମତାସୀନ ସରକାର ସାଲିସ୍ କରିବା ପ୍ରଶ୍ନ ଉଠୁନାହିଁ।

ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଅଧିକାରକୁ ଏଡ଼ାଇ ଯିବା ସମ୍ଭବ ନୁହେଁ। କିନ୍ତୁ ସମୟର ଆବ୍ୟଶ୍ୟକତା ଦୃଷ୍ଟିରୁ ସମୃଦ୍ଧିର ଦିଗ ନିର୍ଣ୍ଣୟ କରିବାରେ ଅସଫଳ ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେବା କେତେଦୂର ସମୀଚୀନ ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଆଶଙ୍କା ଅନୁରୂପ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟାର ଘନତ୍ୱ ଗୁରୁତ୍ୱ ଲାଭ କରିବ ତେବେ ସରକାର ଗଠନରେ ସଂଖ୍ୟା ରାଜନୀତି ପୁଣି ପ୍ରଭାବ ବିସ୍ତାର କରିବ। ଏହି ବିବଦମାନ ପ୍ରସଙ୍ଗକୁ ଯଥାସମ୍ଭବ ଦୂରେଇ ରଖିବା ପାଇଁ ୧୯୭୧ ମସିହାରୁ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଅତୀତର ସରକାରମାନେ ବାଧ୍ୟ ହୋଇଛନ୍ତି। ଆଗାମୀ ଜନଗଣନା ପରେ କେନ୍ଦ୍ର ସରକାରଙ୍କ ଆଗରେ ଏହିସବୁ ଆହ୍ୱାନ ସୃଷ୍ଟି ହେବ।

ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଜନଗଣନା ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୩, ୭୬୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାସଗୃହ ଗଣତି ଓ ଦ୍ୱିତୀୟ ପର୍ଯ୍ୟାୟରେ ଲୋସଂଖ୍ୟା ଗଣତି କରାଯିବ। ଏଥିରେ ପରିବାର ଓ ବ୍ୟକ୍ତିଗତ ସମ୍ପତ୍ତି, ଆୟ, ଆୟର ଉତ୍ସ, ଜାତି, ଉପଜାତି ଏବଂ ସାମାଜିକ ଓ ସାଂସ୍କୃତିକ ଦିଗ ସମ୍ପର୍କରେ ତଥ୍ୟ ରହିବ। ଜନଗଣନା ପରିଚାଳନା ସକାଶେ ୩୪ ଲକ୍ଷ ତଥ୍ୟ ସଂଗ୍ରାହକ ଓ ତଦାରଖକାରୀଙ୍କୁ ନିଯୁକ୍ତି ଦିଆଯିବ ଏବଂ ୧.୩ ଲକ୍ଷ ଜନଗଣନା ଅଧିକାରୀ ସମ୍ପୃକ୍ତ ରହିବେ। ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ୧୮୮୧ ରୁ ଜନଗଣନା କରାଯାଉଛି। ସେହି ଆଧାରରେ ସମ୍ପ୍ରତି ଜନଗଣନା ବିଜ୍ଞପ୍ତି ଷୋଡ଼ଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରେ ଆମ ସରକାରଙ୍କ ଦ୍ୱାରା ପରିଚାଳିତ ଏହା ଅଷ୍ଟମ ସଂସ୍କରଣ।

## ଓଡ଼ିଶାର ଅସ୍ମିତା ଓ ବିକାଶର ସ୍ୱପ୍ନ କେତେ ବାସ୍ତବ?

**ରାମ ନାରାୟଣ ମିଶ୍ର**

ଦୀର୍ଘ ଚବିଶବର୍ଷର ବିଜେଡି ସରକାର ପରେ ଏବେ ବିଜେପି ସରକାର ରାଜ୍ୟ ଶାସନ ଡଙ୍ଗାର ମଙ୍ଗୁଆଳ ସାଜିଛନ୍ତି। ନିର୍ବାଚନ ବେଳେ ଓଡ଼ିଶାର ଅସ୍ମିତାକୁ ନେଇ ରାଜନୈତିକ ଦଳମାନଙ୍କ ଭିତରେ ବାଦାନୁବାଦ ଚାଲିଥିଲା ବେଳେ ଏହାକୁ ଆୟୁଧ କରି ସେମାନେ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଥିଲେ। ରାଜ୍ୟର ସାଢ଼େଚାରିକୋଟି ଲୋକଙ୍କୁ ରାଜ୍ୟର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ସହିତ ସାମୂହିକ ବିକାଶ ନିମନ୍ତେ ଡବଲ ଇଞ୍ଜିନ୍ ସରକାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଶାସନଭାର ହାତକୁ ନେବା ମାତ୍ରେ ଓଡ଼ିଶାର ଇଷ୍ଟ ପ୍ରଭୁ ଜଗନ୍ନାଥଙ୍କୁ ନିର୍ବିଘ୍ନରେ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦୁଆର ଖୋଲିଦେଲେ। ରତ୍ନଭଣ୍ଡାର ଖୋଲିଦେବା ସହ ଏହାର ମରାମତି କାମକୁ ହାତକୁ ନେଲେ। କିନ୍ତୁ ସେ କାମ ଏବେ ବି ଅଧୁରା, ଭକ୍ତଙ୍କୁ ସୁବିଧାରେ ଦର୍ଶନ ମିଳିବାରେ ଅନେକ ବାଧା।

ସାଧାରଣଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା ଏବଂ ହଜାର ହଜାର ସଂଖ୍ୟାରେ ଅଭିଯୋଗପତ୍ର ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ହାତରୁ ଗ୍ରହଣ କଲେ। ସେଗୁଡ଼ିକ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା, ତା' ଜାଣିବା ତ ସମ୍ଭବ ନୁହେଁ। ଏବେ ପ୍ରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ତାଙ୍କର ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବନ୍ଦ ରହୁଛି। ଏହି କାମଟି ଅବିରତ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଅବା ଅନ୍ୟ ଜଣେ ଭାରପ୍ରାପ୍ତ ମନ୍ତ୍ରୀ କ'ଣ ଦାୟିତ୍ୱ ନେଇ ପାରି ନ ଥା'ନ୍ତେ? ଋଣ କରି ଘିଅ ଖାଇବାରେ ଏବର ସରକାର ଏତେ ତତ୍ପର ଯେ ରାଜ୍ୟର ବିକାଶ ନାମରେ ଏପରି ଖର୍ଚ୍ଚମାନ କରୁଛନ୍ତି, ଯ'ଦ୍ୱାରା ମୁଣ୍ଡପିଛା ଋଣଭାର ବଢ଼ି ଚାଲିଛି। ଆତ୍ମପ୍ରଚାର ନିମନ୍ତେ ପ୍ରତିଦିନ ଅଯଥାରେ କୋଟି କୋଟି ଟଙ୍କାର ବିଜ୍ଞାପନ ଜନିତ ବ୍ୟୟ କରାଯାଉଛି। ଅନାବଶ୍ୟକ ଆଭ୍ୟନ୍ତରୀଣ ଗସ୍ତ ଖର୍ଚ୍ଚ କମୁନାହିଁ। ଯେଉଁକାମ ସ୍ଥାନୀୟ ସରକାରୀ କର୍ମଚାରୀ ବା ଲୋକପ୍ରତିନିଧି ଅନାୟାସରେ କରିପାରନ୍ତେ, ତା'କୁ ରାଜଧାନୀରୁ ମନ୍ତ୍ରୀ, ଅଧିକାରୀମାନେ ଯାଇ ଶିଳାନ୍ୟାସ ବା ଉଦ୍ଘାଟନ କରି ବାହାବା ନେଉଛନ୍ତି।

ଏବେ ବିଜେପି ସରକାର ବିଗତ ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ବଦଳେଇବା ଆରମ୍ଭ କରିଛନ୍ତି। ଏଥିରେ କେବଳ ଦଳୀୟ ସ୍ୱାର୍ଥ ଛଡ଼ା ସାଧାରଣ ଲୋକଙ୍କର କିଛି ଲାଭ ହେଲା କି? ବିଜେପି ସରକାର ଏବେ ନୂଆ ନୂଆ ଯୋଜନା ଓ ପ୍ରତିଶ୍ରୁତି ଗଣମାଧ୍ୟମରେ ଉପସ୍ଥାପନ କରିବା ସହିତ ୨୦୩୬ ବେଳକୁ ନୂଆ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଇବା ଆରମ୍ଭ କଲେଣି। ଭଲ କଥା, କିନ୍ତୁ ସେ ସବୁକୁ ଏବେଠାରୁ ନେଇ ଆଣି ଥୋଇ ପାରିବାର ବ୍ୟବସ୍ଥା ନ କଲେ ସେଇ ନଥିପତ୍ର ଭିତରେ ରହି ଉଇ ଚରିଯିବ, ଯାହା ଆଗରୁ ଅନେକବାର ହୋଇଛି। କଥାରେ ଅଛି, କାଲି କାମ ଆଜି କର ଆଉ ଆଜି କାମ ଏବେ କର। ଓଡ଼ିଶାର ଯେଉଁ ବରପୁତ୍ରମାନେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପାଇଁ ନିଜକୁ ଉତ୍ସର୍ଗକରି ଦେଶର ସ୍ୱାଧୀନତା ଆଣିବା ସହିତ ଆମକୁ ଭାଷାଭିତ୍ତିକ ରାଜ୍ୟଟିଏ ଦେଇଗଲେ, ସେମାନଙ୍କ ଭିତରୁ ଜଣେ ବି ଏ ଯାଏଁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ହୋଇପାରିଲେ ନାହିଁ। ଏଥିରେ ଆମ ରାଜ୍ୟର ଅସ୍ମିତା କ୍ଷୁଣ୍ଣ ହେଉନି କି? ଏହାଠାରୁ ଦୁଃଖର କଥା ଆଉ କ'ଣ ହୋଇପାରେ?

ଓଡ଼ିଶାର ଯୋଗ୍ୟ ସନ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଅନେକ ପଦକ୍ଷେପ ନେଇ ଓଡ଼ିଶାରେ ଶିଳ୍ପ ବିପ୍ଳବର ମୂଳଦୁଆ ସ୍ଥାପନ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କର ସେ ପ୍ରକୃତ ଦାୟାଦ ଥିଲେ ବୋଲି ଆମେ କହିବାରେ କିଛି ଭୁଲ୍ ହେବନି। ସେତେବେଳର ଓଡ଼ିଶାରେ ଶିଳ୍ପ ବିକାଶ ଉତ୍ତୁଙ୍ଗ ଶିଖରକୁ ଛୁଇଁ ପାରିଥିଲା। ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ ଓ ସାର କାରଖାନା, ହୀରାକୁଦ ଡ୍ୟାମ, ବଡ଼ମ୍ବା ଓ ବରଗଡ଼ ଚିନି କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ୍, କୋଣାର୍କ ଟେଲିଭିଜନକୁ କେହି ଭୁଲିପାରିବେ କି? ସରକାର ବଦଳିଗଲା ବୋଲି ତାଙ୍କ ଅବଦାନକୁ ଭୁଲିଯିବା ଅପରାଧରେ ଗଣାହେବ। ଓଡ଼ିଶା ପ୍ରଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସେ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା ଗଠନ କରିଥିଲେ। ତାଙ୍କର ସେଇ ମହତ୍ ଉଦ୍ଦେଶ୍ୟ ଏବେ ପୂରଣ ହୋଇ ପାରୁଥିଲା ପରି ମନେ ହେଉନାହିଁ।

ଜିଲ୍ଲାମାନଙ୍କରେ ନିୟୋଜିତ ହଜାର ହଜାର ସରକାରୀ କର୍ମଚାରୀଙ୍କ ବେତନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ସାଧାରଣ ଲୋକମାନଙ୍କର ସେମାନେ ଆସ୍ଥାଭାଜନ ହୋଇପାରୁ ନାହାନ୍ତି। କାରଣ ସେମାନଙ୍କ ସୁଖ ସୁବିଧା ଦେଖିବା ବଦଳରେ ଅନେକ ନିଜର ସୁଖ ସୁବିଧାକୁ ଅଧିକ ଶ୍ରେୟ ମନେ କରୁଛନ୍ତ। ପୋଲଭରମ୍ ନିମନ୍ତେ ଆମ ରାଜ୍ୟର ଅପୂରଣୀୟ କ୍ଷତି ହେବାକୁ ବସିଛି। ଛତିଶଗଡ଼ ଆମ ରାଜ୍ୟର ଜୀବନଧାରା ମହାନଦୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ କରିବା ଫଳରେ ମହାନଦୀ ଓ ତା' ଶାଖାନଦୀର ଶଯ୍ୟାମାନ ବର୍ଷସାରା ଶୁଖିଲା ପଡୁଛି। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଆମର ମାତୃଭାଷା ଓଡ଼ିଆକୁ ଏବେ ବି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆ ଭାଇଭଉଣୀ ମାନେ ଶିକ୍ଷା କରିବାର ମୌଳିକ ଅଧିକାରରୁ ବଞ୍ଚିତ।

ପ୍ରତିଦିନ ଖବରକାଗଜମାନଙ୍କରେ ପ୍ରକାଶ ପାଉଥିବା ବିଭିନ୍ନ ଅଞ୍ଚଳର ସମସ୍ୟାବହୁଳ ଅନେକ ବାସ୍ତବ ବିକଳ ଚିତ୍ରମାନ ଶାସନକଳର ଦୃଷ୍ଟିକୁ ଆସୁଥିଲା ପରି ମନେ ହେଉନାହିଁ। ରୋଗୀ ବଣଜଙ୍ଗଲର ଦୁର୍ଗମ ରାସ୍ତାରେ ଖଟିଆ-ଭାରରେ ଡାକ୍ତରଖାନାକୁ ଆସିବା, ପିଇବାପାଣି ପାଇଁ କେତେ କିଲୋମିଟର ବାଟ ଚାଲି ଚାଲି ଯିବା, ଅନାହାରରେ ଆମ୍ବଟାକୁଆ ଜାଉ ଖାଇବା, ଛାତ୍ରଛାତ୍ରୀମାନେ ବିପଦସଙ୍କୁଳ ଭରାନଦୀରେ ପଶି ପାରିହେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫର୍ମାସିଷ୍ଟ ନଥିବା ଯୋଗୁଁ ରୋଗୀ ହନ୍ତସନ୍ତ ହେବା, ସୁଲଭ ଦରରେ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ପାଇବା ପାଇଁ ଚାଷୀଭାଇ ଅସୁବିଧାରେ ପଡ଼ିବା - ଏମିତି ଅଗଣିତ ସମସ୍ୟାର ଜାଲରେ ପଡ଼ି ଛଟପଟ ହେଉଥିବା ଲୋକଙ୍କ ପାଇଁ ସରକାରଙ୍କ ଭୂମିକା କ'ଣ କିଛି ନାହିଁ?

ଏବେ ରାଜ୍ୟରେ ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମ ନପାଇ ଲୋକେ ବାହାରକୁ ଯାଇ ଯାହା ତ ରୋଜଗାର କରୁଛନ୍ତି, ତହିଁରେ ଅତ୍ୟାଚାରିତ ଓ ମୃତ୍ୟୁର ଶିକାର ହେଉଛନ୍ତି। ଚାଷୀ ଭାଇଙ୍କ ଦୁଃଖ କେବେ ଲାଘବ ହେବ ସେ କଥା ସରକାରଙ୍କୁ ଜଣା। ଅଭାବୀ ବିକ୍ରୀ ସହିତ ଫସଲ ସାଇତି ରଖିବାର ଘୋର ଅସୁବିଧା ପାଇଁ ସେମାନେ କି ହଇରାଣ ହରକତ ହେଉଛନ୍ତି ସେ କଥା ସମସ୍ତେ ଜାଣୁଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଶୀତଳ ଭଣ୍ଡାର ନିର୍ମାଣ ଘୋଷଣା ପରେ ପୂରାପୁରି ଶିଥିଳ ପଡ଼ିଯାଇଛି।

ଏଣୁ ହେ ସରକାର! ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖନ୍ତୁ, ମନା ନାହିଁ। କିନ୍ତୁ ବର୍ତ୍ତମାନ ସରକାରର ଅବଧି ଆଉ ଚାରିବର୍ଷ ଆଖିର ପଲକରେ ଚାଲିଯିବ। ତେବେ ସେଇ ସ୍ୱପ୍ନରୁ କିଛିଟା ସାକାର କରିବାକୁ ଚେଷ୍ଟାକରିବା ନିମନ୍ତେ ଏବେଠାରୁ ମନ୍ତ୍ରୀ, ନେତା ଓ ରାଜ୍ୟସ୍ତରୀୟ ପଦାଧିକାରୀମାନେ ପ୍ରତି ମାସରେ ଅନ୍ତତଃ ଗୋଟିଏ ଜିଲ୍ଲାରେ ସାତଦିନ ରହଣି କରି ସେ ଜିଲ୍ଲାର କୋଣ ଅନୁକୋଣର ସୁବିଧା ଅସୁବିଧାକୁ ହୃଦୟଙ୍ଗମ କରନ୍ତୁ। ସମୀକ୍ଷା କରନ୍ତୁ ଏବଂ ସେ ସବୁର ଆଶୁ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଏ ପ୍ରକ୍ରିୟା ସେତେଦିନ ଯାଏଁ ଚାଲୁ ରହୁ, ଯେତେବେଳେ ପର୍ଯ୍ୟନ୍ତ ରାଜ୍ୟର ସାଧାରଣ ଲୋକଟିର ମୁହଁରେ ସନ୍ତୋଷର ଆଭା ଫୁଟି ଉଠି ନଥିବ।

ଭୁବନେଶ୍ୱର, ମୋ: ୭୯୭୮୪୬୬୪୧୫

## ଚିକିତ୍ସା ବିଜ୍ଞାନ ବନାମ ଆଧ୍ୟାତ୍ମିକତା

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଅସୁସ୍ଥ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯାଇଥା'ନ୍ତି ନିଜର ରୋଗ ଉପଶମ ପାଇଁ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ରୋଗୀକୁ ନାନା ପ୍ରଶ୍ନ ପଚାରିଥା'ନ୍ତି ରୋଗ ସଂପର୍କରେ। କିନ୍ତୁ ସେ କ'ଣ ଜାଣିବାକୁ ଚାହିଁଥା'ନ୍ତି ଯେ ରୋଗୀ ଆସ୍ତିକ କି ନାସ୍ତିକ? ମନ୍ଦିର କି ମସ୍‌ଜିଦ୍ କିମ୍ବା ଚର୍ଚ୍ଚ ଯା'ନ୍ତି କି ନା? ଯୋଗ ଦିଅନ୍ତି କି ନା ପ୍ରାର୍ଥନା ସଭାରେ? ଯୋଗ, ଧ୍ୟାନ ଇତ୍ୟାଦି କରିବାର ଅଭ୍ୟାସ ଅଛି କି ନାହିଁ? ରୋଗୀକୁ ଏହି ପ୍ରକାରର ପ୍ରଶ୍ନ ପଚାରିବା ବିତର୍କିତ। କାରଣ ଧର୍ମାଚରଣ କିମ୍ବା ବିଶ୍ୱାସ-ଅବିଶ୍ୱାସ ରୋଗୀର ବ୍ୟକ୍ତିଗତ ବ୍ୟାପାର। ସେ ବିଷୟରେ ପ୍ରଶ୍ନ ପଚାରିବା କ'ଣ ରୋଗୀର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ ନୁହେଁ? ତା'ଛଡ଼ା ରୋଗୀକୁ ସେସବୁ ପ୍ରଶ୍ନ ପଚାରିବା କ'ଣ ଚିକିତ୍ସା ଶାସ୍ତ୍ର ଅନୁମୋଦିତ? ଯେଉଁ ଚିକିତ୍ସାବିଦ୍ୟା ବିଜ୍ଞାନ ଭାବରେ ଗଣ୍ୟ, ତାହା ଧର୍ମକୁ କାହିଁକି ଆମନ୍ତ୍ରଣ ଜଣେଇବ?

ମଣିଷର ସ୍ୱାସ୍ଥ୍ୟ ଉପରେ କିନ୍ତୁ ଧର୍ମର ପ୍ରଭାବ ନାନା ଭାବରେ ରହିଛି ବୋଲି କହିଛନ୍ତି ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ସ୍ନାୟୁ ବିଜ୍ଞାନୀ ଆନଣ୍ଡ୍ରୁ ନିଉବର୍ଗ। ସହକର୍ମୀ ସ୍ନାୟୁ ବିଜ୍ଞାନୀ କାର୍ମ ରବର୍ଟ ଓୟାଲ୍ଡମ୍ୟାନ୍‌ଙ୍କ ସଙ୍ଗେ ମିଳିତ ଭାବେ ନିଉବର୍ଗ ଲେଖିଛନ୍ତି ସାଢ଼େ ତିନିଶହ ପୃଷ୍ଠାର ଖଣ୍ଡେ ବହି। ବହିଟିର ନାଁ 'ହାଓ ଗଡ୍ ଚେଞ୍ଜେସ୍ ଇୟୋର୍ ବ୍ରେନ୍: ବ୍ରେକ୍ ଥ୍ରୁ ଫାଇଣ୍ଡିଙ୍ଗସ୍ ଫ୍ରମ୍ ଏ ଲିଡିଂ ନିଉରୋସାଇଣ୍ଟିଷ୍ଟ।' ଉଦ୍ଦେଶ୍ୟ ପ୍ରାର୍ଥନା କିମ୍ବା ଧ୍ୟାନ ଭଳି ଧର୍ମାଚରଣର ସହିତ ସୁସ୍ୱାସ୍ଥ୍ୟର ସମ୍ପର୍କ ନିର୍ଣ୍ଣୟ। ଧର୍ମ ବିଶ୍ୱାସ ସଙ୍ଗେ ସ୍ୱାସ୍ଥ୍ୟର ସମ୍ପର୍କ ବିଷୟରେ ଆହୁରି ଖଣ୍ଡେ ବହି 'ମେଡିସିନ, ରିଲିଜିୟନ ଆଣ୍ଡ ହେଲ୍‌ଥ' ଶୀର୍ଷକରେ ପ୍ରକାଶିତ ହୋଇଛି। ଡିଉକ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ସ୍ପିରିଚୁଆଲିଟି, ଥିୟୋଲୋଜି ଆଣ୍ଡ ହେଲ୍‌ଥ' କେନ୍ଦ୍ରର ନିର୍ଦ୍ଦେଶକ ହ୍ୟାରଲ୍ଡ କୋନିଗ୍ ଏହି ପୁସ୍ତକର ରଚୟିତା। ବ୍ୟାଧି ଉପଶମରେ ଔଷଧ ସହିତ ଆଧ୍ୟାତ୍ମ୍ୟଚିନ୍ତନର ଉପଯୋଗ କିପରି ଭାବରେ କରିବେ ଚିକିତ୍ସକମାନେ ସେହି ବିଷୟରେ ସେ ପୁସ୍ତକଟିରେ ପରାମର୍ଶ ଦେଇଛନ୍ତି। 'ହାଓ ଗଡ୍ ଚେଞ୍ଜେସ୍ ଇୟୋର ବ୍ରେନ୍' ବହିଟିରେ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ଜଣେଇଛନ୍ତି ସେମାନଙ୍କର ଏକାଧିକ ପରୀକ୍ଷା ଏବଂ ସମୀକ୍ଷାର କଥା। ସେମାନଙ୍କ ନିକଟକୁ ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀଙ୍କ ଉପରେ ବିଶେଷ ପରୀକ୍ଷା ନିରୀକ୍ଷା କରି ସେମାନେ ଜାଣିପାରିଛନ୍ତି ଯେ ଧ୍ୟାନ, ପ୍ରାର୍ଥନା ଓ ଭଜନ କରୁଥିବା ବେଳେ ମଣିଷ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ ଅଂଶଟି ପ୍ରଥମେ ଜଡ଼ିତ ହୋଇପଡ଼େ। ଗଭୀର ଭାବରେ ମଗ୍ନ ରହିଥିବା ଅବସ୍ଥାରେ କ୍ରିୟାଶୀଳ ହୋଇଥାଏ ମସ୍ତିଷ୍କର ପାରିଏଟାଲ୍ ଲୋବ୍ ନାମକ ଅଂଶଟି। ଯେଉଁମାନେ ୧୦-୧୫ ବର୍ଷ ଧରି ଲଗାତାର ଧ୍ୟାନ, ପ୍ରାର୍ଥନା ଇତ୍ୟାଦିରେ ରତ ରହିଥିଲେ ସେମାନଙ୍କ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ୍ ତୁଳନାତ୍ମକ ଭାବେ ସ୍ଫୀତ ହୋଇଯାଇଥିଲା। ପୁଣି ଆଧ୍ୟାତ୍ମବାଦୀଙ୍କ ମସ୍ତିଷ୍କର ଥାଲାମସ୍ ଅଂଶଟି ବି ଭିନ୍ନ ଥିବା ସେମାନେ ଗବେଷଣାରୁ ଜାଣିପାରିଲେ।

ସାଧନା-ଭଜନକୁ କେତେ କାଳ ଧରି କଲେ ମସ୍ତିଷ୍କରେ ଏସବୁ ପରିବର୍ତ୍ତନ ଘଟେ? ଏହି ପ୍ରଶ୍ନର ଉତ୍ତରରେ 'ହାଓ ଗଡ୍ ଚେଞ୍ଜେସ ଇୟୋରବ୍ରେନ' ବହିଟିରେ ଜଣେ ରୋଗୀଙ୍କ କଥା ଉଲ୍ଲେଖ କରିଛନ୍ତି ନିଉଗର୍ବ ଓ ଓୟାଲ୍ଡମ୍ୟାନ୍। ଏକଦା ପେସାରେ ମେକାନିକ୍ ଥିବା ଗାସ ନାମଧାରୀ ରୋଗୀଟିଏ ଆସିଲେ। ଚେହେରା ସୁଠାମ, ଧର୍ମକର୍ମ ଠାରୁ ଶହେ ହାତ ଦୂରରେ। ମଧ୍ୟବୟସୀ ଗାସ କହିଲେ ତାଙ୍କର କିଛି ମନେ ରହୁନି। କିଛି ମନେ ପକେଇ ପାରୁନାହାନ୍ତି। ସବୁକିଛି ଶୁଣି ସାରିବା ପରେ ନିଉବର୍ଗ ଯେଉଁ ପ୍ରେସକିପସନ୍ ଦେଲେ ତାହା ବିଚିତ୍ର - 'ନିୟମ କରି ପ୍ରତିଦିନ କୀର୍ତ୍ତନ ଗାନ; ତା'ପୁଣି ହିନ୍ଦୁମାନଙ୍କର ଧର୍ମ ସଙ୍ଗୀତ।' ଦୁଇମାସ ଧରି ନିରନ୍ତର ଭଜନ, କୀର୍ତ୍ତନ କରିବା ପରେ ଗାସ୍ ପୁଣି ଆସିଲେ ନିଉବର୍ଗ ଓ ଓୟାଲ୍ଡମ୍ୟାନଙ୍କ ଚିକିତ୍ସା କେନ୍ଦ୍ରକୁ। ଏଥର ପରୀକ୍ଷାରୁ ଜଣାଗଲା ଯେ ଗାସ୍‌ଙ୍କ ସ୍ମୃତିଶକ୍ତି ୫୦ ପ୍ରତିଶତ ବଢ଼ିଛି। ଏଥିରେ ଖୋଦ୍ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ମଧ୍ୟ ଆଶ୍ଚର୍ଯ୍ୟ ହେଲେ।

ପ୍ରାର୍ଥନା ବା ଧ୍ୟାନ କଲେ କେବଳ ନିଜର ନୁହେଁ, ଅନ୍ୟର ସ୍ୱାସ୍ଥ୍ୟରେ ବି ଉନ୍ନତି ଘଟେ। ଏହି ବିଷୟରେ ଦୁଇଟି ଅନୁଧ୍ୟାନ ଆଲୋଚିତ। ପ୍ରଥମଟି ୧୯୯୮ ମସିହାର। ସାନଫ୍ରାନସିସ୍କୋ ଜେନେରାଲ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ର୍ୟାନ୍ ଡଲ୍ ବାୟାର୍ଡ ଦାବି କରିଥିଲେ ଯେ ହସପିଟାଲ୍‌ରେ ଭର୍ତ୍ତି ଯେଉଁସବୁ ରୋଗୀଙ୍କ ପାଇଁ ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ, ସେହିସବୁ ରୋଗୀ ତୁଳନାତ୍ମକ ଭାବେ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ୨୦୦୫ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ହର୍ବଟ୍ ବେନ୍‌ସନ୍ ପ୍ରାର୍ଥନାର ଏପରି ଅଲୌକିକତାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଅନ୍ୟର ପ୍ରାର୍ଥନା ସେବା ପାଇବା ସତ୍ତ୍ୱେ ୫୨ ପ୍ରତିଶତ ବାଇପାସ୍ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଥିବା ବେଳେ କେହି ପ୍ରାର୍ଥନା କରି ନଥିବା ୫୧ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଛି।

ଏବେ ପ୍ରଶ୍ନ ଉଠେ, ଧର୍ମାଚରଣ ସହିତ ସୁସ୍ୱାସ୍ଥ୍ୟର ସଂଯୋଗ କ'ଣ ପ୍ଲେସିବୋ ବା ମାନସିକ ସନ୍ତୁଷ୍ଟି ପାଇଁ ପ୍ରଦତ୍ତ ନିର୍ଗୁଣ ଔଷଧର ପ୍ରଭାବ ସଦୃଶ? ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକ ରବଟ୍ ହାମର ତାଙ୍କର ୧୫ ବର୍ଷ ବ୍ୟାପୀ ଅନୁଧ୍ୟାନ ପରେ ଜଣେଇଥିଲେ ଯେଉଁମାନେ ଚର୍ଚ୍ଚ ଯାଆନ୍ତି, ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁବରଣ କରିବାର ଆଶଙ୍କା, ଚର୍ଚ୍ଚ ଯାଉନଥିବା ବ୍ୟକ୍ତିମାନଙ୍କ ତୁଳନାରେ କମ୍। ପିଟସବର୍ଗ ମେଡିକାଲ ସେଣ୍ଟରର ସର୍ଜନ ଡ୍ୟାନିୟେଲ ହଲ ଲକ୍ଷ୍ୟ କରିଥିଲେ, ଚର୍ଚ୍ଚଗାମୀ ବ୍ୟକ୍ତିଙ୍କ ଆୟୁଷ ଅଧାର୍ମିକଙ୍କ ତୁଳନାରେ ଦୁଇ/ତିନିବର୍ଷ ବେଶୀ।

ସ୍ୱାସ୍ଥ୍ୟଜନିତ ଉପକାରର ଏପରି ସବୁ ନିଦର୍ଶନ ଆଧାରରେ ଧର୍ମାଚରଣକୁ କ'ଣ ଚିକିତ୍ସାର ଉପକରଣ ଭାବରେ ଗଣ୍ୟ କରାଯିବ? କଲମ୍ବିଆ ୟୁନିଭରସିଟି ମେଡିକାଲ୍ ସେଣ୍ଟରର ମନୋଚିକିତ୍ସାର ଅଧ୍ୟାପକ ରିଚାର୍ଡ ସ୍ଲୋୟାନ୍‌ଙ୍କ ମତରେ ପ୍ଲେସିବୋ ପ୍ରଭାବ ବିଷୟରେ ଗବେଷକମାନେ ଆହୁରି ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ଉଚିତ। ଚର୍ଚ୍ଚର ଶାନ୍ତ ପରିବେଶ, ଧର୍ମ ବିଶ୍ୱାସର ଜୀବନଚର୍ଯ୍ୟା ଇତ୍ୟାଦି ମଣିଷ ଶରୀରରେ ଯେଉଁସବୁ ପ୍ରଭାବ ପକାଏ ସେସବୁକୁ ମଧ୍ୟ ବିଚାର କରିବା ଉଚିତ। ଏ ସବୁ ନ କଲେ ଅଯଥାରେ ଅଲୌକିକତା ଉପରେ ଆସ୍ଥା ଜାତ ହୁଏ। ଚିକିତ୍ସାରେ ଧର୍ମର ପ୍ରଭାବ ବିଷୟକୁ ଆହ୍ୱାନ କରି 'ବ୍ଲାଇଣ୍ଡ ଫେଥ୍: ଦ ଅନହୋଲି ଆଲାୟେନ୍ସ ଅଫ୍ ରିଲିଜିୟନ୍ ଆଣ୍ଡ ମେଡିସିନ୍ (ଅନ୍ଧବିଶ୍ୱାସ, ଧର୍ମ ଓ ଚିକିତ୍ସାବିଜ୍ଞାନ ମଧ୍ୟରେ ଏକ ଅପବିତ୍ର ମୈତ୍ରୀ)' ନାମରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି ସ୍ଲୋୟାନ୍। ସେ ମନେ କରନ୍ତି, ଚିକିସା ବିଜ୍ଞାନ ସଙ୍ଗେ ଧର୍ମର କୋଳାକୋଳି ରୀତିମତ ଅଶୁଭ। ତାଙ୍କର ମନ୍ତବ୍ୟ ହେଉଛି ବିଜ୍ଞାନ ଅଲୌକିକ ବ୍ୟାଖ୍ୟାରେ ମୁଣ୍ଡ ପୂରେଇ ନ ଥାଏ। ମାତ୍ର ବିତର୍କ ଚିକିତ୍ସା ସୂତ୍ରରୁ ଉତ୍ଥାପିତ ହୋଇଥିଲେ ମଧ୍ୟ ଦ୍ୱନ୍ଦଟା କିନ୍ତୁ ବାସ୍ତବରେ ବିଜ୍ଞାନ ସହିତ ଧର୍ମର।

କଟକ, ମୋ: ୯୪୩୭୭୬୬୧୧୭

## ସମାଜ ସଂସ୍କାରର ତେଜସ୍କ୍ରିୟ କିରଣ: ମୋହିନୀ ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସମାଜ ସଂସ୍କାରକ ସାହିତ୍ୟ ସାଧକ ଭାବରେ ବ୍ୟାସକବି ଫକୀର ମୋହନଙ୍କୁ କିଏ ବା ନ ଜାଣେ? ଅଥଚ ତାଙ୍କ ପୁତ୍ର ମୋହିନୀ ମୋହନଙ୍କ ପ୍ରସଙ୍ଗ ଉତ୍ଥାପିତ ହେବା ମାତ୍ରକେ ଉଭୟଙ୍କ ଜୀବନ ଓ ଚିନ୍ତନ ମଧ୍ୟରେ ଏକ ତାରତମ୍ୟ ଦୃଷ୍ଟିଗୋଚର ହୁଏ। କିନ୍ତୁ ସେହି ତାରତମ୍ୟ ମଧ୍ୟରେ ଯେ ଥାଇପାରେ ଏକ ଅନ୍ତର୍ଗତ ଅଦ୍ଭୁତ ସାମ୍ୟ ଏହା ଆବିଷ୍କାର କରିପାରିଲେ ହୃଦୟରେ ସଞ୍ଜାତ ହୁଏ ଅଭିନ୍ନ ସ୍ପନ୍ଦନ। ଫକୀର ମୋହନ ଆସ୍ତିକ ଥିଲେ ଆଉ ମୋହିନୀ ମୋହନ ଥିଲେ ନାସ୍ତିକ - ଏତିକି ପାର୍ଥକ୍ୟ ନିରୂପଣ କରି ନିରବ ହୋଇଯାଏ ଆମ ଚିତ୍ତଦେଶ। ଏହି ବାହ୍ୟ ଆବରଣରୁ ମୁକ୍ତ କରି ପିତା-ପୁତ୍ରଙ୍କୁ ନୂତନ ଭାବରେ ଦେଖିଲେ ଆମର ଚିନ୍ତାଧାରା ପରିବର୍ତ୍ତିତ ହୋଇଯିବା ପାଇଁ ଅଧିକ ବିଳମ୍ବ ହେବ ନାହିଁ। ପାରମ୍ପରିକ ବିଶ୍ୱାସ ମଧ୍ୟରେ ଯିଏ ସୀମିତ ସେ ଆସ୍ତିକ ଆଉ ସମାଜ ନିର୍ଣ୍ଣିତ ନୈତିକତାର ରେଖା ଲଂଘନ କରିଦେବା ମାତ୍ରକେ ହୋଇଯାଏ ନାସ୍ତିକ - ଏପରି ବଦ୍ଧମୂଳ ଧାରଣା ଆଉ କେତେଦିନ ମାନବିକ ସମ୍ପର୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରି ରହିଥିବ?

ସମାଜରେ ବ୍ୟାପୀ ଯାଉଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲେଖନୀ ଚାଳନା କରି ଫକୀର ମୋହନ ହେଲେ ଚିରପୂଜ୍ୟ। ମୋହିନୀ ମୋହନଙ୍କ ଆବିର୍ଭାବ ସେଇ ଚେତନାରୁ ତ ସମ୍ଭବ ହୋଇଛି! ସେ ପିତାଙ୍କଠାରୁ କିପରି ହୋଇପାରିବେ ଭିନ୍ନ? ଅନ୍ତଃଦୃଷ୍ଟି ଉନ୍ମୋଚନ କରି ଥରେ ଦେଖାଯାଉ ତ! ପିତାଙ୍କ ସମାଜ ସଂସ୍କାର ମନୋବୃତ୍ତିର ଆଉ ଏକ ଅଗ୍ନି-ସ୍ଫୁଲିଙ୍ଗ କ'ଣ ନୁହନ୍ତି ମୋହିନୀମୋହନ? ପାରମ୍ପରିକ ଧର୍ମ-ଧାରଣାକୁ ଅତିକ୍ରମ କରି ସେ ହୋଇଥିଲେ ସତ୍ୟ-ସନ୍ଧନୀ। ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧଗୁଡ଼ିକର ସଂକଳନ 'ବିବିଧ ପ୍ରସଙ୍ଗ' ଧ୍ୟାନପୂର୍ବକ ପାଠ କଲେ ନବଚେତନା-ଉନ୍ମୁଖ ପାଠକ ମାତ୍ରକେ ଉପଲବ୍ଧି କରିପାରିବେ ଯେ ସେ କିପରି ମୁକ୍ତଆକାଶର ବିହଙ୍ଗ। ଏ ମୁକ୍ତି କେଉଁ ମଣିଷ ଆତ୍ମାର କାମ୍ୟ ନୁହେଁ?

ସେ କେବଳ ବୃତ୍ତିଧାରୀ ଦର୍ଶନର ଅଧ୍ୟାପକ ନ ଥିଲେ। ଥିଲେ ମୌଳିକ ଚେତନା -ସମ୍ପନ୍ନ ଦାର୍ଶନିକ। କିନ୍ତୁ ତାଙ୍କ ଭିତରେ ଯେଉଁ ମାନବୀୟ ସମ୍ବେଦନଶୀଳତା ଥିଲା ଅତ୍ୟନ୍ତ ଗଭୀର, ତାହା ତ ଏପର୍ଯ୍ୟନ୍ତ ବି ଆଧୁନିକ ମଣିଷ ହୃଦୟଙ୍ଗମ କରିପାରିନାହିଁ। ସେଇ ସମୟରେ ସେ ଲେଖନ୍ତି 'ଜୀବଜନ୍ତୁଙ୍କ ଅଧିକାର' ଶୀର୍ଷକ ପ୍ରବନ୍ଧ, ଯାହା ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବା ବିଧେୟ। ଯେଉଁ ପୃଥିବୀ ଏ ପର୍ଯ୍ୟନ୍ତ ମଣିଷକୁ ମଣିଷର ଅଧିକାର ଦେବା ପାଇଁ କୁଣ୍ଠିତ, ସେ ଜୀବଜନ୍ତୁମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପାରିବ କିପରି? ମୋହିନୀ ମୋହନଙ୍କୁ ଦେଖିବା ପରେ ଜଣେ ଭଦ୍ର ମହିଳା ମନ୍ତବ୍ୟ ଦେଲେ, 'ସେ ନାସ୍ତିକ। ଅଥଚ ତାଙ୍କ ବ୍ୟବହାର ଏତେ ଭଦ୍ରୋଚିତ!' ଏହାହିଁ ତ ମୋହିନୀ ମୋହନଙ୍କ ଆସ୍ତିକତାର ସୌନ୍ଦର୍ଯ୍ୟ। ପ୍ରତିଦିନ ଭଗବାନଙ୍କ ମୂର୍ତ୍ତି ପାଖରେ ଭକ୍ତି ନିବେଦନ। ପୁଣି ଚତୁଃପାର୍ଶ୍ୱର ମଣିଷ ଓ ପ୍ରକୃତି ପ୍ରତି କ୍ରୂର, କର୍କଶ ଓ ପୀଡ଼ାଦାୟକ ବ୍ୟବହାର ପ୍ରଦର୍ଶନ! ଏହାଠାରୁ ଆଉ ଅଧିକ ନାସ୍ତିକତା କେଉଁଠି ଥାଇପାରେ?

ଧର୍ମ, ବିବାହ, ଭାଗ୍ୟ, ବିବେକ, ସମାଜ ବିଷୟରେ ନିଜ ମୁକ୍ତ ଚିନ୍ତାଧାରା ପ୍ରକାଶ କରିଥିବାରୁ ମୋହିନୀ ମୋହନଙ୍କ ଗଦ୍ୟ ସୃଷ୍ଟିରେ ଓଡ଼ିଆ ସାହିତ୍ୟ ହୋଇଛି ସମୃଦ୍ଧ। ସେ ଭାଗ୍ୟକୁ ଅସ୍ୱୀକାର କରିପାରି ନାହାନ୍ତି। ମାତ୍ର ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେଇ ସ୍ତରକୁ ସଚ୍ଚୋଟ ଭାଗ୍ୟବାଦୀମାନେ ମଧ୍ୟ ଆରୋହଣ କରିପାରନ୍ତି ନାହିଁ। ଭାଗ୍ୟଫଳ ଭୋଗ ହିଁ ଯଦି ହୁଏ ସତ୍ୟ, ତା'ହେଲେ ମଣିଷ କେଉଁ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚିବା ସମୁଚିତ? ସମସ୍ତ ଶତ୍ରୁତା, ମାନ, ଅଭିମାନ, ଈର୍ଷା, ଦ୍ୱେଷ ଭାବନାରୁ ବିମୁକ୍ତ ଏକ ସ୍ଥିତପ୍ରଜ୍ଞ ଜୀବନ ହିଁ ମଣିଷ ପାଇଁ ଏକାନ୍ତ କାମ୍ୟ- ଏହା ନିଜ ରଚନାରେ ପ୍ରତିପାଦନ କରିଦେଉଥିବା ମୋହିନୀ ମୋହନ ନିଜ ଅଜାଣତରେ ତ ଭଗବତ ଗୀତାର ନିଷ୍କର୍ଷ ଉପସ୍ଥାପିତ କରିଦେଇଛନ୍ତି ପ୍ରେରଣା ଗର୍ଭିତ ବାକ୍ୟରେ! ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନ ଜଗତରେ ଗଭୀର ଅବଗାହନ କରିଥିବା ମୋହିନୀ ମୋହନ ସ୍ୱକୀୟ ଦୃଷ୍ଟିକୋଣରୁ ହିଁ ପ୍ରତ୍ୟେକ କଥାକୁ ବିଚାର କରନ୍ତି। ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ନିଟଜେଙ୍କ ବିଷୟରେ ଓଡ଼ିଆ ପାଠକମାନଙ୍କୁ ସେ ହିଁ ପ୍ରଥମେ ପରିଚିତ କରାଇଛନ୍ତି।

ପରିସୂକ୍ଷ୍ମ ସ୍ତରରେ ରହିଛି ଯଦି ଏକ ଅଦୃଶ୍ୟ ବାସ୍ତବତା, ତା'ହେଲେ ପିତା-ପୁତ୍ର ସେଠାରେ ରହିଥିବେ ଏକାତ୍ମ ହୋଇ ନିଶ୍ଚୟ। ସେହି ଏକାତ୍ମକତାକୁ ଅନୁଭବ କରିପାରିଲେ ସମାଜ ପୁନର୍ଗଠନର ଅନନ୍ୟ ଶିଳ୍ପୀ ଭାବରେ ମୋହିନୀ ମୋହନ ଆମର ରହିବେ ସଦା ପ୍ରଣମ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ମଧ୍ୟପ୍ରାଚ୍ୟରେ ମିସାଇଲ...

ଅନ୍ୟପକ୍ଷରେ ଇସ୍ରାଏଲ ଆଜି ଇରାନ ରାଜଧାନୀ ତେହରାନ ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି । ଇସ୍ରାଏଲର ୫୦ଟି ଲଢୁଆ ବିମାନ ଉତ୍ତର ଏବଂ ପଶ୍ଚିମ ତେହେରାନର ୨୦ଟି ଠିକଣା ଉପରେ ବୋମାମାଡ଼ କରିଛନ୍ତି । ଇରାନର ଅନେକ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ସହିତ ତୈଳ ଭଣ୍ଡାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ସର୍ବୋଚ୍ଚ ନେତା ଖାମେନେଇ ଏବଂ ଅନ୍ୟ ବରିଷ୍ଠ ନେତା ବିଭିନ୍ନ ବଙ୍କରରେ ଆଶ୍ରୟ ନେଇ ସେଠାରୁ ଯୁଦ୍ଧ ପାଇଁ କମାଣ୍ଡ ପଠାଉଥିବା ଜଣାପଡ଼ିଛି ।

ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ଇରାନର ସବୁଠାରୁ ଅଧିକ କ୍ଷତି ହୋଇଛି । ଇରାନ ସରକାର ସ୍ୱୀକାର କରିଛନ୍ତି ଯେ ଇସ୍ରାଏଲ ଆକ୍ରମଣରେ ଏହାର ୫୮୫ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୪୦୦ରୁ ଅଧିକ ଆହତ ହୋଇଛନ୍ତି । ସେହିଭଳି ଇସ୍ରାଏଲରେ ୨୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୩୦୦ ଆହତ ହୋଇଛନ୍ତି । ଇରାନ ଦାବି କରିଛି ଯେ ଇସ୍ରାଏଲର ଅନେକ ସାମରିକ ପ୍ରତିଷ୍ଠାନ, ତୈଳ ବିଶୋଧନାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି । ଇସ୍ରାଏଲ ମଧ୍ୟ ଦାବି କରିଛି ଯେ ଏହାର ଆକ୍ରମଣରେ ଇରାନର ବାୟୁସୀମା ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ।

ଇତିମଧ୍ୟରେ ଏହି ଯୁଦ୍ଧକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଋଷ ରାଷ୍ଟ୍ରପତି ପୁଟିନ । ସେ କହିଛନ୍ତି ଯେ ଯୁଦ୍ଧ ଜାରି ରହିଲେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଭୟଙ୍କର ହୋଇପଡ଼ିବ । ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ସହିତ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏସମ୍ପର୍କରେ ଇରାନ କିମ୍ବା ଇସ୍ରାଏଲର ପ୍ରତିକ୍ରିୟା ଜଣାପଡ଼ିନାହିଁ । କିନ୍ତୁ ସେମାନେ ଯୁଦ୍ଧ ବନ୍ଦ କରିବା ମୁଡ଼ରେ ନଥିବା କୁହାଯାଉଛି । ଅନ୍ୟପକ୍ଷରେ ସେମାନେ ପରସ୍ପର ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାରେ ଲାଗିଛନ୍ତି ।

## ପାଣିରୁ ଝାଡ଼ାବାନ୍ତି...

ଲୋକ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଶଯ୍ୟାର ଅଭାବ ରୋଗୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ଗତ କେଇମାସ ତଳେ ପୁରୀ ଜିଲ୍ଲାରେ ଡାଇରିଆ ବ୍ୟାପି ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ଏହା ସତ୍ତ୍ୱେ ସରକାର ଯତ୍ନବାନ ନ ହେବାରୁ ରାଜି ଏପରି ଅବସ୍ଥା ସୃଷ୍ଟି ହୋଇଛି । ସେହିପରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦେବା ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପକୁ ସରକାର ବନ୍ଦ କରି ଦେଇଛନ୍ତି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତକୁ ଯେଉଁ ଆର୍ଥିକ ସହାୟତା ଦିଆଯିବା କଥା ଓ ନଳକୂପ ଖନନ କରିବା କଥା, ତାହା ମଧ୍ୟ କରାଯାଉ ନାହିଁ । ଫଳରେ ଦୂଷିତ ପାନୀୟ ଜଳ ଏବେ ପ୍ରାଣଘାତୀ ହୋଇଛି ।

କେନ୍ଦ୍ରାପଡ଼ା ଡିଏମ୍ ପଞ୍ଚାୟତରାଜ ଓ ପାନୀୟ ଜଳ ଓ ଗୃହନିର୍ମାଣ ଓ ନଗର ଉନ୍ନୟନ ବରିଷ୍ଠ ଅଧିକାରୀମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ୨୫ଟି ଜଳ ନମୂନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୂନା ସଂଗ୍ରହ କରି ପରୀକ୍ଷା କରାଯାଇଛି । ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢ଼ାଉ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଡାଇରିଆ ସ୍ଥିତିର ମୁକାବିଲା ପାଇଁ ସରକାରୀ ବିଭାଗମାନେ କ୍ଷେତ୍ର ସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମ୍ୟ ପାନୀୟଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ସଚିବମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ସ୍ୱାସ୍ଥ୍ୟ ସଚିବ ରାଜ୍ୟର ସମସ୍ତ ଜିଲ୍ଲାରେ ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି । ଆସନ୍ତାକାଲି ବିଶେଷଜ୍ଞଙ୍କ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିବେ ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି ।

## ବର୍ଷ ଏକ...

ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ନବୀନ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ବିଜେଡି ସରକାର ସମୟରେ ଓଡ଼ିଶା ସମଗ୍ର ଦେଶରେ ତା'ର କାମ ପାଇଁ ସୁନାମ ଅର୍ଜନ କରିଥିଲା । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ପରିଚୟ ସୃଷ୍ଟି କରିଥିଲା । ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଆମେ ଯୁବ ସମାଜ ଭିତରେ ନୂଆ ପ୍ରେରଣା ସୃଷ୍ଟି କରିଥିଲୁ । ମୋ ସ୍କୁଲ, ମୋ କଲେଜ ଭଳି ନୂଆ କାର୍ଯ୍ୟକ୍ରମ ସମାଜକୁ ଶିକ୍ଷା ସହ ଯୋଡି ପାରିଥିଲା । ୫-ଟି ସ୍କୁଲ ରୂପାନ୍ତରୀକରଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଥିଲା । ଆଦର୍ଶ ବିଦ୍ୟାଳୟ ଗାଁର ପିଲାମାନଙ୍କ ସ୍ୱପ୍ନ ସାକାର କରୁଛି । ଲକ୍ଷ୍ମୀ ବସ୍‌ରେ ପିଲାମାନେ ମାତ୍ର ୫ ଟଙ୍କାରେ ସ୍କୁଲ, କଲେଜ ଯାଇପାରୁଥିବା ବେଳେ ମା'ମାନେ ମାର୍କେଟକୁ ଯାଇପାରୁଥିଲେ । ମାତ୍ର ବିଜେପି ସରକାର ଏ ସବୁ ଯୋଜନାକୁ ବନ୍ଦ କରି ଦେଇଛନ୍ତି । ନୂଆ ଓ ଏବଂ ବିଏସ୍‌କେୱାଇ ଯୋଜନା ବନ୍ଦ କରାଯାଇଛି । ମିଶନ ଶକ୍ତି ମା'ମାନଙ୍କୁ ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି । ରାଜ୍ୟ ଅର୍ଥନୀତି ଏବେ ତଳମୁହାଁ । ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । କଲେରା, ଡାଇରିଆରେ ଲୋକେ ହୀନସ୍ତା ହେଉଛନ୍ତି । ଆୟୁଷ୍ମାନ କାର୍ଡ ଧରି ରୋଗୀ ହସ୍ପିଟାଲରୁ ଫେରୁଛନ୍ତି । ତେଣୁ ବିଜେପିର ମିଛ ପ୍ରଚାରର ଉପଯୁକ୍ତ ଜବାବ ଦେବା ସହ ଲୋକଙ୍କୁ ସତ କ'ଣ ଜଣାଇବାକୁ ଯୁବ ସମାଜ କାର୍ଯ୍ୟ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି ।

ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ଯୁବ ଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ସମ୍ଭାବନା ସୃଷ୍ଟି ହୋଇଥିଲା, ଆଜି ବିଜେପିର ଏକ ବର୍ଷର ଶାସନରେ ତାହା ମଉଳିଯାଇଛି । ନବୀନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ସ୍କିଲ୍ଡ ଇନ୍ ଓଡିଶା'ରେ ଆଜି ଯୁବକମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇନାହିଁ । ଆର୍ସେଲର ମିତ୍ତଲ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଶିଳ୍ପ ସଂସ୍ଥା ଆଜି ଅନ୍ୟ ରାଜ୍ୟକୁ ମୁହାଁଇଲେଣି । ବରିଷ୍ଠ ବିଧାୟକ ତଥା ଓବିସି ସେଲ୍ ଆବାହକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଗତ ଏକ ବର୍ଷରେ ରାଜ୍ୟରେ ଓଡିଆ ଅସ୍ମିତା ବାରମ୍ବାର ଭୂଲୁଣ୍ଠିତ ହୋଇଛି । ରଥଯାତ୍ରା ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡିଗଲେ, ତାର ତଦନ୍ତ କୁଆଡେ ଗଲା ଓଡିଶାବାସୀ ଜାଣିପାରିଲେ ନାହିଁ । ଟ୍ରିପଲ ଇଞ୍ଜିନ ସରକାର ଥାଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ ହେଲା ନାହିଁ । ପୋଲାଭରମ ପ୍ରକଳ୍ପ ଓଡିଶାର ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ର ଆନ୍ଧ୍ରକୁ ୧୬,୦୦୦ କୋଟି ଟଙ୍କା ଦେଇଦେଲେ, କିନ୍ତୁ ଆମ ରାଜ୍ୟର ୨୦ ଏମ୍‌ପିଙ୍କ ମୁହଁ ଚୁପ୍ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ପ୍ରତିଦିନ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଖବରକାଗଜରେ ଶିରୋନାମା ପାଲଟିଛି । ଏହା କ'ଣ ବିଜେପିର ଓଡିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଥିଲେ ।

ଦଳର ଉପସଭାପତି ସଞ୍ଜୟ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କର ଓଡିଶା ପ୍ରତି ଅବହେଳା ଜାରି ରହିଛି । ଏହି ଏକ ବର୍ଷରେ ଓଡିଶାକୁ କେନ୍ଦ୍ରର ଅନୁଦାନ ପ୍ରାୟ ୧୮.୧୯ ପ୍ରତିଶତ କମିଛି । ୨୦୧୫ରେ ଘୋଷିତ ବହୁ ପ୍ରତୀକ୍ଷିତ ଉପକୂଳ ରାଜପଥ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ନାହିଁ । ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ବିଜେପି ସରକାରଙ୍କ ସଫଳତାକୁ ନେଇ ଉତ୍ସବ ପାଳନକୁ ତାତ୍ସଲ୍ୟ କରି କହିଥିଲେ ଯେ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ନ୍ୟାୟ ନ ଦେବା, ମାଣ୍ଡିପଙ୍କାରେ ଚାଉଳ ବଣ୍ଟନ ବିଫଳ ଯୋଗୁ ଆମ୍ବ ଟାକୁଆ ଖାଇ ୪ ଜଣଙ୍କ ମୃତ୍ୟୁ ହେବା, ବିଷାକ୍ତ ମଦ ପିଇ ୫ ଜଣଙ୍କ ଜୀବନ ଯିବା, ବିଷାକ୍ତ ଛତୁଆ ଖାଇ ୨ ଜଣଙ୍କ ମୃତ୍ୟୁ ହେବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିବା, ଅପରାଧ ରେକର୍ଡରେ ଓଡିଶା ୮ମ ସ୍ଥାନ ହାସଲ କରିବା ଇତ୍ୟାଦି ରାଜ୍ୟ ବିଜେପି ସରକାରଙ୍କ ସଫଳତା । ଧାନ କିଣାରେ କଟ୍‌ନୀ ଛଟ୍‌ନୀ , ସୁଭଦ୍ରା ଯୋଜନାରେ ପ୍ରତିଶ୍ରୁତି ଅନୁସାରେ ଦୁଇ ବର୍ଷରେ ୫୦ ହଜାର ନ ଦେଇ ଦିନକୁ ୨୭ ଟଙ୍କା ହିସାବରେ ବର୍ଷକୁ ୨ କିସ୍ତିରେ ୧୦ ହଜାର ଦେବା ନାରୀ ସ୍ୱାଭିମାନ ପ୍ରତି ଉପହାସ ହୋଇଛିସେ କହିଥିଲେ ।

କାର୍ଯ୍ୟକ୍ରମରେ ଦଳର ନେତା ପ୍ରଣବ ପ୍ରକାଶ ଦାସ, ସଂଘମିତ୍ରା ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରୋହିତ ପୂଜାରୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା, ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ମାର୍ଥା, ଏଲିନା ଦାଶ ଏବଂ ଛାତ୍ର ନେତା ବିଶ୍ୱ ପ୍ରତାପ ସାହୁ, ମିକୁ ପ୍ରଧାନ, ରାଜେଶ ରାଜ ସ୍ୱାଇଁ, ଅଭିନାଶ ଠାକୁର, ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡେଇ, ଶର୍ମିଷ୍ଠା ସେଠୀ, ଦୀପାଳି ଦାସ ଉପସ୍ଥିତ ଥିଲେ । ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘରୁ ଉଠାଇନେଇ...

ପ୍ରଥମେ ସେମାନେ ମହିଳାଙ୍କୁ ଅଜୟଙ୍କ ଘରକୁ ନେଇ ଯାଇଥିଲେ ଓ ସେଠାରେ ଗଣଦୁଷ୍କର୍ମ କରିଥିଲେ । ସମ୍ପୃକ୍ତ ମହିଳାଜଣକ ଆହତ ହୋଇ ସେଠାରେ ପଡ଼ି ରହିଥିଲେ ।

ମହିଳାଙ୍କ ସ୍ୱାମୀ ଘରକୁ ଫେରିବା ପରେ ପତ୍ନୀଙ୍କୁ ନ ପାଇ ଖୋଜାଖୋଜି କରି ଅଜୟଙ୍କ ଘରୁ ତାଙ୍କୁ ଠାବ କରିଥିଲେ । ଗୁରୁତର ପତ୍ନୀଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରି ଥାନାରେ ଏ ସମ୍ପର୍କରେ ସୂଚନା ଦେଇଥିଲେ । ପୀଡ଼ିତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୁଲିସ ସମ୍ପୃକ୍ତ ୪ ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି ।

## ଚିକିତ୍ସା ପାଇଁ...

ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟମ ଦଳର ନେତାମାନେ ମଧ୍ୟ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି ।

## ରିପୋର୍ଟ କାର୍ଡ ସାରା...

ଦିଆଯିବ ତାହା ମୁଖ୍ୟମନ୍ତ୍ରୀ ଓ ଦଳର ଶୀର୍ଷ ନେତୃତ୍ୱ ପାଇଁ ଅଡୁଆ ହୋଇଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ପ୍ରଦାନ ଏବଂ ଧାନର ଇନପୁଟ ସବସିଡି ବାବଦରେ ୮୦୦ ଟଙ୍କା ପ୍ରଦାନ ଛଡ଼ା ରାଜ୍ୟ ସରକାର ଏହି ବର୍ଷକ ମଧ୍ୟରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି । ଏହା ସତ୍ତ୍ୱେ ଉପରୋକ୍ତ ଦୁଇଟି ଯୋଜନା ମଧ୍ୟ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ହୋଇ ନ ଥିବା ଯୋଗୁ ସରକାରଙ୍କୁ ସାଧାରଣରେ ବେଶ୍ ସମାଲୋଚିତ ହେବାକୁ ପଡ଼ିଛି । ଏପରିସ୍ଥଳେ ଗତ ଏକବର୍ଷରେ ପ୍ରାୟ ସମସ୍ତ ମନ୍ତ୍ରୀମାନଙ୍କ ପ୍ରଦର୍ଶନକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ ଅସୁଖୀ ବୋଲି କୁହାଯାଉଛି । ବର୍ଷକ ମଧ୍ୟରେ ମନ୍ତ୍ରୀମଣ୍ଡଳର ସଦସ୍ୟ କେବଳ ମିଡିଆ ନିଜ ଉପସ୍ଥିତିକୁ ଜାହିର୍ କରିଛନ୍ତି; ମାତ୍ର କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉପସ୍ଥିତି ଶୂନ । ରାଜସ୍ୱ ସଂସ୍କାରଠାରୁ ଆରମ୍ଭ କରି ଶ୍ରୀମନ୍ଦିର ସଂସ୍କାର, ଜଳବିବାଦ ଓ ସୀମା ବିବାଦର ସମାଧାନ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଯେପରି ମେଟ୍ରୋ ପ୍ରକଳ୍ପ, ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ଆଦି କେବଳ ଗଣମାଧ୍ୟମ ବିବୃତିରେ ସୀମିତ ହୋଇ ରହିଯାଇଛି । ବର୍ଷକ ମଧ୍ୟରେ ସରକାରଙ୍କୁ ସୁନାମ ଅପେକ୍ଷା ଅଧିକ ଦୁର୍ନାମ ମୁଣ୍ଡାଇବାକୁ ପଡ଼ିଛି । ବର୍ଷ ଆରମ୍ଭରୁ ରଥ ଉପରେ ବଳଭଦ୍ରଙ୍କ ପଡ଼ିଯିବା ଘଟଣାଠାରୁ ବର୍ଷ ଶେଷରେ ହଇଜା ପରି ଘଟଣାରେ ମନ୍ତ୍ରୀମାନଙ୍କର ଅପାରଗତା ହିଁ ଏହାର ମୁଖ୍ୟ କାରଣ ବୋଲି ନିଜେ ମୁଖ୍ୟମନ୍ତ୍ରୀ ହୃଦ୍‌ବୋଧ କରି ସାରିଛନ୍ତି । ତେଣୁ କେଉଁ ମନ୍ତ୍ରୀଙ୍କୁ କେଉଁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହୋଇ ନାହିଁ । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ଡଜନେରୁ ଅଧିକ ମନ୍ତ୍ରୀଙ୍କର ବିଭାଗରେ ଅଦଳ ବଦଳ ହେବ । ନିଜ ନିଜ ଅଧିନରେ ଥିବା ଦୁହାଁଳିଆ ବିଭାଗକୁ ପାଖରେ ରଖିବାକୁ ଏମାନେ ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଥିବା ବେଳେ ନେତୃତ୍ୱ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କ ଉଭୟ ସରକାର ଓ ସାଂଗଠନିକ ସ୍ତରରେ ଏକ ବଡ଼ ବୈଠକ ଅନୁଷ୍ଠିତ ହେବ ଏବଂ ଏହାପରେ ମନ୍ତ୍ରିମଣ୍ଡଳ ରୂପରେଖ ଚୂଡ଼ାନ୍ତ କରାଯିବ ।

## ବିଗିଡ଼ିଗଲାଣି '୧୦୮'...

ଆମ୍ବୁଲାନ୍ସ ମଧ୍ୟ ବଦଳାଇବାକୁ ପଡ଼ିବ । ତେଣୁ ଅବଧି ଶେଷ ହୋଇଯାଇଥିବା ଆମ୍ବୁଲାନ୍ସଗୁଡ଼ିକୁ ତୁରନ୍ତ ବଦଳାଇବାର ଆବଶ୍ୟକତା ରହିଛି ବୋଲି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ କହିଛନ୍ତି । ହେଲେ ଜରୁରୀକାଳୀନ ଭିତ୍ତିରେ ଏହାକୁ କରାଯାଉ ନ ଥିବାରୁ ତୃଣମୂଳସ୍ତରରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅଚଳ ଆମ୍ବୁଲାନ୍‌ସଗୁଡ଼ିକୁ ବଦଳାଇବା ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଏନେଇ ଖୁବ୍‌ଶୀଘ୍ର ପୋର୍ଟାଲ୍‌ରେ ଟେଣ୍ଡର ଆବେଦନ କରାଯିବ । ଏଥିରେ ଭାଗ ନେଇ କମ୍ପାନୀମାନେ ଗାଡ଼ି ଯୋଗାଇବେ । ପରବର୍ତ୍ତୀ ସମୟରେ ଏହାକୁ ଆମ୍ବୁଲାନ୍ସରେ ରୂପାନ୍ତରିତ କରାଯିବ । ଆଗାମୀ ୪ରୁ ୫ ମାସ ଭିତରେ ଏସବୁ ପ୍ରକ୍ରିୟା ଶେଷ ହେବା ସହ ନୂଆ ଆମ୍ବୁଲାନ୍ସ ଆସିଯିବ । ବର୍ତ୍ତମାନ ବି ଲୋକଙ୍କ ଆବଶ୍ୟକତା ଅନୁସାରେ ସେବା ଯୋଗାଇବା ପାଇଁ ଚେଷ୍ଟା କରାଯାଉଛି । କିଛି ଜାଗାରେ ଡ୍ରାଇଭର୍‌ଙ୍କ ସଂଖ୍ୟା କମ୍ ଥିଲା । ତାହା ବି ପୂରଣ ପାଇଁ ଉଦ୍ୟମ କରାଯାଉଛି । ତେଣୁ ଆସନ୍ତା କିଛି ମାସ ଭିତରେ ଏହି ସେବା ସୁଚାର ରୂପେ ଚାଲିବ ବୋଲି ସେ କହିଛନ୍ତି ।

# ଯାଜପୁର: ଆଉ ୫ ନମୁନାରେ କଲେରା ପଜିଟିଭ୍ ଚିହ୍ନଟ

ଯାଜପୁର,୧୮।୬(ସମିସ): ଯାଜପୁରରୁ ଗତ ୯ ଦିନ ତଳୁ ବାହାରିଥିବା ଝାଡ଼ାବାନ୍ତି ଆଜି ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇପାରିନି । ପୂର୍ବରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିଥିବା ବେଳେ ଆଜି ଆଉ ୫ ନମୂନାରେ କଲେରା ଭୂତାଣୁ ମିଳିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ପଷ୍ଟ କରିଛନ୍ତି । ଆଜି ବ୍ୟାସନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲ୍ଲାରେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଥିବା ଜଣାପଡିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଆଜି ୧୦୪ଜଣ ନୂଆ ରୋଗୀ ଆଡ୍‌ମିଟ ହୋଇଥିବା ବେଳେ ୯ ଜଣଙ୍କୁ ରେଫର୍ କରାଯାଇଛି । ସୁସ୍ଥ ହେବା ପରେ ୧୧୨ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ମୋଟ ୧୭୪ ଜଣ ଚିକିତ୍ସିତ ହେଉଛନ୍ତି ।

### ବ୍ୟାସନଗରରେ ଦୁଇ ଜଣଙ୍କ ମୃତ୍ୟୁ

ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲୋକ ମାନଙ୍କୁ ସଚେତନ କରାଯିବା ସହ ଫୁଟା ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ହୋଟେଲ ଜଳଖିଆ ଦୋକାନରେ ଚଢ଼ଉ ଜାରି ରହିଛି । ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ଟ୍ୟୁବୱେଲ, କୂପ, ପାଇପ ୱାଟର ସପ୍ଲାଏ ଗୁଡ଼ିକୁ ବିଶୋଧନ କରାଯାଉଛି । ଏଚ୍‌୨ଏସ୍ କିଟ୍ ମାଧ୍ୟମରେ ଏମ୍‌ବିକେ ମାନେ ପାନୀୟ ଜଳକୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ହଟସ୍ପଟ ଅଞ୍ଚଳ; ଯେଉଁଠାରେ ଏବେ ଡାଇରିଆ କେଶ ବାହାରିବାର ତଥ୍ୟ ଆସୁଛି ଏବଂ ପାଇପ୍ ୱାଟର ସପ୍ଲାଏ ଉପଭୋକ୍ତା ଅଞ୍ଚଳରେ ପାନୀୟ ଜଳ ପରୀକ୍ଷା କରୁଛନ୍ତି ।

**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1355 dated 17-06-2025. I MURSHIDA KHATUN, Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from MURSHID KHATOON to MURSHIDA KHATUN. Henceforth, I shall e known as **MURSHIDA KHATUN** for all purposes.
MURSHIDA KHATUN

**AFFIDAVIT**
I Susmita Ghadei w/o- Balaram Ghadei, resident of village/po , Durpal, Ps-Kamarda, Dist-Balasore, Odisha, declared by affidavit before Executive Magistrate , Bhograi No.2103/ dtd-12/06/2025 that My son name as Bhagabata Ghadei in his Birth Certificate, that wrongly mentioned as Rakesh Ghadei in Adhar. Bhagabat Ghadei and Rakesh Ghadei is one & same person.Hence my son shall be known as **Bhagabat Ghadei** for all future purpose.

**AFFIDAVIT**
I Kalicharan Jena, S/o- Kartik Jena, resident of village/Po-Katisahi, Ps-Kamarda, Dist-Balasore, Odisha, declared by affidavit before Executive Magistrate, Bhograi No.1955/ dtd-29/05/2025 that My son name as Rajkeshore Jena in his Birth Certificate, that wrongly mentioned as Rajkoshor Jena in Adhar. Rajkeshor Jena and Rajkoshor Jena is one & same person. Hence my son shall be known as **Rajkeshore** for all future purpose.

**AFFIDAVIT**
I Manoranjan Swain, S/o-Parshuram Swain of village Garasang , Po- Garasang, Via-Ada, P.s-Similia, Dist-Baleswar, Pin- 756134 declare by this affidavit no- 1765 , Dt-17/06/2025 that now onwards,My name was wrongly mentioned as M.Swain (Aadhaar card no -5518 6332 3422 ). I shall be known as **Manoranjan Swain** for all future purposes as mentioned above address.

**CHANGE OF NAME**
By the virtue of an affidavit sworn before Executive Magistrate Kakatpur, dated 18.06.2025 I, **ABHIMANYU MUDULI**, Address At- Suhagpur, PO- Suhagpur, PS- Kakatpur, Dist - Puri, PIN - 752107 declare that I have changed my Son's/Daughter's name from **Deepak Kumar Muduli** to **Deepak Ranjan Muduli**. Henceforth he/she shall be known as **Deepak Ranjan Muduli** for all purposes .

**AFFIDAVIT**
By virtue of an affidavit sworn before Executive Magistrate, Anandapur dated- 26/03/2025. I, **GAYATRI RANA,** address At/Po- Kolimati, Dist-Keonjhar, Pin-758015, Odisha declare that I have changed my name from **Gayatri Sahoo To Gayatri Rana.** Henceforth, I shall be known as **Gayatri Rana** for all purposes.
**GAYATRI RANA (New Name)**

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated-18.06.2025, I, Pratap Dora, S/O- Brundaban Dora, resident of Vill- Singipur, PO-Singipur, P.S.-Patapur, Dist-Ganjam, Odisha, Pin-761014, declare that I have changed the name of my daughter's name from M Sanaki Dora to M Sonkashi Dora. Henceforth, she shall be known as M Sonkashi Dora for all purposes.

**SWAPNESWAR BALASHRAM**
AT-BOILO, PO-PURUNAHAT, P.S-KISHORENAGAR, DIST-CUTTACK
Regd. No- 4294-595 of 985-86
**INVITATION FOR OBJECTION**
As per the advertisement given regarding various posts on date 03.05.2025 and 05.05.2025 in Samaya and Sakala Paper, if anyone has any objection on the provisional list given on our Website: https://www.swapneswarbalashram.blogspot.com, send your objection letter to our email swapneswarbalashram@gmail.com or send a hard copy to: The Secretary, Swapneswar Balashram, At-Boilo, Po-Purunahat, Ps-Kishorenagar, Dist-Cuttack, Pin-754131 within 7 days from the date of advertisement in the newspaper.
Sd/- Secretary
Swapneswar Balashram, Boilo, Cuttack

**AFFIDAVIT**
By virtue of an affidavit sworn before BRAJA SUNDAR NAYAK, Notary Public, RAYAGADA, dated 18 Jun 2025, I, SIPRA SANGHAMITRA DASH, Address Opp. Shanti Bhaban, Convent Road, Rayagada, Odisha. PIN 765001 declare that I have changed my name from SIPRA SANGHAMITRA RICHA TANISHA DASH to SIPRA SANGHAMITRA DASH. Henceforth, I shall be known as SIPRA SANGHAMITRA DASH for all purposes.
SIPRA SANGHAMITRA DASH

**AFFIDAVIT**
I, Dilip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO-Jatni, PS- Jatni, Dist-Khordha, Odisha declared by this affidavit No.148, dtd- 18/06/2025 that now onwards I shall be known as **DILIP KUMAR AGRAWALLA** for all future purposes.

**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1353 dated 17-06-2025. I MADINA BIBI, Address At-Mojahidnagar, PO- Dhamnagar, Bhadrak, Odisha, 756117 declare that I have changed my name from AMIRUN BIBI alias AMIRUN NESSA to MADINA BIBI. Henceforth, I shall e known as **MADINA BIBI** for all purposes.
MADINA BIBI

**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001.
Email: info.birdgroup@birdgroup.co.in, Website: www.birdgroup.co.in
STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR,2025 - IND-AS COMPLAINT
(Rs in lacs)

| Sl No. | PARTICULARS | FOR YEAR ENDING 31.03.2025 | Qtr-III ENDING 31.12.2024 | FOR YEAR ENDING 31.03.2024 |
|---|---|---|---|---|
| 1 | Total Income from Operation / Other Income | 1,125.81 | 2,116.33 | 8,938.12 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (3,911.96) | (839.80) | (530.88) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (3,911.96) | (839.80) | (530.88) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (767.59) | (90.47) | 281.91 |
| 5 | Total Comprehensive income for the period [Comprising Profit / (Loss) for the period (after tax) and other comprehensive income (after tax)] | (3,205.92) | (749.33) | 206.35 |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previous year | (3,207.40) | (747.81) | (1,133.92) |
| 8 | Net Worth | (3,147.40) | (687.81) | (1,073.92) |
| 9 | Earning per share (of Re. 1/-each) (for continuing and discontinued operations) :- | | | |
| | 1. Basic : | (52.41) | (12.49) | 4.70 |
| | 2. Diluted | (52.41) | (12.49) | 4.70 |

1. The above results of the Company were approved by the Board of Directors at their respective meetings held on 17th June'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india .com)

For and on behalf of the Board of Director
Sd/-
(Vasudha Chandra Suratkal)
Managing Director
Place: Bhubaneswar
Date: 17th June' 2025

**CHANGE OF NAME**
By the virtue of an affidavit sworn before Notary public Bhubaneswar dated 12-06-2025, I **Prakash Behera** At - Hatabaradihi, PO - Hatabaradihi, PS - Tangi, Dist - Khordha, Odisha, PIN - 752027 hereby declare that I have changed name of my daughter from Laxmipriya Behera to Puja Behera. Henceforth She shall be known as **Puja Behera** for all purposes .

**AFFIDAVIT**
By virtue of an affidavit No. 7635, Swam before The Executive Magistrate, Jajpur on dtd- 02/12/2024. I **Akash Mallik,** aged about 24 years, S/o- Surendra Mallik, resident of Vill-Nalakul, Po- Kotapur, Ps- Dharmasala, Dist-Jajpur, Odisha my real name is **Akash Mallik** recorded in my Aadhar Card, Bank Account bearing Aadhar No- 3548 1879 1440 & Bank A/c No-07410110209233, but my name is **Prakash Chandra Mallik** recorded in my LIC Policy Bond bearing No. 598188661, Henceforth, both the name **Akash Mallik** and **Prakash Chandra Mallik** is one and same person for all future purposes.
**Akash Malik**

**AFFIDAVIT**
I, Chiranjeevi Sakali, aged about 41 years, S/o- Narayana Chakali, resident of At-3-3, Ayyavaripeta, Ps-Ichapurm Rural, Mandalam, Loddaputti, Dist- Srikakulam, PIN-532312, Andhra Pradesh declared by this affidavit No. 1194, dtd- 17/06/2025 that now onwards I shall be known as **CHIRANJEEVI CHAKALI** for all future purposes.

**AFFIDAVIT**
BY VIRTUE OF an affidavit sworn before the Executive Magistrate, Sohela, No.-04 dated 17/06/2025 I Sagara Naik, S/o- Dolamani Naik, R/o- Village/Po.- Baunsenmura, PS-Sohela, Dist - Bargarh, Odisha declare that, my son's actual and correct name is **Jagamohan Naik** but in his Aadhaar card his name has been wrongly mentioned as **Gagmohan Naik**. Hence both **Jagamohan Naik** and **Gagmohan Naik** is same and person.

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 04/06/2025. I, **Santosh Sahu,** aged about 53 years, S/O- Late Dutia Sahu, permanent resident of At-Ghantasuni Pada, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor daughter's name from **Sardha Rani Sahu** (old name) To **Sradha Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sradha Rani Sahu** (new name).
**Santosh Sahu**

**AFFIDAVIT**
I, Narayana Sakali, aged about 68 years, S/o- Thutayya Chakali, resident of At-3-3, Ayyavaripeta, Ps-Ichapurm Rural, Mandalam, Loddaputti, Dist- Srikakulam, PIN-532312, Andhra Pradesh declared by this affidavit No. 1193, dtd- 17/06/2025 that now onwards I shall be known as **NARAYANA CHAKALI** for all future purposes.

**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA** i-
**OFFICE OF THE PANCHAYAT SAMITI, JHARIGAM**
**INVITATION FOR BIDS**
No: BDO/JHG/02/2025-26, Dated: 11.06.2025
The Block Development Officer, Jharigam, on behalf of the Governor of Odisha, invites percentage rate bids through e-procurement in a single cover system as per norms of the e-procurement system in online mode.
1. Name of Works: As mentioned in Table "A", which includes Construction of Additional Classrooms in different Primary and Upper Primary Schools of Jharigam block.
2. No. of Works: 5 (Five) Nos (Detailed in Tender Call Notice available on the website)
3. Estimated Cost: As mentioned in Table "A"
4. Tender Paper Cost: Rs. 6000/- per each work
5. Class of Contractor: D & C Class
6. Period of Completion: 180 Days
7. Critical Dates: *Further details can be seen in the bidding documents available on the e-procurement portal: www.tendersodisha.gov.in
* Subsequent corrigendum (if any) will appear on the above website.
* The authority reserves the right to reject any or all tenders without assigning any reason.

| Sl. No. | Details | Information |
|---|---|---|
| 1 | Name of Works | Construction of Additional Classrooms in different Primary and Upper Primary Schools of Jharigam Block (as per Table "A") |
| 2 | No. of Works | 5 (Five) Nos |
| 3 | Estimated Cost | As mentioned in Table "A" |
| 4 | Tender Paper Cost | Rs. 6000/- per each work |
| 5 | Class of Contractor | D & C Class |
| 6 | Period of Completion | 180 Days |
| 7 | Availability of Tender for Bidding | From 17.06.2025 at 10:00 AM to 03.07.2025 at 04:00 PM |
| 8 | Last Date for Seeking Clarification | 03.07.2025 up to 04:00 PM |
| 9 | Date of Opening of Bid | 04.07.2025 at 11:00 AM |

Sd/- Block Development Officer, Jharigam
OIPR-19408/11/0011/2526

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
I, Sharmistha Nayak, W/o- Abhijit Nayak, D/O- Muralidhar Srichandan, resident of At- Plot No-5, Basuaghai, Tankapani Road, Badagada Brit Colony, P.S- Badagada, Bhubaneswar, Dist- Khorda, Pin- 751018, Odisha. Declare by this affidavit No- C.F No-31, dtd- 17.06.2025, that now onwards I shall be known as SARMISTHA SRICHANDAN for all future purposes.

**LOST**
Notice is hereby given to general public that, I Sri. Sambit has lost the original link RSD bearing no-11081408405 dt. 03.10.2014 RSD NO-11081402723 dt 10.03.2014 and ROR NO-514/1937 AND ROR NO-514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

## ଭଦ୍ରକରେ ୯୮ ଝାଡ଼ାବାନ୍ତି ରୋଗୀ

# ବନ୍ଦ ହେଲା ଜଳଖିଆ ଦୋକାନ

ଭଦ୍ରକ/ବାରିକପୁର/ମଞ୍ଜୁରୀ ରୋଡ,୧୮ ।୬(ସମିସ)

ଭଦ୍ରକ ଜିଲ୍ଲାରେ ଡାଇରିଆ ରୋଗୀଙ୍କ ସଂଖ୍ୟା ୯୮ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୭୪ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏମାନଙ୍କ ମଧ୍ୟରେ ୨୭ଜଣ ପୁରୁଷ ରୋଗୀ, ୩୮ଜଣ ମହିଳା ରୋଗୀ ଓ ୯ଜଣ ଶିଶୁ (୫ବର୍ଷରୁ କମ) ରୋଗୀ ଚିକିତ୍ସିତ ହେଉଥିବା ଜଣାଯାଇଛି । ସେହିଭଳି ଭଣ୍ଡାରିପୋଖରୀ, ବରପଦା, ଧାମନଗର, ଆଗରପଡା, ବାସୁଦେବପୁର, ତିହିଡି ଓ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୨୪ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ଜଣାଯାଇଛି ।

ଅନ୍ୟପକ୍ଷରେ ଜିଲ୍ଲାରେ କେତେକ ସ୍ଥାନରେ ଖାଦ୍ୟ ବିକ୍ରି ଉପରେ କଟକଣା ଲାଗିଥିବା ବେଳେ କେତେକ ସ୍ଥାନରେ ଚଢ଼ଉ ଜାରି ରହିଛି । ଭଣ୍ଡାରିପୋଖରୀରେ ପ୍ରଥମେ ଷୋଳମପୁର, ମାଳଦା, ରହଣିଆ ଓ ପରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଡାଇରିଆ ବ୍ୟାପୁଥିବା ଜଣାଯାଇଛି । ରଜ ଉତ୍ସବ ଅବ୍ୟାହତି ପୂର୍ବରୁ ଅସହ୍ୟ ଗୁଳୁଗୁଳି ଓ ପରବର୍ତ୍ତୀ ସମୟରେ ବର୍ଷା ଯୋଗୁ ଏହି ରୋଗ ଅଧିକ ବ୍ୟାପୁଥିବା ଅନୁମାନ କରାଯାଉଛି । ଏହାଛଡା ଗରିଷ୍ଠ, ତୈଳଯୁକ୍ତ ଖାଦ୍ୟ ଓ ଅଶୁଦ୍ଧ ପାନୀୟ ଜଳ ଝାଡାବାନ୍ତିର ଅନ୍ୟତମ କାରଣ ବୋଲି ଡାକ୍ତର ମାନେ ପ୍ରକାଶ କରିଛନ୍ତି । ବିଶେଷ କରି ଦୋକାନ ବଜାରରେ ମିଳୁଥିବା ବରା, ପକୁଡି, ଫାଷ୍ଟଫୁଡ ତଥା ରୋଲ ଓ ଚାଓମିନ ପ୍ରମୁଖ ଖାଦ୍ୟ ପଦାର୍ଥ ରୋଗ ସୃଷ୍ଟିର ଅନ୍ୟତମ କାରଣ ପାଲଟିଛି । ତେଣୁ ଏହା ଉପରେ ଜନ ସଚେତନତା ସୃଷ୍ଟି ପାଇଁ କୁହାଯାଇଛି ।



ଏହି ପରିପ୍ରେକ୍ଷୀରେ ବ୍ଲକର ଷୋଳମପୁର, ମାଳଦା, ଜଳହରି ପ୍ରମୁଖ ସ୍ଥାନରେ ତିନିଦିନ ହେବ ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରହିଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ପଂଚାୟତ ଦ୍ୱାରା ଡାକବାଜି ପ୍ରଚାର ପରେ ବ୍ୟବସାୟୀ ମାନେ ଦୋକାନ ବନ୍ଦ ରଖିଛନ୍ତି । ଏପଟେ ରୋଗ ବ୍ୟାପୁଥିବା ବେଳେ ଜିଲ୍ଲାର କେତେକ ସ୍ଥାନରେ ଖାଦ୍ୟ ମାନ ନିର୍ଦ୍ଧାରଣ ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି । ତେଣୁ ଗ୍ରାମ୍ୟ ବଜାର ଗୁଡିକରେ କେତେବେଳେ ଯେ ପ୍ରଶାସନିକ ଅଧିକାରୀ ମାନେ ଆସି ପହଂଚି ଯିବେ ତାହା କହିହେଉନାହିଁ । ଏହାଛଡା ରୋଗର ଭୟ ମଧ୍ୟ ସମସ୍ତଙ୍କୁ ଘାରିଛି । ତେଣୁ ମଞ୍ଜୁରୀରୋଡ ବଜାର ଠାରେ ବ୍ୟବସାୟୀ ମାନେ ବିଭିନ୍ନ ଆଶଙ୍କା ଭିତରେ ପ୍ରଶାସନିକ ନିର୍ଦ୍ଦେଶ ବିନା ସ୍ୱତଃସ୍ଫୂର୍ତ ଭାବେ ଜଳଖିଆ ଦୋକାନ ବନ୍ଦ କରିଛନ୍ତି । ପାଖାପାଖି ୨୦ରୁ ଅଧିକ ଦୋକାନ ବନ୍ଦ ରହିଥିବା ଦେଖାଯାଇଛି । ଏହାଛଡା ଅନ୍ୟାନ୍ୟ କେତେକ ଗାଁ ଛକରେ ମଧ୍ୟ ଜଳଖିଆ ଦୋକାନ ବନ୍ଦ ରହିଛି ।

# ଖାଦ୍ୟ ଦୋକାନ ଯାଞ୍ଚ; ବାସି ଖାଦ୍ୟ ନଷ୍ଟ

**ତିହିଡି,୧୮ ।୬(ସମିସ):** ତିହିଡ଼ି ବ୍ଲକରେ ମଧ୍ୟ ହଇଜା ରୋଗ ବ୍ୟାପିବା ଆରମ୍ଭ କରିଛି । ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଭଦ୍ରକ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ବ୍ଲକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ପ୍ରମୁଖ ପୁଲିସ ଉପସ୍ଥିତିରେ ତିହିଡ଼ି ବଜାର ବିଭିନ୍ନ ଖାଦ୍ୟ ଦୋକାନ ବୁଲିବୁଲି ପ୍ରସ୍ତୁତ ଖାଦ୍ୟ ଯାଂଚ କରିଥିଲେ । ବାସୀ ଖାଦ୍ୟ ନଷ୍ଟ କରିଦିଆଯାଇଥିଲା । ଦୁଇ ଦିନ ପରେ ପୁଣି ଯାଂଚ ହେବ ଓ ଖିଲାପକାରୀ ବ୍ୟବସାୟୀଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ବୋଲି ସେମାନଙ୍କୁ ସଚେତନ କରାଇଦିଆଯାଇଥିଲା । ଗତ ତିନି ଦିନରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୪ ଜଣ ରୋଗୀ ଭର୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ସୁସ୍ଥ ହୋଇ ଫେରିଯାଇଥିବା ଜଣାଯାଇଛି । ତିହିଡ଼ି ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନଳକୂପ ଗୁଡ଼ିକରେ ବ୍ଲିଚିଂ ପକାଯାଇ ବିଶୋଧନ କରାଯାଉଛି । ଯନ୍ତ୍ରୀ ମାନସୀ ମହାପାତ୍ର ବିଭିନ୍ନ ପଂଚାୟତ ବୁଲି ସ୍ୱାବଲମ୍ବୀ କାରିଗରଙ୍କ ସାହାଯ୍ୟରେ ବିଶୋଧନ କ୍ରିୟା ଜାରି ରଖିଛନ୍ତି । ସେ ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରିବା ସହ କେତେକ ସ୍ଥାନରେ ଜଳ ପରୀକ୍ଷା ମଧ୍ୟ କରିଛନ୍ତି । ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୨୩ ଗୋଟି ସବସେଂଟରକୁ ଓଆରଏସ ଓ ବିଭିନ୍ନ ଆବଶ୍ୟକୀୟ ମେଡିସିନ ପଠାଇ ଦିଆଯାଇଛି । ସେଠାରେ ସେ ଗୁଡ଼ିକୁ ବଣ୍ଟନ କରାଯାଉଛି ।



# ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ରୋଗୀଙ୍କ ବେଡ୍‌କୁ ସମ୍ଭାଳିଛି ଇଟା

**ଭଦ୍ରକ,୧୮ ।୬(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟରେ ଚାପି ଦୁଇଖଣ୍ଡ ହୋଇ ଜଣେ ମହିଳା ରୋଗୀ ମୃତ୍ୟୁବରଣ କରିବା ଭଳି ଅଭାବନୀୟ ଘଟଣା ମନରୁ ଲିଭି ନଥିବା ବେଳେ ରୋଗୀଙ୍କ ବେଡ୍ ତଳେ ଇଟା ଦେବା ଭଳି ଘଟଣା ସାମ୍ନାକୁ ଆସିଛି । ଗତ ବର୍ଷକ ତଳେ ନିର୍ମିତ ନୂତନ ଡିଏଚ୍ଏଚ୍ କୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ପରେ ଏହା ସ୍ଥାନାନ୍ତରିତ ହୋଇନି । ଏପରିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ରୋଗୀଙ୍କ ବେଡ୍ ଗୋଡ ନଥିବାରୁ ଏହାର ତଳେ ଇଟା ଦିଆଯାଇ ଏହାକୁ ବ୍ୟବହାର କରାଯାଉଛି । ଫଳରେ କେତେବେଳ ବି କିଛି ଅଘଟଣ ଘଟି ରୋଗୀଙ୍କ ଜୀବନ ବିପନ୍ନ ହେବା ନିଶ୍ଚିତ ବୋଲି ବହୁ ସମାଜସେବୀ ଅଭିଯୋଗ କରିବା ସହ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି ।

# ୨୩ କନଷ୍ଟେବଲଙ୍କୁ ପଦୋନ୍ନତି

**ଭଦ୍ରକ,୧୮ ।୬(ସମିସ):** ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ୨୩ ପୁଲିସ କନଷ୍ଟେବଲଙ୍କୁ ସହକାରୀ ସବ୍‌ଇନିସପେକ୍ଟର ବା ଏଏସଆଇ ପଦକୁ ପଦୋନ୍ନତି ମିଳିଛି । ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୧୬ ତାରିଖରେ ପ୍ରକାଶିତ ୮୧୭ ନଂ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଥାନା ଓ ଅନ୍ୟାନ୍ୟ ଦପ୍ତରରେ କାର୍ଯ୍ୟରତ କନଷ୍ଟେବଲଙ୍କୁ ଏଥିପାଇଁ ଗୁରୁବାର ମେଡିକାଲ ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ଆଦେଶ ହୋଇଛି । ପଦୋନ୍ନତି ପାଇଥିବା କନଷ୍ଟେବଲମାନେ ହେଲେ-ତୁଷାରକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭୁରଞ୍ଜନ ନାୟକ, ଶିବାନନ୍ଦ ନାୟକ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳି ରାଉତ, ସ୍ମୃତିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ପରିଡା, ନିଶିକାନ୍ତ ବାରିକ, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ତ୍ରୈଲୋଚନ ଭୋଇ, ମିତାସ୍ମିତା ପରିଡା, ଚନ୍ଦନ କୁମାର ନାୟକ, ନିରାକାର ବିଶ୍ୱାଳ, ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ମଲ୍ଲିକ, ବଟକୃଷ୍ଣ ନାୟକ, ସୁରେଶ ଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ମଲ୍ଲିକ ଓ ରଞ୍ଜନ କୁମାର ସ୍ୱାଇଁ । ଏହି ପଦୋନ୍ନତି ପାଇଁ ଅନିଚ୍ଛୁକ କନଷ୍ଟେବଲମାନେ ମଙ୍ଗଳବାର ସୁଦ୍ଧା ବିଧିବଦ୍ଧ ଭାବେ ଜଣାଇବାକୁ ମଧ୍ୟ ବିଜ୍ଞପ୍ତିରେ କୁହାଯାଇଛି ।

# ଜିଲ୍ଲାରେ ୧୫ ହଜାର ସଦସ୍ୟତା କରିବ ଏବିଭିପି




**ଭଦ୍ରକ,୧୮ ।୬(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଚଳିତ ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡ଼ିବା ଏବଂ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବାର ଲକ୍ଷ୍ୟ ନେଇ ଏବିଭିପି ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ । ଚଳିତ ଶିକ୍ଷା ବର୍ଷରେ ଏବିଭିପି ଭଦ୍ରକ ଜିଲ୍ଲାରେ ୧୫ ହଜାର ସଦସ୍ୟତାର ଲକ୍ଷ୍ୟ ନେଇଛି । ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଞ୍ଚି ସଦସ୍ୟତା ଆରମ୍ଭ କରିବାର ଲକ୍ଷ୍ୟ ରଖିଛି । ଆଜି ଠାରୁ ସଦସ୍ୟତା ଅଭିଯାନ ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ରଚି ରଖୁଥିବା ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରିସାରିଲାଣି । ଆଜି ସହରର ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସମ୍ପାଦକ ଶୁଭ୍ରସମ୍ବିତ ନାୟକ କହିଛନ୍ତି, ଏବିଭିପି ପ୍ରତ୍ୟକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି । ଓଡ଼ିଶାରେ ଦୀର୍ଘ ୭ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମନରେ ନିର୍ବାଚନକୁ ନେଇ ଉତ୍କଣ୍ଠା ଦେଖିବାକୁ ମିଳୁଛି । ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ ବୋଲି ସେ କହିଥିଲେ । ଏହି ପ୍ରେସ ବାର୍ତ୍ତାରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ ମଞ୍ଚାସୀନ ଥିଲେ । ଜିଲ୍ଲାରେ ରାଜ୍ୟ ସରକାର ଘୋଷଣା କରିଥିବା ସରକାରୀ ମେଡିକାଲ କଲେଜ ଏବଂ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବିଭିପି ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି । ଏହି ଅବସରରେ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ପୋଷ୍ଟର ଉନ୍ମୋଚନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ପ୍ରମୁଖ ଶିକ୍ଷାବିତ୍ ଡ. ବସନ୍ତ କୁମାର ଦୀକ୍ଷିତ, ସହ ସଂଯୋଜକ ଅଭିଲାଷ ତ୍ରିପାଠୀ, ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଶୁଭମ ରାଉତ, କାହ୍ନା ଜେନା, ରଞ୍ଜୁଲତା ପୁଟିଆ ଉପସ୍ଥିତ ଥିଲେ ।

# ଓଷ୍ଟା ପ୍ରତିନିଧିଦଳଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

**ଧାମନଗର,୧୮ ।୬(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱର ଗସ୍ତ ଅବସରରେ ଭଦ୍ରକ ସର୍କିଟ ହାଉସ ଠାରେ ଦଳୀୟ ନେତୃମଣ୍ଡଳୀ, ବିଭିନ୍ନ ସଂଗଠନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ଏହି ରହଣି ସମୟରେ ଶିକ୍ଷକ ସଂଘ ଓଷ୍ଟା ଭଦ୍ରକ ଜିଲ୍ଲା ଉପସଭାପତି ପର୍ଶୁରାମ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଅବସରକାଳୀନ ସମସ୍ତ ସୁବିଧା ପାଇଁ ଦାବି ଏବଂ ଚାକିରି ସର୍ତାବଳି ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଓଷ୍ଟା ପକ୍ଷରୁ ମାନନୀୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ସାକ୍ଷାତ ଆଲୋଚନା ସମୟରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାସ, ଧାମନଗର ବ୍ଲକ ସମ୍ପାଦକ ହେମନ୍ତ କୁମାର ସୂତାର, ଶିକ୍ଷକ ମଧୁସୂଦନ ମହାନ୍ତି, ଜଗବନ୍ଧୁ ପାଣିଗ୍ରାହୀ, ବିଶ୍ୱନାଥ ପଣ୍ଡା, କମଳାକାନ୍ତ ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଶିକ୍ଷକ ମାନଙ୍କ ସମସ୍ୟା ସହୃଦୟତାର ବିଚାରକୁ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



# ଦୁଷ୍କର୍ମ ଅଭିଯୋଗରେ ପ୍ରେମିକ ଗିରଫ

ତିହିଡି, ୧୮।୬ (ସମିସ): ଦୁଷ୍କର୍ମ ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ପୁଲିସ । ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ଯେବେ କଥା ଉଠିଲା ସେତେବେଳକୁ ପ୍ରେମିକ ଅରାଜି ହୋଇଥିଲେ । ଫଳରେ ପ୍ରେମିକା ପରିବାର ଆଇନ୍‌ର ଆଶ୍ରୟ ନେଇଛନ୍ତି । ପୁଲିସ ତଦନ୍ତ କରି ସଂପୃକ୍ତ ପ୍ରେମିକ ଧୂଷୁରୀ ଥାନା ଅଧୀନ ଦୋହରାପାଟଣା ଗ୍ରାମର ରଶ୍ମିରଞ୍ଜନ ମଳିକଙ୍କୁ ଗିରଫ୍ କରି ମଙ୍ଗଳବାର କୋର୍ଟ .ଲାଣ କରିଛି । ସୂଚନା ମୁତାବକ, ଭଦ୍ରକ ଜିଲା ପୀରହାଟ ଥାନା ଶ୍ୟାମସୁନ୍ଦପୁର ପଞ୍ଚାୟତ ଅଧିନ ଈଶ୍ୱରପୁର ଗ୍ରାମର ଜନୈକା ଯୁବତୀଙ୍କୁ ଅଭିଯୁକ୍ତ ରଶ୍ମିରଞ୍ଜନ ପ୍ରଥମେ ପ୍ରେମ କଲା । ପରେ ବିବାହର ପ୍ରଲୋଭନ ଦେଖାଇ ବର୍ଷେ ହେଲା ଶାରିରୀକ ସମ୍ପର୍କ ସ୍ଥାପନ କରି ଆସୁଥିଲା । ଶେଷରେ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ ପ୍ରେମିକା । ମାତ୍ର ପ୍ରେମିକ ରାଜି ହୋଇନଥିଲା । ଶେଷରେ ପ୍ରେମିକାଙ୍କ ବାପା ଥାନାରେ ଦ୍ୱାରସ୍ଥ ହୋଇଥିଲେ । ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହିତ ପ୍ରାଥମିକ ତଦନ୍ତ ପରେ ସଂପୃକ୍ତ ପ୍ରେମିକକୁ ଗିରଫ୍ କରି କୋର୍ଟ .ଲାଣ କରିଛି ।

# ଶିକ୍ଷାବିତଙ୍କ ଏକାଦଶାହ କ୍ରିୟାରେ ସ୍ମୃତିସଭା

**ଦୋବଲ, ୧୮ ।୬(ସମିସ):** ଦୋବଲ ପଞ୍ଚାୟତର ସୋଧ ବାହୁବଳେନ୍ଦ୍ରସାହିର ସମାଜସେବୀ ତଥା ଶିକ୍ଷାବିତ ବାବାଜୀ ଚରଣ ନାୟକଙ୍କ ଏକାଦଶ କ୍ରିୟାରେ ତାଙ୍କ ବାସଭବନରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ କୃତିବାସ ତ୍ରିପାଠୀଙ୍କ ସଂଯୋଜନାରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ ଓ ବିନୋଦ ନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଆଇନିଜୀବୀ ଦେବାଶିଷ ସାମଲ, ରଞ୍ଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ବିଳାସ ପାଗଳ, ସରପଞ୍ଚ ଅଶୋକ ପଣ୍ଡା, ଶିକ୍ଷାବିତ ହୃଦାନନ୍ଦ କର, ହେମେନ୍ଦ୍ର ମହାନ୍ତି, ନିରାକାର ଧଳ, ପ୍ରମୋଦ ନାୟକ, ମନୋଜ ଜେନା, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ଘନଶ୍ୟାମ ଥାଟୋଇ, ଭୋଳା ନାଥ ସାହୁ, ମହେଶ୍ୱର ସାଇଁ, ରାମଚନ୍ଦ୍ର ସାହୁ, ଶରତ ସାହୁ, ପ୍ରତାପ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ନାୟକ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅନେକ କୃତୀ ଛାତ୍ରଛାତ୍ରୀ ତିଆରି କରିଛନ୍ତି । ଅବସର ପରେ ପଞ୍ଚାୟତର ସେବା ଓ ଉନ୍ନତି ପାଇଁ ସାମାଜିକ କାର୍ଯ୍ୟ କରି ଲୋକଙ୍କ ପ୍ରିୟ ହୋଇ ପାରିଥିଲେ ତାଙ୍କର ସୁପୁତ୍ର, ତପନ ନାୟକ, ବିପିନ୍ ବିହାରୀ ନାଏକ, ପ୍ରସନ ନାୟକ,ନିକୁଞ୍ଜ ବିହାରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।




# ଉଦ୍‌ଯାପିତ ହେଲା 'ବେତାଳି ଗାଁ -ପାଳ ସାହି' ରଜ ମହୋତ୍ସବ



**ଅସୁରାଳି,୧୮ ।୬(ସମିସ):** ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅନ୍ତର୍ଗତ ବେତାଳିଗାଁ ବାପୁଜୀ ଉଚ୍ଚ ବିଦ୍ୟାଳୟଠାରେ ସେବା ସଙ୍ଗଠନ ଆନୁକୂଲ୍ୟରେ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଜିଲ୍ଲା ମାନବ କଲ୍ୟାଣ ଓ ସେବା ସଂଗଠନ ସଭାପତି ସୁଶାନ୍ତ ନାୟକଙ୍କ ସଭାପତିତ୍ୱ ଓ ଧୂଷୁରୀ ପ୍ରେସ୍ ୟୁନିୟନ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢି । ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ରଞ୍ଜନ ବେହେରା, ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହାଛଡା ଡ. ବିଦ୍ୟାଧର ଜେନା, ପୂର୍ବତନ ବ୍ଲକ ସଭାପତି ଅଭିଷେକ ରାଉତ, ପୂର୍ବତନ ସରପଞ୍ଚ ପରମାନନ୍ଦ ସାଏନ୍ତ ଅନୁଷ୍ଠାନର ଉପଦେଷ୍ଟା ସନ୍ତୋଷ ଦାସ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ଉପଦେଷ୍ଟା ରତିକାନ୍ତ ନାୟକ, ପଣ୍ଡିତ ପଞ୍ଚାନନ ମିଶ୍ର, କାଶୀନାଥ ମହାନ୍ତି, ଶିକ୍ଷାବିତ୍ କ୍ଷୀରୋଦ ବଳ ତଥା ଅନୁଷ୍ଠାନର ସମସ୍ତ କର୍ମ କର୍ତା ଉପସ୍ଥିତ ରହି ଥିଲେ । ଭୁବନେଶ୍ୱରରୁ ଆସିଥିବା ଭଜନ କଳାକାର ସମସ୍ତ ଦର୍ଶକଙ୍କ ମନ ମୋହିଥିଲା । ଏହି ରଜ ମହୋତ୍ସବ ପରିପ୍ରେକ୍ଷୀରେ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଇ ଆସୁଥିଲା । ରତ୍ନାକର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଅଭ୍ୟାସ ବୈଠକ




**ଭଦ୍ରକ,୧୮ ।୬(ସମିସ):** ସଦଭାବନା ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନାର ଦ୍ୱିତୀୟ ଅଭ୍ୟାସ (ଟେବୁଲ ଟପ୍ ଏକ୍ସରସାଇଜ) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରିଥିଲେ ଜିଲ୍ଲାପାଳ ଦିଲୀପ ରାଉତରାଏ । ଅନ୍ୟ ପ୍ରଶାସନିକ ଅଧିକାରୀ ଯଥା ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଓ ସରୋଜ କାନ୍ତ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଏଫଓ, ଚାନ୍ଦବାଲି, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ପ୍ରମୁଖ ଯୋଗ ଦେଇଥିଲେ । ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ବିଷୟ ରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଆଲୋଚନା କରିଥିଲେ । ସେ ପ୍ରଥମେ ଏକ ଡମି ବାତ୍ୟା ବାର୍ତ୍ତା ର ସୂଚନା ପ୍ରଦର୍ଶନ କରାଇ ଓ ଏହା ପରେ ବିଭିନ୍ନ ବିଭାଗର କାର୍ଯ୍ୟ ବିଷୟରେ ଆଲୋଚନା କଲେ । ଏହା ପରେ ବିଭିନ୍ନ ବିଭାଗ ଦେଇଥିବା ପିପିଟି ଗୋଟିକ ପରେ ଗୋଟେ ଆଲୋଚନା ହେଲା । ସମସ୍ତ ବିଭାଗର କାର୍ଯ୍ୟରତ ଅଧିକାରୀ ବିପତି ସମୟରେ କେଉଁଠି ରହି ବିପତି ନିୟନ୍ତ୍ରଣରେ ସହାୟକ ହେବେ ନିର୍ଦ୍ଦେଶ ଦିଆଗଲା । ବନ୍ୟା ନିୟନ୍ତ୍ରଣ, ଲୁଣା ପାଣି ନିୟନ୍ତ୍ରଣ, ମନୁଷ୍ୟ ଓ ଗୃହପାଳିତ ପଶୁଙ୍କ ଯତ୍ନ, ଏବଂ ଏହାର ପରିଚଳନା ବିଷୟ ସଂପୃକ୍ତ ବିଭାଗର କର୍ତବ୍ୟ ଓ ଏହି କାର୍ଯ୍ୟକୁ କିପରି ସମ୍ପାଦନ କରିବେ ତାହାର ଏକ ତଥ୍ୟ ଚଟଞ୍ଚ ମାଧ୍ୟମରେ ଦର୍ଶେଇ ଥିଲେ । ସମସ୍ତ ବିଭାଗର ପ୍ରାକୃତିକ ବିପତି ଓ ବିପର୍ଯୟ ସଂପୃକ୍ତ ଅଧିକାରୀଙ୍କ କର୍ତବ୍ୟ ଓ ଅନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟର ମୁକାବିଲା କରିବା ବିଷୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା ।

# ରେଜାଙ୍ଗ'ଲା ଯୁଦ୍ଧର ବୀର-ଗାଥା ରଥ ଯାତ୍ରା



**ଭଦ୍ରକ,୧୮ ।୬(ସମିସ):** ରେଜାଙ୍ଗ'ଲା ଯୁଦ୍ଧର ବୀର-ଗାଥା ଓ ସହିଦମାନଙ୍କ ରଥ କଳସ ଯାତ୍ରା ଆଜି ଭଦ୍ରକରେ ପହଞ୍ଚିଛି । ରଥ ଓ କଳସଯାତ୍ରା ଭଦ୍ରକରେ ପହଞ୍ଚିବା ପରେ ଚରମ୍ପା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ବିପୁଳ ସ୍ୱାଗତ କରାଯାଇଥିଲା । ଯାଦବ ସଂଗଠନର କର୍ମକର୍ତ୍ତାମାନେ ଚରମ୍ପାରୁ ଭଦ୍ରକ କଚେରି ବଜାର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା । ଜିଲ୍ଲା ଉତ୍କଳ ଯାଦବ ସଭାପତି ଡ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱ ଓ ଜିଲ୍ଲା ଯୁବ ସଭାପତି ରବିନାରାୟଣ ଖିଲାରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଅଧକ୍ଷ ଡ. ସପନ ଘୋଷ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଯୁବ ସଭାପତି ଇଂ.ପ୍ରଦୀପ ବେହେରା, ରାଜ୍ୟ ଯୁବ ସଭାପତି ଅମର କୁମାର ନାୟକ, କଳସ ଯାତ୍ରା ରାଜ୍ୟ ସଂଯୋଜକ ନନ୍ଦଲାଲ ଯାଦବ, ରାଷ୍ଟ୍ରୀୟ ସହ ସଂଯୋଜକ କିରଣ ଯାଦବ, ଅନିଲ ଯାଦବ, କିରନ ଯାଦବ, ଜିଲ୍ଲା ସମ୍ପାଦକ ଦିଲୀପ ନାୟକ ପ୍ରମୁଖ ଯୋଗଦେଇ ୧୯୬୨ ମସିହାର ରେଜାଙ୍ଗ'ଲା ଯୁଦ୍ଧ ଭାରତ ଇତିହାସରେ ସ୍ୱର୍ଣ୍ଣକ୍ଷରରେ ଲିପିବଦ୍ଧ ହୋଇଛି ବୋଲି କହିଥିଲେ । ଏହି ଯୁଦ୍ଧରେ ଅହୀର (ଯାଦବ) ଜାତିର ୧୧୪ଜଣ ବୀର ସହିଦ ହୋଇଥିଲେ । । ବୀର ସହିଦମାନଙ୍କୁ ସମ୍ମାନ ଦେବା ପାଇଁ ଭାରତୀୟ ସେନା ବାହିନୀରେ ଅହୀର ରେଜିମେଣ୍ଟ ଗଠନ ହେବା ଦାବିରେ ଏହି କଳସ ଯାତ୍ରା ଦେଶବ୍ୟାପୀ ପରିକ୍ରମା କରୁଛି ବୋଲି ଆଜି ଭଦ୍ରକର ଟାଉନ ହଲ ଠାରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉତ୍କଳ ଯାଦବ ମହାସଭାର ଉପସଭାପତି ହରେକୃଷ୍ଣ ପଲେଇ, ରାଜ୍ୟ ମହିଳା ସମ୍ପାଦକ ସଂଯୁକ୍ତା ଯାଦବ, ବ୍ଲକ ସଭାପତି ସୁବାସ ବାରିକ, ଧ୍ରୁବ ବାରିକ, ହରିଶ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ଭାଗିରଥି ପଲେଇ କୁଳମଣି ବେହେରା, ମାଧବାନନ୍ଦ ଖଟୁଆ, ନିରୁ ବାରିକ, ପ୍ରଶାନ୍ତ ପରିଡା, ସଂଜୀବ ନାୟକ, ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି, ପ୍ରମୋଦ ଅଗସ୍ତ ମନୋରଞ୍ଜନ ବାରିକ ପ୍ରମୁଖଙ୍କୁ ରାଷ୍ଟ୍ରୀୟ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ ।

## ରବି ଧାନ କିଣା ଅବ୍ୟବସ୍ଥା

# ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

ଅସୁରାଳି,୧୮ ।୬(ସମିସ)

ରବି ଋତୁ ଧାନ ଫସଲକୁ ମଣ୍ଡିରେ ଦେବା ପାଇଁ ମଣ୍ଡି ଖୋଲିଛି । ଧୂଷୁରି ସମବାୟ ସମିତି ଅଧୀନରେ ଥିବା ସମବାୟ ସମିତି ମାନଙ୍କରେ ଧାନ ବିକ୍ରିକୁ ନେଇ ନାହିଁ ନଥିବା ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଅମଳ ଧାନକୁ କେମିତି ବିକ୍ରି କରିବ ସେ ଚିନ୍ତାରେ ଏସବୁ ଚାଷୀ ଆଖିକୁ ନିଦ ନାହିଁ । କିଏ ଧାନବସ୍ତା ଧରି ମଣ୍ଡିରେ ଜଗି ବସିଛି । ଆଉ କିଏ ଦଲାଲ ବିକ୍ରି ପାଇଁ ଏଜେଣ୍ଟଙ୍କୁ ଅପେକ୍ଷା କରିଛି । ମିଲର୍ସଙ୍କ ସ୍ୱାର୍ଥ ଆଗରେ ବଳି ପଡୁଛି ଚାଷୀଙ୍କ ହାଡ଼ଭଙ୍ଗା ପରିଶ୍ରମ । ମନଇଚ୍ଛା କଟ୍‌ନି ଛଟନି ହେଉଛି । ଏଫଏକ୍ୟୁ ମାନ ପାଇଁ ଚାଷୀ ମଣ୍ଡିରେ ହେଉଛି ହନ୍ତସନ୍ତ । ଶେଷରେ ବ୍ୟତିବ୍ୟସ୍ତ ହୋଇ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛି । ପାଳସାହି ସମବାୟ ସମିତି, ଧୂଷୁରୀ ସମବାୟ ସମିତି, ବମକୁରା ସେବା ସମବାୟ ସମିତି ଅଧୀନରେ ଆସୁଥିବା



ଚାଷୀମାନଙ୍କ ପାଇଁ ଧୂଷୁରୀ ସେବା ସମବାୟ ସମିତିଠାରେ ମଣ୍ଡି ଖୋଲିଛି । କ୍ୱିଣ୍ଟାଲ ପ୍ରତି ୧୩ରୁ ୧୬ କିଲୋ, କଟନୀ ଛଟନୀ ଚାଲିଛି । ପୁଣି ବସ୍ତା ପିଛା କିଛି କଟା ଯାଉଛି । ରବି ଧାନ କିଣା ପାଇଁ ଧାମନଗରକୁ ୮,୫୦୦ କ୍ୱିଣ୍ଟଲ ଟାର୍ଗେଟ ଆସିଛି । ରବି ଧାନ କିଣିବା ପାଇଁ ୩ଟି ସୋସାଇଟିକୁ ପିପି ଓ ଭିଏନ୍ ରାଇସ ମିଲ ଦିଆଯାଇଚି । ମାତ୍ର ୨ ଥର ମିଲର ଆସି କିଣିବା ପରେ ଆଉ ମିଲରଙ୍କ ଦେଖାନାହିଁ । ଏଣେ ସମସ୍ତ ଚାଷୀଙ୍କୁ ଘାରିଲାଣି ଋଣ ପରିଶୋଧ ଚିନ୍ତା । ଏଣୁ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକ ଭଦ୍ରକ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି । ଖୁବ୍‌ଶୀଘ୍ର ଏହି କଟ୍‌ନି ଛଟ୍‌ନିର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିରେ ଚାଷୀ ପ୍ରଭଞ୍ଜନ ମିଶ୍ର, ମହେନ୍ଦ୍ର ସାହୁ, ନରୋତମ କର, ଧୀରେନ୍ଦ୍ର ପ୍ରଧାନ, ସହଦେବ ସାହୁ, ଭୀମ ସେନ ସାହୁ, ନରେନ୍ଦ୍ର ସାହୁ, ସଦାନନ୍ଦ ସାହୁ, ଦିଗମ୍ବର ମହାନ୍ତି, ମାନସ ରଞ୍ଜନ ସାହୁ, ଲିଟୁ ସାହୁ, ବାପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଯୁକ୍ତି ଓ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ସଙ୍ଗୀତା



ହାଟଡ଼ିହୀ,୧୮।୬(ସମିସ): ସ୍ୱାମୀ ସ୍ୱର୍ଗତ ମନୋଜ କୁମାର ମହାନ୍ତିଙ୍କ ଅକାଳ ବିୟୋଗ ପରେ ସ୍ତ୍ରୀ ସଙ୍ଗୀତା ମହାନ୍ତି ଏବଂ ତାଙ୍କର ୨ଟି କୁନି କୁନି ଝିଅ ଏବେ ଏକପ୍ରକାର ବେସାହାରା ପାଲଟି ଯାଇଛନ୍ତି। ସଙ୍ଗୀତାଙ୍କ ସ୍ୱାମୀ ଦୀର୍ଘଦିନ ଧରି ହାଟଡ଼ିହୀ ବ୍ଲକରେ ଜିଆରଏସ ଭାବେ କାର୍ଯ୍ୟ କରୁଥିଲେ। ଗତବର୍ଷ ପଦୋନ୍ନତି ପରେ ସେ ଘସିପୁରା ବ୍ଲକରେ ଏଡ଼ିଇଓ ଭାବେ ଯୋଗଦେଇ କାର୍ଯ୍ୟ କରୁଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଗତ ମାର୍ଚ୍ଚ ୮ରେ ମନୋଜଙ୍କ ଅକାଳ ବିୟୋଗ ଘଟିଥିଲା। ଜିଲ୍ଲା ପ୍ରଶାସନ ସ୍ୱର୍ଗତଃ ମନୋଜ ମହାନ୍ତିଙ୍କ ପରିବାରର ଦୁଃଖକୁ ଦୃଷ୍ଟିରେ ରଖି ସ୍ତ୍ରୀ ସଙ୍ଗୀତାଙ୍କୁ ବ୍ଲକ କାର୍ଯ୍ୟାଳୟର ଯେ କୌଣସି ଏକ ପଦଯୁକ୍ତ ଚାକିରି ପ୍ରଦାନ କଲେ ତାଙ୍କ ଛୁଆଙ୍କ ମୁହଁରେ ମୁଠେ ଦାନା ଦେବାରେ ସକ୍ଷମ ହୋଇପାରନ୍ତେ ବୋଲି କୁହାଯାଇଛି। ନା ଚାକିରି ମିଳୁଛି ନା ବ୍ୟାଙ୍କରୁ ତାଙ୍କ ସ୍ୱାମୀଙ୍କ ପୂର୍ବ ଦରମା ଟଙ୍କା ମିଳିପାରୁଛି। ଏଭଳି ଅଭିଯୋଗ ନେଇ ସଙ୍ଗୀତା ଜିଲ୍ଲାପାଳଙ୍କ ଶୁଣାଣିରେ ଜିଲ୍ଲପାଳଙ୍କୁ ଭେଟି ଦୁଃଖ ଜଣାଇବାରୁ ଖୁବ ଶୀଘ୍ର ତାଙ୍କ ସମସ୍ୟାର ସାମଧାନ ହେବ ବୋଲି ଜଣାପଡ଼ିଛି।

## କୃଷି କର୍ମଚାରୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ

ଚମ୍ପୁଆ, ୧୮।୬(ସମିସ): କୃଷି ଜିଲ୍ଲା ଚମ୍ପୁଆ ସୌଜନ୍ୟରୁ କୃଷି କର୍ମଚାରୀଙ୍କ ୨ ଦିନିଆ ପ୍ରଶିକ୍ଷଣ ଶିବିର କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକରୀ ପର୍ଶୁରାମ ବେହେରା ଓ କୃଷି ଜିଲ୍ଲା ଚମ୍ପୁଆ ଅଧିକାରୀ ସତ୍ୟବାନ ସୋରେନ ଏହାକୁ ଉଦଘାଟନ କରିଥିଲେ। ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ ଅଶୋକ ସେନାପତି, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ହରିଓମ ପାଣିଗ୍ରାହୀ, ଝୁମ୍ପୁରା ବ୍ଲକ କୃଷି ଅଧିକାରୀ ସୁମତା ମହାନ୍ତ, ଯୋଡା ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ଏଫଆଇଏସଇ ଅଧକ୍ଷ ଦାଶରଥୀ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ଜିଲ୍ଲା କୃଷି ଯୋଜନା ଅଧିକାରୀ ନନ୍ଦିତା ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଓ, ଏଚଓ, ଏଚଇଡବ୍ଲୁ, ଭିଏଡବ୍ଲୁ, ଏସସିଓ, ଏଟିଏମ୍, କୃଷକ ସାଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କୃଷକ ଓ ସରକାରୀ ଯୋଜନାର ସେତୁ ବନ୍ଧରୂପରେ କାର୍ଯ୍ୟ କରିବାକୁ ଅଧିକାରୀମାନେ ମତ ଦେଇଥିଲେ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ



ବାଲିବନ୍ଧ, ୧୮।୬ (ସମିସ): ଝୁମ୍ପୁରା ଥାନା ଦୁର୍ଗାପଡ଼ିଆ ନିକଟ ଏକ ଘରୁ ଚୋରି ହୋଇଥିବା ନେଇ ମଙ୍ଗଳବାର ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମହାବୀର ପ୍ରସାଦ ସାହୁଙ୍କ ସାନପୁଅ ବିଜୟ ସାହୁଙ୍କ ଘରୁ ୫୦ହଜାର ଟଙ୍କା ସହ ହାରାହାରି ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଜୟ ଏବଂ ତାଙ୍କ ପରିବାର ବର୍ଗ ଗତ ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ଜଗା ଦର୍ଶନ ପାଇଁ ପୁରୀ ଯାଇଥିଲେ। ୧୭ ତାରିଖ ଅପରାହ୍ନରେ ପୁରୀରୁ ଫେରି ଘରର ମୁଖ୍ୟ ଗେଟ ଖୋଲିଲା ବେଳେ ଦେଖିବାକୁ ପାଇଲେ ଯେ ଶୋଇବା କୋଠରୀ ଏବଂ ଅନ୍ୟ ଏକ କୋଠରୀର ତାଲା ଭାଙ୍ଗି ପଡିଛି। ଘର ଭିତରକୁ ଯାଇ ଦେଖିଲା ବେଳେ ଆଲମାରୀ ଭାଙ୍ଗିଛି। ଆଲମାରୀ ଭିତରେ ଥିବା ଉପର ଲକର ଭାଙ୍ଗି ସେଥିରେ ଥିବା ଟଙ୍କା ଏବଂ ସୁନା ଅଳଙ୍କାର ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡ଼ିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ସହ ସାଇଣ୍ଟିଫିକ ଟିମ ପାରିପାର୍ଶ୍ୱିକସ୍ଥିତି ଅନୁଧ୍ୟାନ କରିବା ସହ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ସାମଗ୍ରୀ ଯାଞ୍ଚ କରିଛନ୍ତି।

## ବିପୁଳ ମହୁଲ ପୋଚ ଓ ରନ୍ଧା ମଦ ଜବତ



ବଡ଼ସାହି,୧୮।୬(ସମିସ): ବଡ଼ସାହି ଥାନା ଅଧୀନ ଯଦୁନାଥପୁର ରବର ପ୍ଲାଣ୍ଟ ଭିତରେ ବେଆଇନ ମଦ କାରଖାନ ଉପରେ ଚଢ଼ଉ ଓ ପ୍ରଚୁର ମାତ୍ରାରେ ପୋଚ ଓ ମଦ ନଷ୍ଟ କରାଯିବା ଘଟଣା ମନରୁ ଲିଭିନାହିଁ। ମାତ୍ର ପୁଣି ସେହି ଅଞ୍ଚଳର ଚେକାମରା, ମଧୁପୁର ଏବଂ ଯଦୁନାଥପୁର ଗ୍ରାମରେ ଚୋରା ଦେଶୀ ମଦ କାରଖାନା ଚାଲିଥିବାର ଅବକାରୀ ବିଭାଗର ମୋବାଇଲ ଦଳ ସହିତ ସଶସ୍ତ୍ର ପୁଲିସ ଫୋର୍ସ ଅତର୍କିତ ଚଢ଼ଉ କରିଛନ୍ତି। ମାତ୍ର ମଦ ମାଫିଆମାନେ ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଥିବା ବେଳେ ଘଟଣାସ୍ଥଳରୁ ୧୭ ହଜାର ୮ ଶହ କିଲୋଗ୍ରାମ ମହୁଲ ପୋଚ ଓ ୭ ଶହ ୭୦ ଲିଟର ରନ୍ଧା ମଦକୁ ନଷ୍ଟ କରାଯାଇଛି। ଏହି ବେଆଇନ କାରବାରରେ ବ୍ୟବହୃତ ସରଞ୍ଜାମଗୁଡିକୁ ମଧ୍ୟ ନଷ୍ଟ କରି ଦିଆଯାଇଥିବାର ଜଣାଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୫ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଛି। ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରୀ ରହିଛି।

## ବଜାରରୁ ଗାଈ ଗୋରୁଙ୍କ ସଂସରା ମେଡିସିନ୍ ଉଭାନ

■ ବିପଦରେ ଗୋ-ସମ୍ପଦ

ରାମଚନ୍ଦ୍ରପୁର,୧୮।୬(ସମିସ): ଗୋ ମଇଁଷି ପାଳନ କରିବାକୁ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରସ୍ତୁତ କରାଯାଇ ରିଆତି ଦିଆଯାଉଥିବା ସ୍ଥଳେ କେତେକ କ୍ଷେତ୍ରରେ ଗୋମଇଁଷିଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ମିଳୁ ନଥିବାରୁ ଅନେକ ଗୋ ସମ୍ପଦ ମୃତ୍ୟୁମୁଖରେ ପଡୁଛନ୍ତି।



ଗୋରୁଗାଈ ସଂସରା ରୋଗରେ ଆକ୍ରାନ୍ତ ହେଲେ ପ୍ରତିଶେଧକ ବା ଏହାର ନିରାକରଣ ପାଇଁ ବ୍ୟବହାର ହେଉଥିବା ଆନ୍ଥିଓମାଲିନ ଇଞ୍ଜେକ୍ସନ ଦୀର୍ଘ ୬ ମାସ ହେଲା ଔଷଧ ଦୋକାନରୁ ଉଭାନ ହୋଇଯାଇଛି। ଏଭଳି ଜୀବନ ରକ୍ଷାକାରୀ ଇଞ୍ଜେକ୍ସନ ମିଳୁ ନ ଥିବାରୁ ଅସମୟରେ ରୋଗରେ ପଡ଼ି ଅନେକ ଗାଈ ଗୋରୁଙ୍କ ଜୀବନ ଯାଉଥିବା ସ୍ଥାନୀୟ ପୁରୁଣାବାନ୍ଧଗୋଡା ପଞ୍ଚାୟତ ତିଗିରିଆ ଗ୍ରାମର ଅଗ୍ରଣୀ ଗୋ-ଚାଷୀ ବଳରାମ ବେହେରା ପ୍ରକାଶ କରିଛନ୍ତି। ତାଙ୍କର ୭ରୁ ଉର୍ଦ୍ଧ ଗାଈ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେପଟେ ଇଞ୍ଜେକ୍ସନ ଅଭାବ ଘଟଣାକୁ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡାକ୍ତର ସରୋଜ ମହାନ୍ତୀ ସ୍ୱୀକାର କରିବା ସହ ଏହି ରୋଗର ଔଷଧ ମିଳୁ ନଥିବାରୁ ଏହାର ନିରାକରଣ ପାଇଁ ଅଲଗା ପନ୍ଥା ଆପାଣାଯାଉଥିବା ସେ କହିଛନ୍ତି।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରୁ ସଶସ୍ତ୍ର ଡକାୟତି ଘଟଣା

# ସନ୍ଦିଗ୍ଧ ଅପରାଧୀଙ୍କ ଫଟୋ ଜାରିକଲା ପୁଲିସ

ଯୋଡ଼ା,୧୮।୬(ସମିସ):

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରୁ ସଶସ୍ତ୍ର ଡକାୟତି ଘଟଣାର ଏକ ସପ୍ତାହ ପରେ ମଧ୍ୟ ପୁଲିସ ଅପରାଧୀଙ୍କ ଟେର ପାଇପାରିନାହିଁ। ଡକାୟତଙ୍କୁ ଧରିବା ପାଇଁ ତମାମ୍ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଅପରାଧୀଙ୍କ ପାଖରେ ପହଞ୍ଚିବା ଏକ ଆହ୍ୱାନ ପାଲଟିଛି ଯୋଡ଼ା ପୁଲିସ ପାଇଁ। ସନ୍ଦିଗ୍ଧ ଅପରାଧୀମାନଙ୍କର ଫଟୋ ଜାରି କରି ଜନସାଧାରଣଙ୍କ ସାହାଯ୍ୟ ଲୋଡ଼ିଛି ପୁଲିସ। ସହର ମଧ୍ୟରେ ଲାଗିଥିବା କିଛି ସିସିଟିଭି ଫୁଟେଜରୁ ଏହି ଫଟୋ ବାହାର କରି ଯୋଡ଼ା ପୁଲିସ୍ ପକ୍ଷରୁ ଜାରି କରାଯାଇଛି। ଦୁଇଟି ବାଇକରେ ୫ ଜଣ ବସି ଯାଉଥିବାର ଏହି ଫଟୋରେ ଦେଖିବାକୁ ମିଳିଛି। ନିଜ ନାଁ ଗୋପନ ରଖି ସନ୍ଦିଗ୍ଧମାନଙ୍କ ସମ୍ପର୍କରେ ସଠିକ ଖବର ଦେବା ବ୍ୟକ୍ତିଙ୍କୁ ଜିଲ୍ଲା ପୁଲିସ୍ ତରଫରୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି। ସନ୍ଦିଗ୍ଧ ଅପରାଧୀମାନେ ବିହାର, ଝାଡ଼ଖଣ୍ଡ କିମ୍ବା ଗଞ୍ଜାମ ଅଞ୍ଚଳର ହୋଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖ ୧୦ଟାବେଳେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରୁ ବନ୍ଧୁକ ମୁନରେ ୧୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଓ ଦୁଇ କିଲୋ ସୁନା ଗହଣା ଲୁଟିନେଇଥିଲେ ଡକାୟତ ଦଳ। ୫ ଜଣ ବ୍ୟାଙ୍କରେ ପଶି ସମସ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ କିଛି କର୍ମଚାରୀଙ୍କୁ ମାଡ଼ ମାରି ଏକ କୋଠରୀରେ ବନ୍ଧକ ରଖି କ୍ୟାସ ବାକ୍ସରୁ ଟଙ୍କା ଓ ସୁନା ପ୍ୟାକେଟ ନେଇଯାଇଥିଲେ। ଗଲା ବେଳେ ସିସିଟିଭି ଡିଭିଆର୍ ମେସିନ ଟିକୁ ମଧ୍ୟ ସାଥୀରେ ନେଇଯାଇଥିଲେ।

ସୂଚନାଦାତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର



## ଜଳଖିଆ ଦୋକାନ ଓ ହୋଟେଲରେ ଚଢ଼ଉ



ଚମ୍ପୁଆ, ୧୮।୬(ସମିସ): ଚମ୍ପୁଆ ଏନଏସି ପକ୍ଷରୁ ଝାଡ଼ାବାନ୍ତି ପ୍ରତିକାର ସ୍ୱରୂପ ହୋଟେଲ, ଜଳଖିଆ ଦୋକାନ, ଅସ୍ଥାୟୀ ଜଳଖିଆ ଦୋକାନ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ ଦୋକାନରେ ଚଢଉ କରାଯାଇଛି। ଦୋକାନଗୁଡିକରେ ବିକ୍ରି ହେଉଥିବା ଖାଦ୍ୟ, ଗ୍ରାହକଙ୍କ ନିମନ୍ତେ ଥିବା ପାନୀୟଜଳ, ପରିବେଶ ଆଦି ଯାଞ୍ଚ କରାଯିବା ସହିତ ବାସି ଖାଦ୍ୟକୁ ଫିଙ୍ଗା ଯାଇଛି। ସୂଚନା ଅନୁସାରେ, ରାଜ୍ୟରେ ଡାଇରିଆ ମାଡ଼ି ଚାଲିଥିବା ବେଳେ ଚମ୍ପୁଆ ଏନ୍ଏସି ପକ୍ଷରୁ ଏହି ପରିସ୍ଥିତିକୁ ସୁଧାରିବା ପାଇଁ ତଥା ଆଗୁଆ ପଦକ୍ଷେପ ନିମନ୍ତେ ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ନିର୍ଦ୍ଦେଶରେ ସାନିଟାଇଜ୍ ଇନ୍‌ଚାର୍ଜ ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଏନଏସିର ଏକ ଟିମ୍ ଆଜି ଚମ୍ପୁଆ ବଜାରରେ ଥିବା ରନ୍ଧା ଖାଦ୍ୟ ଦୋକାନ ଉପରେ ଚଢ଼ଉ କରିଛନ୍ତି। ଆନୁଷଙ୍ଗିକ ଅବ୍ୟବ୍ୟସ୍ଥାକୁ ତୁରନ୍ତ ସୁଧାରିବା ପାଇଁ ମାଲିକଙ୍କୁ ତାଗିଦ କରାଯାଇଛି। ଖାଦ୍ୟକୁ ନଷ୍ଟ କରାଯିବା ସହ ମାଲିକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନେ ଯୋଗ ଦେଇଥିଲେ।

### ଚଢ଼ଉ ଜାରି; ଫିଙ୍ଗାଗଲା ପୁଳାପୁଳା ବାସି ମାଛ ଓ ମାଂସ

ଆନନ୍ଦପୁର, ୧୮।୬ (ସମିସ): ଆନନ୍ଦପୁର ସମେତ ଫକୀରପୁର ଶାଳବଣି ଦଧି ବାମନପୁର ଛେନାପଦି ହାଟଡିହିର ବିଭିନ୍ନ ହୋଟେଲ ଉପରେ ଚଢ଼ଉ କରାଯାଇଛି। ବାସି ଖାଦ୍ୟ ଥିବା ଅଭିଯୋଗରେ ଜରିମାନା ଆଦାୟ କରାଯାଇଥିବା ପୌରପାଳିକା ପରିମଳ ଅଧିକାରୀ ଭାଗିରଥି ଦାଶ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ହୋଟେଲ ଜଳଖିଆ ଦୋକାନ ଉପରେ ଚଢ଼ଉ କରାଯାଇଛି। ବାସି ଖାଦ୍ୟ ଫ୍ରିଜର ଫୁଡ ଓ ବ୍ୟବହୃତ ପିଇବା ପାଣିର ନମୁନା ସଂଗ୍ରହ କରାଯାଇଥିବା ବେଳେ ରୋଷେଇ ଘର ବ୍ୟବସ୍ଥା ତଦାରଖ ସମୟରେ ପୁଳା ପୁଳା ବାସି ମାଛ ଓ ମାଂସ ଥିବାରୁ ତଦନ୍ତ କାରି ଦଳ ନଷ୍ଟ କରିଦେଇଥିବା ଜଣାଯାଇଛି। ରାସ୍ତାକଡ଼ରେ ଥିବା ଷ୍ଟ୍ରିଟକର୍ଣ୍ଣର ଫୁଡଷ୍ଟଲଗୁଡିକ ୭ ଦିନ ପାଇଁ ବନ୍ଦ କରିବାକୁ ନୋଟିସ କରିଥିବା ସୂଚନା ମିଳିଛି। ସେହିପରି ଏନଏଚରେଥିବା ଢ଼ାବା ଓ ହୋଟେଲଗୁଡିକୁ ସ୍ୱଚ୍ଛତା ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।



■ ଆନନ୍ଦପୁର ଡାକ୍ତରଖାନାରେ ହଇଜାକୁ ନିମନ୍ତ୍ରଣ

### ଗୋଟିଏ ଶୌଚାଳୟରେ ସାଧାରଣ ଓ ଝାଡ଼ା ରୋଗୀ

ଆନନ୍ଦପୁର,୧୮।୬ (ସମିସ): ଝାଡ଼ାବାନ୍ତି ରୋଗରେ ଆଜି ପୁଣି ୧୩ ଜଣ ରୋଗୀ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉପଖଣ୍ଡରେ ଦିନକୁ ଦିନ ଏହି ରୋଗ ସଂକ୍ରମିତ ହେଉଥିବା ସ୍ପଷ୍ଟ ହୋଇଛି। ଗୋଟିଏ ଶୌଚାଳୟରେ ସାଧାରଣ ରୋଗୀ ଓ ଝାଡ଼ା ରୋଗୀ ସ୍ନାନ ଓ ଶୌଚ ହେଉଥିବାରୁ ସଂକ୍ରମଣ ପରିସ୍ଥିତି ଭୟାବହ ହେବାର ଆଶଙ୍କା ପ୍ରକାଶ ପାଇଛି। ଇତିମଧ୍ୟରେ ସପ୍ତାହେରୁ ଅଧିକ ହେବ ଝାଡ଼ାବାନ୍ତି ରୋଗ ଦିନକୁ ଦିନ ଉଦବେଗଜନକ ଅବସ୍ଥାକୁ ଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କିମ୍ବା ତତ୍ପରତା ପ୍ରକାଶ ପାଇନାହିଁ। ମୌସୁମୀ ବର୍ଷା ଆରମ୍ଭ ହୋଇଥିବାରୁ ନାଳ ନର୍ଦ୍ଦମା ସହରାଞ୍ଚଳ ଡ୍ରେନ ନିୟମିତ ସଫେଇ ହେଉ ନଥିବା ଚିନ୍ତାର କାରଣ ହୋଇଛି। ଗ୍ରାମାଞ୍ଚଳରେ ପୋଖରୀ ଗାଡ଼ିଆର ପାଣି ବ୍ୟବହାର ଉପରେ କଟକଣା ଜାରି କରିବା ଜରୁରୀ ହୋଇପଡିଛି। ସୂଚନାଯୋଗ୍ୟ, ଗତ ୧୦ତାରିଖ ରାତିରେ ତରାଇଲୋ ଗ୍ରାମରେ ଲଗ୍ନଧରା ଭୋଜି ଖାଇବାପରେ ଝାଡ଼ାବାନ୍ତି ରୋଗ ଆରମ୍ଭ ହୋଇଥିଲା। ୧୫ଜଣ ପୁରୁଷ ଓ ୧୧ଜଣ ମହିଳା ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

ମହୁଲଡିହା,୧୮।୬(ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ବନାଞ୍ଚଳରେ ଚାରା ବିତରଣ କେନ୍ଦ୍ରକୁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଛ ଲଗାଇବା ପରେ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଠାକୁରମୁଣ୍ଡା ବନାଞ୍ଚଳରେ ୧,୧୦,୦୦୦ ଚାରା ବଣ୍ଟନର ଲକ୍ଷ୍ୟ ରଖାଯାଇଥିବାରୁ ଜନସାଧାରଣ ଏହାର ସୁବିଧା ନେବାକୁ କହିଥିଲେ। ଅବସରରେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଓ ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବାକୁ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଯୋଜନା ଲକ୍ଷ୍ୟ ଏବଂ ପ୍ରତ୍ୟେକ ନାଗରିକ ଗଛ ପ୍ରତି ଟଙ୍କାଟିଏ ବିନିମୟରେ ୧୦ ଟି ଲେଖାଏଁ ଗଛ ନେଇ ନିଜ ବାଡ଼ିରେ ଲଗାଇ ପାରିବେ ବୋଲି କହିଥିଲେ। ଶେଷରେ ବନପାଳ ବିଦ୍ୟାଧର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଗ୍ୟାରେଜରୁ ଚୋରି

କପ୍ତିପଦା,୧୮।୬(ସମିସ): କପ୍ତିପଦା ବ୍ଲକର ନୁଦଡିହା ବଜାରରେ ଥିବା ମଣ୍ଟୁ ଗ୍ୟାରେଜରୁ ଚୋରି ହୋଇଥିବାର ଜଣାପଡିଛି। ଘଟଣାରୁ ପ୍ରକାଶ ମଣ୍ଟୁ ଗ୍ୟାରେଜର ମାଲିକ ମନୋଜ ସୋମବାର ରାତି ଦଶଟାରେ ଦୋକାନ ବନ୍ଦ କରି ଚାବି ପକାଇ ଘରକୁ ଯାଇଥିଲେ। ସୋମବାର ସକାଳେ ଆସି ଦୋକାନ ଚାବି ଭଙ୍ଗା ହୋଇଥିବାର ଦେଖିବାକୁ ପାଇଥିଲେ। ଦୋକାନରେ ଥିବା ୨୦ଟି ବାଇକ୍ ଟାୟାର ଏବଂ ଗ୍ୟାରେଜରେ ଲାଗିଥିବା ସିସି କ୍ୟାମେରାର ହାର୍ଡଡିସ୍କ ଚୋରି ହୋଇଥିବାର ସେ କହିଛନ୍ତି। ନୁଦଡିହା ଫାଣ୍ଡିରେ ଏନେଇ ଅଭିଯୋଗ କରିବା ସହ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତରଫରୁ ତଦନ୍ତ ଜାରି ରହିଛି।

## ବରାଙ୍ଗ ଜଙ୍ଗଲ ରାସ୍ତାରେ ଝିଙ୍କ ମୃତ

ରାମଚନ୍ଦ୍ରପୁର,୧୮।୬(ସମିସ): ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡ଼ା-ଗଁପୁର ରାସ୍ତାରେ ଭୋରରୁ ଏକ ଅଜଣା ଗାଡ଼ି ଧକ୍କାରେ ବିରଳ ପ୍ରଜାତିର ଝିଙ୍କ ମରି ପଡ଼ିଥିଲା ବେଳେ ସ୍ଥାନୀୟଗାଁଲୋକେବନକର୍ମଚାରୀଙ୍କୁସୂଚନାଦେଇଥିଲେ।ବନ କର୍ମଚାରୀ ପହଞ୍ଚି ମୃତ ଝିଙ୍କଟିକୁ ନିଜ ହେପାଜତକୁ ନେବା ପରେ ଡିଏଫଓ ଅଭୟକୁମାର ଦଳେଇଙ୍କ ନିର୍ଦ୍ଦେଶରେ ବ୍ୟବଚ୍ଛେଦ କରାଇ ଆନନ୍ଦପୂର ରେଞ୍ଜ କାର୍ଯ୍ୟାଳୟରେ ପୋତି ଦେଇଥିଲେ। ଝିଙ୍କଟିର ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ମୁଣ୍ଡ ଏବଂ ପଞ୍ଜରା ହାଡ଼ ଭାଙ୍ଗି ଯାଇଥିବା ବିଭିଓ ଡାକ୍ତର ସରୋଜ ମହାନ୍ତି କହିଛନ୍ତି। ଝିଙ୍କଟି ଜଙ୍ଗଲ ରାସ୍ତା ପାରି ହେଉଥିବା ସମୟରେ ସମ୍ଭବତଃ କୌଣସି ଚାରି ଚକିଆ ଗାଡ଼ି ଧକ୍କା ଦେବା ଯୋଗୁଁ ତା'ର ମୃତ୍ୟୁ ହୋଇଥାଇପାରେ ବୋଲି ବନ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି।

# ଶ୍ୱଶୁର ଘରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ହତ୍ୟା ଅଭିଯୋଗ

ମହୁଲଡିହା,୧୮।୬(ସମିସ): ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଦେହରେ ପୁଲିସ ମୃତକଙ୍କ ପତ୍ନୀଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ମହିଳାଙ୍କ ପ୍ରେମିକକୁ ଥାନାରେ ଅଟକ ରଖିଛନ୍ତି। କେନ୍ଦୁଝର ଜିଲ୍ଲା ତୁରମୁଙ୍ଗା ଥାନା ବଳିଆପଶି ଗ୍ରାମର ଦିବାକର ମହାନ୍ତ (୩୪) ଠାକୁରମୁଣ୍ଡା ଥାନା ରାଣୀଭୋଳ ଗ୍ରାମର ରୁଗୁଡ଼ିସାହିରେ ଭଦ୍ରୁ ନାଏକଙ୍କ ଝିଅ ଲକ୍ଷ୍ମୀ ନାଏକକୁ ପ୍ରେମ ବିବାହ କରି ଶ୍ୱଶୁର ଘରେ ରହି ଆସୁଥିଲେ। ଉଭୟଙ୍କର ୧୧ ବର୍ଷର ପୁଅଟିଏ ଅଛି। ଦିବାକର ବାହାରେ ରହି ମିସ୍ତ୍ରୀ କାମ କରନ୍ତି। କେନ୍ଦ୍ରାପଡ଼ାର ଯୁବକ ରିଙ୍କୁ ନାୟକ ସହିତ ସମ୍ପର୍କ ବଢ଼ିବାରୁ ଦିବାକର ସହିତ ସେ ରୁଗୁଡ଼ିସାହି ଆସେ। ଏହି ସମୟରେ ରିଙ୍କୁ ସହ ଲକ୍ଷ୍ମୀର ସମ୍ପର୍କ ଗଢି ଉଠିଥିଲା। ରିଙ୍କୁ ଆସି ଲକ୍ଷ୍ମୀ ଘରେ ମଝିରେ ମଝିରେ ରହୁଥିଲା। ରଜରେ ଉଭୟ ଦିବାକର ଏବଂ ରିଙ୍କୁ ୧୩ ତାରିଖ ରୁଗୁଡ଼ିସାହି ଆସିଥିଲେ। ୧୫ତାରିଖ ଦିବାକରଙ୍କ ବାପା ଭକ୍ତବନ୍ଧୁ ପୁଅର ଫୋନ ନଲାଗିବାରୁ ବୋହୁକୁ ଫୋନ କରିବାରୁ ସେ ବଳିଆପଶିକୁ ଚାଲିଯାଇଥିବା କହିଥିଲେ। ପୁଅ ଘରକୁ ଯାଇନଥିବାରୁ ୧୬ ତାରିଖ ଅପେକ୍ଷା କରିବା ପରେ ଭକ୍ତବନ୍ଧୁ ୧୭ ତାରିଖ ରୁଗୁଡ଼ିସାହି ଆସି ପହଞ୍ଚି ପଚରାଉଚୁରା କରିବାସହ ଖୋଜା ଖୋଜି ବେଳେ ରାଣୀଭୋଳ କେନ୍ଦୁଜିଆଣୀ ରାସ୍ତାକଡ଼ ବିଲରେ ଦିବାକରଙ୍କ ମୃତଦେହ ଦେଖି ଥାନାକୁ ଖବର ଦେଲେ। ବୋହୂ ଏବଂ ତାର ପ୍ରେମିକ ରିଙ୍କୁ ମିଶି ପୁଅକୁ ମାରିଦେଇଥିବା ଭକ୍ତବନ୍ଧୁ ଅଭିଯୋଗ କରିଛନ୍ତି। ପୁଲିସ ଲକ୍ଷ୍ମୀକୁ ଥାନାକୁ ଆଣି ତଦନ୍ତ କରିବା ପରେ ରିଙ୍କୁକୁ କେନ୍ଦ୍ରାପଡ଼ାରୁ ଡକାଇଥିଲା। ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଉଭୟ ଥାନାରେ ଅଟକ ଅଛନ୍ତି।

## ଶିଶୁ ମନ୍ଦିର ଛାତ୍ର ଆଶିଷ ନିଟ୍ ପରୀକ୍ଷାରେ ସଫଳ



ଚମ୍ପୁଆ, ୧୮।୬(ସମିସ): ସର୍ବଭାରତୀୟ ନିଟ ପରୀକ୍ଷାରେ ର୍‌ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଚମ୍ପୁଆ ଶିଶୁ ନଗର ବ୍ରହ୍ମପୁରଠାରେ ଯୁକ୍ତ୨ ବିଜ୍ଞାନ ଅଧ୍ୟୟନ କରିଥିଲେ। ଟାଙ୍ଗିଠାରେ ୪ ବର୍ଷ କୋଚିଂ ନେବା ପରେ ଏହି ସଫଳତା ପାଇଥିବା ବେଳେ ସଫଳତାର ଶ୍ରେୟ ନିଜ ପିତାମାତା ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବା କରିବେ ବୋଲି ଜେନା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଚମ୍ପୁଆ ଶିଶୁ ମନ୍ଦିରର ଛାତ୍ର ଆଶିଷ କୁମାର ଜେନା ୩୩ ନଂ ମନ୍ଦିରରେ ମେଟ୍ରିକରେ ଏ୧ ଗ୍ରେଡରେ ପାସ କଲା ପରେ ନୀଳକଣ୍ଠ ପରେ ସେ କଟକସ୍ଥିତ ଟେଟ୍ରାହେଡେନ କୋଚିଂ ସେଣ୍ଟର ପାଇଛନ୍ତି। ମୋଟ ୭୨୦ ନଂ ରୁ ୫୬୨ ନମ୍ବର ରଖି ଏହି ସଫଳତା ଓ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମାଙ୍କୁ ଦେବା ସହିତ ଭବିଷ୍ୟତରେ କହିଛନ୍ତି। ସୂଚନା ଯୋଗ୍ୟକି, ଆଶିଷର ପିତା ଅରୁଣ କୁମାର ଭାବେ କାର୍ଯ୍ୟ କରୁଥିବା ବେଳେ ମାତା ଜଣେ ଗୃହଣୀ ଅଟନ୍ତି।

# ଆଦର୍ଶ ପୋଖରୀ ଓ ପାର୍କ ନିର୍ମାଣ ପ୍ରସ୍ତାବକୁ ସ୍ଥାନାନ୍ତର ଦାବି

ସ୍ଥାନୀୟ ବାସିନ୍ଦାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ବେତନଟୀ,୧୮।୬(ସମିସ): ବେତନଟୀ ବଙ୍ଗଳା ଛକ ନିକଟସ୍ଥ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ବଡ଼ ପୋଖରୀକୁ ଆଦର୍ଶ ପୋଖରୀରେ ରୂପାନ୍ତରିତ କରିବାକୁ ଏବଂ ତାକୁ ଲାଗି ପାର୍କ ନିର୍ମାଣ କରିବାକୁ ପ୍ରସ୍ତାବ ହୋଇଛି। ଯୋଜନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ, ଜିଲ୍ଲାପାଳ ଓ ବେତନଟୀ ବିଡିଓଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ସ୍ଥାନଟି ଦେବୋତ୍ତର ବିଭାଗର ଅଧୀନରେ ରହିଛି। ଯେଉଁଠାରେ ପ୍ଲଟ ନମ୍ବର ୮୬୦ରେ ୧ ଏକର ୧୩ ଡିସିମିଲ ଜଳାଶୟ ଏବଂ ପ୍ଲଟ ନମ୍ବର ୮୫୯ ଓ ୮୬୧ରେ ଯଥାକ୍ରମେ ୬୫ ଡିସିମିଲ ଏବଂ ୨୨ ଡିସିମିଲ ଆଡ଼ିବନ୍ଧ ରହିଛି। ଏହି ସ୍ଥାନରେ ଗ୍ରାମର ଶ୍ମଶାନ ମଧ୍ୟ ଅବସ୍ଥିତ। ଯାହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ବାସିନ୍ଦାମାନେ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଏହି ସ୍ଥାନରେ ପୋଖରୀ ଓ ପାର୍କ ନିର୍ମାଣ କଲେ ସେମାନଙ୍କ ଧାର୍ମିକ ଭାବନା ଏବଂ ସାଂସ୍କୃତିକ ମୂଲ୍ୟବୋଧ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ଏହା ସହିତ ଦେବୋତ୍ତର ବିଭାଗର ଜାଗା ହୋଇଥିବା କାରଣରୁ ଆଇନଗତ ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ। ଯାହା ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିବ। ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଏହି ପ୍ରକଳ୍ପକୁ ଅନ୍ୟ ଏକ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରାଯାଉ। ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କ ଶ୍ମଶାନ ସୁରକ୍ଷିତ ରହିବ ଏବଂ ପ୍ରକଳ୍ପର ଉଦ୍ଦେଶ୍ୟ ମଧ୍ୟ ସଫଳତାର ସହିତ ପୂରଣ ହୋଇପାରିବ। ତାସହିତ ଆବଶ୍ୟକ ହେଲେ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିକଳ୍ପ ସ୍ଥାନ ଚୟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଅବୈଧ ନିର୍ମାଣ ଉପରେ ବୁଲିଲା ବୁଲଡୋଜର

ଯୋଡ଼ା,୧୮।୬(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବିଲେଇପଦାଠାରେ ଜବରଦଖଲ ଭାବେ ନିର୍ମାଣାଧୀନ ଥିବା ଜଣେ ବ୍ୟକ୍ତିଙ୍କ ପକ୍କା ଘରକୁ ବୁଲଡୋଜର ଲଗେଇ ଭାଙ୍ଗି ଦିଆଯାଇଛି। ବଡ଼ବିଲ ତହସିଲ ଅନ୍ତର୍ଗତ ବିଲେଇପଦା ଖାତା ନଂ ୧୧୧/ପ୍ଲଟ ନଂ ୬୬୮ ରେ ଥିବା ୧୮.୦୩୦ ଏକର ଜଙ୍ଗଲ ଜମି ମଧ୍ୟରୁ ୦.୦୫୦ ଏକର ଜମିକୁ ଶୁକଲାଲ ହନହାଗା ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ଏକ ଘର ନିର୍ମାଣ କରୁଥିଲେ। ତେବେ ବଡ଼ବିଲ ତହସିଲ ପକ୍ଷରୁ ତାଙ୍କୁ ଜାଗା ଖାଲି କରିବାପାଇଁ ମାମଲା ନଂ ୨୩/୨୦୨୫-୨୬ରେ ଏକମାସ ସମୟ ଦିଆଯାଇଥିଲା। ଏକ ମାସ ପରେ ଖାଲି ନହେବାରୁ ଅଧିକ ସାତଦିନ ଓ ପରେ ୨୪ ଘଣ୍ଟିଆ ମହଲତ ଦିଆଯାଇ ଏହାକୁ ଭାଙ୍ଗିଦିଆ ଯାଇଛି। ଏହି ନିର୍ମାଣ ନଭାଙ୍ଗିବାପାଇଁ ବିଭିନ୍ନ ମହଲରୁ ଅନେକ ଚାପ ପ୍ରୟୋଗ କରାଯାଇଥିଲା। ଓପିଏଲଇ ଧାରା ୧୯୭୨ ର ଉପ ଧାରା ୪ଓ ୬ ଅନୁଯାଇ ୧୮/୬ ତାରିଖ ସକାଳ ୮ଟାରେ ଏହାକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳାଇ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ଏବଂ ଏକ ପ୍ଲାଟୁନ ପୁଲିସବଳ ନିୟୋଜିତ ଥିଲେ।

# ଇରାନର ୨ ପରମାଣୁ ଠିକଣା କ୍ଷତିଗ୍ରସ୍ତ; ବିକିରଣ ଆରମ୍ଭ

ଭିଏନା, ୧୮।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢେଇ ଜାରି ରହିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଥିବାବେଳେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ବଡ଼ ସୂଚନା ଦେଇଛି। ଇରାନର ଦୁଇ ପ୍ରମୁଖ ଆଣବିକ ଠିକଣାରେ ଇସ୍ରାଏଲ ଆକ୍ରମଣ ସ୍ପଷ୍ଟ କରିଛି। ଏଥିରୁ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) କରୁଥିବା ଦାବି ସତ୍ୟ ପ୍ରମାଣିତ ହୋଇଛି। ଆଇଏଇଏ ସୂଚନା ଅନୁଯାୟୀ ଇସ୍ରାଏଲ ଯୁଦ୍ଧ ବିମାନର ବୋମାବର୍ଷାରେ ଆଣବିକ କେନ୍ଦ୍ର 'ତେସା କରାଜ ୱାର୍କସପ୍' ଏବଂ 'ତେହରାନ ରିସର୍ଚ୍ଚ ସେଣ୍ଟର' କ୍ଷତିଗ୍ରସ୍ତ ହୋଇଛି। କରାଜରେ ଦୁଇଟି କୋଠା ଧ୍ୱଂସ ହୋଇଛି। ଏଠାରେ ସେଣ୍ଟ୍ରିଫ୍ୟୁଜ ଉପାଦାନ ପ୍ରସ୍ତୁତ କରାଯାଉଥିଲା। ଗୋଟିଏ କୋଠାରେ 'ଆଡଭାନ୍ସଡ ସେଣ୍ଟ୍ରିଫ୍ୟୁଜ ରୋଟର' ନିର୍ମାଣ କରାଯାଉଥିଲା। ଏହାକୁ ତେହରାନରେ ପରୀକ୍ଷା କରାଯାଉଥିଲା।

**ସ୍ପଷ୍ଟକଲା ଆଇଏଇଏ**



ନତାଞ୍ଜ ସାଇଟ୍ ଉପରେ ପରୋକ୍ଷ ଭାବେ ଆକ୍ରମଣ କରାଯାଇଥିଲା ବୋଲି ପ୍ରଥମେ କୁହାଯାଉଥିଲା। ମାତ୍ର ଆଇଏଇଏ ସ୍ପଷ୍ଟ କରିଛି ଯେ ଆକ୍ରମଣରେ ନତାଞ୍ଜର ଭୂତଳ ହଲ୍ ଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ଏହି ଦୁଇ ଠିକଣାରୁ ବିକିରଣ ଏବଂ ରାସାୟନିକ ପ୍ରଦୂଷଣ ଆରମ୍ଭ ହୋଇଯାଇଥିବା କୁହାଯାଇଛି। ତେବେ ଇରାନର ଅନ୍ୟ ପରମାଣୁ ଠିକଣାଗୁଡିକର ସ୍ଥିତି ଅପରିବର୍ତ୍ତିତ ରହିଥିବା କୁହାଯାଇଛି। କାରଣ ଆଇଇଏ ଏ ସବୁ ଠିକଣାର ଯାଞ୍ଚ କରିପାରିନାହିଁ।

# ଅପରେସନ 'ସିନ୍ଧୁ' ଆରମ୍ଭ ଇରାନରୁ ଫେରୁଛନ୍ତି ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଇରାନରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଏହିକ୍ରମରେ ଉତ୍ତର ଇରାନରୁ ଭାରତୀୟ ଦୂତାବାସ ପ୍ରଥମ ପର୍ଯ୍ୟାୟରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ପଠାଇବାକୁ ବ୍ୟବସ୍ଥା କରିଛି। ବୁଧବାର ଭାରତୀୟ ସମୟ ଅପରାହ୍ଣ ୨.୫୫ରେ ଏମାନେ ଇରାନ ଛାଡିଥିବା ବେଳେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ୯୦ ଜଣ ଛାତ୍ର ସାମିଲ ରହିଛନ୍ତି। ବାକି ଛାତ୍ରମାନେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶର ବୋଲି କୁହାଯାଇଛି। ଏହି ଛାତ୍ରମାନେ ମେଡିକାଲ ଅର୍ଥାତ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବାକୁ ଇରାନ ଯାଇଥିଲେ। ଇରାନର ୟେରେଭାନରୁ ଦୋହା ବାଟ ଦେଇ ଛାତ୍ରମାନେ ଦିଲ୍ଲୀରେ ପହଞ୍ଚିବେ। ଇରାନରେ ରହୁଥିବା ସବୁ ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ଆମେ ବେଶ୍ ତତ୍ପର ଓ ସେମାନଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଉଛୁ ବୋଲି ଦିଲ୍ଲୀସ୍ଥିତ ଇରାନ ଉପ- ରାଷ୍ଟ୍ରଦୂତ ମହମ୍ମଦ ଜାଭେଦ୍ ହୋସେଇନି କହିଛନ୍ତି। ଭାରତ ଓ ଇରାନ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ରହିଛି। ଇରାନ ଛାଡିବାକୁ ଚାହୁଁଥିବା ସବୁ ଭାରତୀୟ ନାଗରିକଙ୍କୁ ଆମେ ସହଯୋଗ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଭାରତୀୟ ନାଗରିକଙ୍କୁ ଫେରାଇଆଣିବାକୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

### ବାନ୍ଧବୀଙ୍କୁ ଚାକରାଣୀ କରି ପଠାଇଲେ ଆଇନ ଛାତ୍ରୀ

# ୪୮ ଘଣ୍ଟାରେ ୩୦ ଲକ୍ଷ ଚୋରି କରି ଡାକ୍ତରଙ୍କ ଘରୁ ଫେରାର

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଦିଲ୍ଲୀର ମଡେଲ ଟାଉନ ଅଞ୍ଚଳରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏଠାରେ ରହୁଥିବା ଜଣେ ଆଇନ ଛାତ୍ରୀ ୩୦ ଲକ୍ଷ ଟଙ୍କା ଚୋରି କରିବା ପାଇଁ ଚଳଚ୍ଚିତ୍ର ଶୈଳୀରେ ଷଡ଼ଯନ୍ତ୍ର କରିଛନ୍ତି। ଏଥିରେ ଦୁଇ ବାନ୍ଧବୀଙ୍କୁ ସାମିଲ କରିଛନ୍ତି। ଏଥିପାଇଁ ଜଣେ ବାନ୍ଧବୀଙ୍କୁ ଚାକରାଣୀ କରି ଜଣେ ଡାକ୍ତରଙ୍କ ଘରକୁ ପଠାଇ ଥିଲେ। ସେ ମାତ୍ର ଦୁଇ ଦିନରେ ୩୦ ଲକ୍ଷ ଟଙ୍କା ଏବଂ ମୋବାଇଲ ଚୋରାଇ ନେଇଥିଲେ। ଏହା ପରେ ତିନି ଜଣ ଯାକ ଫେରାର ହୋଇ ଯାଇଥିଲେ। ତେବେ ପୁଲିସ ସିସିଟିଭି ଫୁଟେଜ ଏବଂ ଅନ୍ୟ ପ୍ରଯୁକ୍ତିବଦ୍ୟା ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲା। ଦଇ ଜଣଙ୍କୁ ମିରଟ ଏବଂ ଜଣଙ୍କୁ ସହାରନପୁରରୁ ଗିରଫ କରାଯାଇଛି। ଆଇନ ଛାତ୍ରୀ ରଜନୀ (୨୭) ଏହାର ମାଷ୍ଟରମାଇଣ୍ଡ ଥିଲେ। ସେ ଶିଳ୍ପୀ (୧୯)ଙ୍କୁ ଚାକରାଣୀ କରି ଡ. ଅନିଲ ରହେଜାଙ୍କ ଘରକୁ ପଠାଇ ଥିଲେ। ଗତ ୧୨ ତାରିଖରେ ପୁଲିସକୁ ଫୋନ କରି ଚାକରାଣୀ ଭାବେ ରଖଥିବା ତନବୀର କୌର ଏହା ନେଇ ପଳାଇଛି ବୋଲି ଡାକ୍ତର କହିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ତନବୀରଙ୍କ ପ୍ରକୃତ ନାମ ଶିଳ୍ପୀ। ପୁଲିସ ଏହି ଚୋରି ଟଙ୍କା ଜବତ କରିଛି।

## ମଦ ଦୁର୍ନୀତି: ଜଗନଙ୍କ ଘନିଷ୍ଠ ସହଯୋଗୀ ଗିରଫ

ବେଙ୍ଗାଲୁରୁ, ୧୮।୬ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଘନିଷ୍ଠ ସହଯୋଗୀ ତଥା ୱାଇଏସଆରସିପି ସାଧାରଣ ସମ୍ପାଦକ ଚେଭିରେଡ୍ଡୀ ଭାସ୍କର ରେଡ୍ଡୀଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ବହୁ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ଆନ୍ଧ୍ର ପୁଲିସ ଏସ୍‌ଆଇଟି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପୂର୍ବରୁ ଭାସ୍କରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ସେ ବିଦେଶ ପଳାଇବା ପାଇଁ ପ୍ରୟାସ କରୁଥିଲେ। ଏଥିପାଇଁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚି ଥିଲେ। ମାତ୍ର ଏହା ପୂର୍ବରୁ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ଧରି ନେଇଥିଲେ। ଏହାର ସୂଚନା ପାଇବା ପରେ ଆନ୍ଧ୍ର ପୁଲିସ ପହଞ୍ଚି ବୁଧବାର ବଡ଼ି ଭୋରରେ ଭାସ୍କର ଏବଂ ତାଙ୍କ ସହଯୋଗୀ ଭେଙ୍କଟେଶ ନାଇଡୁଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ବିଜୟୱାଡା ନିଆଯାଇଛି। ଏହି ମାମଲାରେ ଚନ୍ଦ୍ରଗିରିର ପୂର୍ବତନ ବିଧାୟକ ଭାସ୍କରଙ୍କ ସମେତ ୬ ଜଣ ଅଭିଯୁକ୍ତ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୩୯ ଜଣଙ୍କୁ ଗିରଫ କରାଗଲାଣି।

## ଗୋଟିଏ ନମ୍ବରକୁ ୧୧୩ଥର ଫୋନ୍

ଲକ୍ଷ୍ନୌ, ୧୮।୬(ଏଜେନ୍ସି): ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ଦୁଇଟି ମୋବାଇଲ ନମ୍ବର ବ୍ୟବହାର କରୁଥିଲା। କଲ୍ ଡିଟେଲ୍ ଅନୁସାରେ ସୋନମ୍ ମାର୍ଚ୍ଚ ମାସରେ ୨୫ ଦିନ ମଧ୍ୟରେ ୧୧୯ ଥର କଲ କରି କଥା ହୋଇଥିଲେ। ସେ ଦୀର୍ଘ ସମୟ ଧରି ସଞ୍ଜୟ ବର୍ମାଙ୍କ ସହ କଥା ହୋଇଥିଲେ ବୋଲି କୁହାଯାଉଛି। ତେବେ ଶିଲଂ ପୁଲିସ ଆନୁଷ୍ଠାନିକ ଭାବେ ଏ ନେଇ କିଛି ସୂଚନା ଦେଇନାହିଁ। ବୁଧବାର ଅପରାହ୍ଣରେ ପୁଲିସ୍ ସୋନମର ଘରେ ପହଞ୍ଚି ତା'ର ମା ଓ ଭାଇ ଗୋବିନ୍ଦଙ୍କୁ ବନ୍ଦ କୋଠରୀରେ ପଚରାଉଚରା କରିଥିଲା। ସେପଟେ ଫତେପୁର ଜିଲ୍ଲାରେ ରାଜା ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ରାଜ୍ କୁଶୱାହର ଜେଜେମା ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ରାଜ ନିର୍ଦ୍ଦୋଷ ବୋଲି ଜେଜେମା ମୃତ୍ୟୁ ପୂର୍ବରୁ କହିଥିବା କଥା ପରିବାର ଲୋକେ କହିଛନ୍ତି।

## ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଏଥର ଭୋଟର ତାଲିକା ସଂଶୋଧନର ୧୫ ଦିନ ଭିତରେ ଲୋକଙ୍କୁ ନୂଆ ଭୋଟର ଆଇଡି ମିଳିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କାର୍ଡ ପ୍ରଦାନ ଲାଗି ନୂଆ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ ନୂଆ ପଞ୍ଜିକରଣ କିମ୍ବା ଆଇଡିରେ ଥିବା ସୂଚନା ପରିବର୍ତ୍ତନ ସାମିଲ ରହିଛି। ଏହା ବ୍ୟତୀତ ଭୋଟରଙ୍କୁ ଏସ୍‌ଏମ୍‌ଏସ୍ ମଧ୍ୟ ମିଳିବ। ଏହା ମାଧ୍ୟମରେ କାର୍ଡ ସ୍ଥିତିର ସୂଚନା ଦିଆଯିବ। ଏବେ ଭୋଟର କାର୍ଡ ମିଳିବାକୁ ମାସେରୁ ଅଧିକ ସମୟ ଲାଗିଯାଉଛି।

## କରୋନା: ୨୪ ଘଣ୍ଟାରେ ଆଉ ୪ ମୃତ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): କରୋନାର ନୂଆ ଭ୍ୟାରିଏଣ୍ଟ ସଂକ୍ରମଣରେ ଦେଶରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ୪ଜଣ ମୃତ୍ୟୁବରଣ କରିଛନ୍ତି। ମହାରାଷ୍ଟ୍ରରୁ ୨ଜଣ ଏବଂ ଦଲ୍ଲୀ ଓ କେରଳରୁ ଜଣେ ଲେଖାଏ ଜୀବନ ହରାଇଛନ୍ତି। ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାରେ ମୋଟ୍ ୧୧୩ ଜଣ ଜୀବନ ହରାଇଛନ୍ତି। କେରଳରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ୩୬ ହୋଇଥିବା ବେଳେ ମହରାଷ୍ଟ୍ରରେ ୩୧ ଓ ଦିଲ୍ଲୀରେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନାର ୬୪୮୩ ଆକ୍ଟିଭ କେସ୍ ଦେଖିବାକୁ ମିଳିଛି।

## କର୍ଣ୍ଣାଟକରୁ ନେଇ ଗୋଆରେ ପ୍ରେମିକାକୁ ହତ୍ୟା

ପାନାଜୀ, ୧୮।୬(ଏଜେନ୍ସି): ବିବାହ କରିବାକୁ ଦୁହେଁ ଗୋଆ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ କଥା ଅଲଗା ହୋଇଥିଲା। ଜଣେ ୨୨ ବର୍ଷୀୟ କର୍ଣ୍ଣାଟକ ଯୁବକ ତାଙ୍କ ପ୍ରେମିକାଙ୍କୁ ନିର୍ମମ ଭାବେ ହତ୍ୟା କରିଛି। ଦକ୍ଷିଣ ଗୋଆର ପ୍ରତାପ ନଗରରେ ଯୁବତୀଙ୍କ ମୃତଦେହ ମିଳିଥିଲା। ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଦୁହେଁ ବେଙ୍ଗାଲୁରୁରୁ ଗୋଆ ଆସିଥିଲେ। ଗିରଫ ଯୁବକ ହେଉଛନ୍ତି ସଞ୍ଜୟ କେଭିନ ଏମ୍। ସେ ନର୍ଥ ବେଙ୍ଗାଲୁରୁରେ ରୁହନ୍ତି। ସେହିପରି ଯୁବତୀ ଜଣକ ହେଉଛନ୍ତି ଏହି ଅଞ୍ଚଳର ୨୨ ବର୍ଷୀୟା ରୋସନୀ ମୋସେସ୍ ଏମ୍। ଘଟଣା ପରେ ଯୁବକ ଫେରାର ହୋଇଯାଇଥିଲେ। ତାଙ୍କୁ କର୍ଣ୍ଣାଟକର ହୁବାଲିରେ ଗିରଫ କରାଯାଇଥିଲା। ବିବାହ କରିବାକୁ ଆସିଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଥିଲା ବୋଲି ପୁଲିସ କହିଛି।

# ବଢ଼ିଲା ବିମାନବନ୍ଦର ସୁରକ୍ଷା ଚିନ୍ତା

## ସୁରକ୍ଷା ମାନଦଣ୍ଡ ପୂରଣ କରୁନାହାନ୍ତି ଅହମଦାବାଦ ସମେତ ଅନେକ ବିମାନବନ୍ଦର

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ସାରା ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ଏ ଦିଗରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପଦକ୍ଷେପ ନେଇ ସୁରକ୍ଷା ଯାଞ୍ଚ ମଧ୍ୟ ନିର୍ଦ୍ଦେଶ ଦେଇଛି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅହମଦାବାଦ ସମେତ ଅନେକ ବିମାନବନ୍ଦର ମୌଳିକ ସୁରକ୍ଷା ମାନଦଣ୍ଡ ପୂରଣ କରୁନାହିଁ ବୋଲି ଜଣାପଡ଼ିଛି। ଡିଜିସିଏ ନିୟମ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ (ଏଏଆଇ) ର ଦାବି ଏବଂ ୨୦୧୯ର ପର୍ଯ୍ୟବେକ୍ଷଣ ରିପୋର୍ଟ ଥିବା ସତ୍ତ୍ୱେ ପୁଣି ବିମାନ ଦୁର୍ଘଟଣା ହୋଇଥିଲା। ଏହାକୁ ନେଇ ଅବଷ୍ଟାକଲ ଲିମିଟେସନ ସରଫେସ (ଓଏଲଏସ) ପକ୍ଷରୁ କୁହାଯାଇଛି ଯେ ରନୱେର ଆଖପାଖରେ ସ୍ଥାୟୀ ନିର୍ମାଣ କିମ୍ବା ଆବାସିକ କୋଠା ରହିବା ଅନୁଚିତ। କିନ୍ତୁ ଅହମଦାବାଦ ବିମାନବନ୍ଦରରେ ଏ ସବୁ ସୁରକ୍ଷା ମାନଦଣ୍ଡ ପାଳନ ହୋଇନାହିଁ। ଏଥିରେ ସ୍ପଷ୍ଟ ହେଉଛି ଯେ ବିମାନ ଦୁର୍ଘଟଣା କେବଳ ଯାନ୍ତ୍ରିକ ନ ଥିଲା, ସଂସ୍ଥାଗତ ଏବଂ ପ୍ରଶାସନିକ ସ୍ତରର ମଧ୍ୟ ବିଫଳତା ଥିଲା।

ଏଏଆଇ ୨୦୧୮ ରେ ଅହମଦାବାଦ ବିମାନବନ୍ଦରରେ ବଫର ଜୋନ ନିର୍ମାଣ କରିବା ଲାଗି ଗୁଜରାଟ ସରକାରଙ୍କୁ ୨୯.୭୯ ଏକର ଜମି ମାଗିଥିଲା। ଏହାକୁ ମଞ୍ଜୁରି ମଧ୍ୟ ମିଳିଥିଲା। କିନ୍ତୁ ଜମି ମିଳିବା ପ୍ରକ୍ରିୟା ଏବେ ବି ଜାରି ରହିଛି। କାରଣ ଏହି ଅଞ୍ଚଳରେ ୩୫୦ ପରିବାର ରହୁଛନ୍ତି। ଏମାନଙ୍କୁ ହଟାଇବା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ରନୱେ ସେଫ୍ଟି, ବଫର ଜୋନ ଏବଂ ଓଏଲଏସ ଭଳି ମୌଳିକ ଭିତ୍ତିଭୂମି ସମସ୍ୟା ବଡ଼ ଅବହେଳାର କାରଣ ପାଲଟିଛି। ଡିଜିସିଏର ଏରୋଡ୍ରମ ଇନ୍‌ସ୍ପେକ୍ଟର ହାଣ୍ଡବୁକ୍ ଏବଂ ସିଭିଲ ଆଭିଏସନ ରିକ୍ୱାରମେଣ୍ଟ (ସିଏଆର) ଅନୁଯାୟୀ ପ୍ରତ୍ୟେକ ରନୱେ ଶେଷରୁ ୯୦ରୁ ୨୪୦ ମିଟର ପର୍ଯ୍ୟନ୍ତ ରନୱେ ଆଣ୍ଡ ସେଫ୍ଟି ଏରିଆ (ରେସା) ହେବା ଜରୁରୀ। ଡିଜିସିଏର ବାର୍ଷିକ ଇନସ୍ପେକ୍ସନ ରିପୋର୍ଟ ଏବଂ ଏୟାରପୋର୍ଟ ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟର ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ଅନେକ ବିମାନବନ୍ଦରରେ ରେସା, ଓଏଲଏସ କିମ୍ବା ଜମି ଅଧିଗ୍ରହଣ ଭଳି ମୌଳିକ ମାନଦଣ୍ଡ ପୂରଣ କରିପାରିନାହାନ୍ତି। ତ୍ରିଭେନ୍ଦ୍ରମ, କୋଏମ୍ବାଟୁର, ମହୀଶୂର ଏବଂ ମାଙ୍ଗାଲୁରୁ ଭଳି ସହରରେ ରନୱେ ସମ୍ପ୍ରସାରଣ କିମ୍ବା ସୁରକ୍ଷା ଜୋନ୍ ପାଇଁ ମଗା ଯାଇଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଭଳି ଭାବେ ଗ୍ୱାଲିୟର ରନୱେ ପ୍ରସ୍ତାବ ଦୀର୍ଘ ବର୍ଷ ହେଲା ଅଟକି ରହିଛି।

**■ ଅନେକ ସ୍ଥାନରେ ହୋଇନି ବଫର ଜୋନ୍**

**■ ଭିତ୍ତିଭୂମି ସୁରକ୍ଷାକୁ ଗମ୍ଭୀରତାର ସହ ନେଉନାହାନ୍ତି**



ହିସାରରେ ଉଡ଼ାଣ ଆରମ୍ଭ ହୋଇସାରିଲାଣି। କିନ୍ତୁ ଟ୍ୟାକ୍ସି-ୱେ ଏବଂ ରନୱେ ନିକଟରେ ଓଏଲଏସ ସମ୍ବନ୍ଧିତ ସମସ୍ୟା ଜାରି ରହିଛି। କୁଶିନଗରରେ ଟର୍ମିନାଲ ସହିତ ଆପ୍ରୋଚ ପାଥ୍ ଏବଂ ରନୱେ ସୁଧାର ଅଧାରେ ରହିଛି। ସିମ୍ଲା ରନୱେ କେବଳ ୧୧୮୯ ମିଟର ଲମ୍ବା। ପାହାଡ ଯୋଗୁଁ ଏଠାରେ ରେସା ମଧ୍ୟ ସମ୍ଭବ ନୁହେଁ। ରନୱେର ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ସେହିପରି ଜୈସାଲମେରରେ ରନୱେକୁ ଉଭୟ ବେସାମରିକ ଏବଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। କିନ୍ତୁ ରନୱେ ସମ୍ପ୍ରସାରଣର କୌଣସି ଯୋଜନା ନାହିଁ। ସେହିପରି କୃଷକଙ୍କ ବିରୋଧ ଯୋଗୁଁ ପୁନେରେ ପ୍ରସ୍ତାବିତ ପୁରନ୍ଦର ବିମାନବନ୍ଦର କାର୍ଯ୍ୟ ଅଟକି ରହିଛି। ପାଟନା ବିମାନବନ୍ଦରକୁ ଚାରିପଟୁ ଜନବସତି, ରେଳ ଲାଇନ ଏବଂ ଚିଡିଆଖାନା ଘେରି ରହିଛି। ଏଠାରେ ରେସା ଉପଯୋଗୀ ହୋଇପାରିବ ନାହିଁ। ରନୱେ ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ଏଭଳି ସ୍ଥଳେ ଗମ୍ଭୀର ସୁରକ୍ଷା ବିପଦ ସୃଷ୍ଟି ହୋଇପାରେ।

### ବିମାନରେ ଫସିଲେ ବଘେଲ

# ୪୦ ମିନିଟ୍ ଯାଏଁ ଖୋଲିଲାନି ଗେଟ୍



ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଦିଲ୍ଲୀରୁ ଛତିଶଗଡ଼ ରାଜଧାନୀ ରାୟପୁର ଯାତ୍ରା କରିଥିବା ଇଣ୍ଡିଗୋ ବିମାନରେ ମଙ୍ଗଳବାର ଏକ ବଡ଼ ଅଘଟଣ ଦେଖିବାକୁ ମିଳିଥିଲା। ଏୟାରପୋର୍ଟରେ ବିମାନ ଅବତରଣ କରିସାରିଥିଲେ ମଧ୍ୟ ଏକ ବୈଷୟିକ ତ୍ରୁଟି ଯୋଗୁଁ ଯାତ୍ରୀ ଫସି ରହିଥିଲେ। ଏମାନଙ୍କ ମଧ୍ୟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଥିଲେ। ବିମାନର ଅବତରଣ ପରେ ୪୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। ଫଳରେ ଯାତ୍ରୀମାନେ ବିମାନ ଭିତରେ ଫସି ରହିଥିଲେ। ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ବଘେଲଙ୍କ ସମେତ କଂଗ୍ରେସ ବିଧାୟକ ଚାତୁରୀ ନନ୍ଦ ଓ ରାୟପୁର ମେୟର ମିନଲ ଚୌବେଙ୍କ ସମେତ ବହୁ ଯାତ୍ରୀ ବିମାନରେ ଥିଲେ। ତେବେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ବିମାନରେ କିଛି ବୈଷୟିକ ତ୍ରୁଟି ରହିଥିବା ବଘେଲ କହିଛନ୍ତି। ଗେଟ୍ ଲକ୍ ହେବା ଫଳରେ ୪୦ମିନିଟ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। କାରଣ ଏହି ବିମାନରେ ସିଡି ନଥିଲା। ଏହା ଏୟାର ବ୍ରିଜ୍‌ରେ ଲାଗିବା ପରେ ଯାତ୍ରୀମାନେ ଅବତରଣ କରିଥାନ୍ତି। ଏଥିପାଇଁ ବୋଧେ ଗେଟ୍ ଖୋଲି ନଥିଲା ବୋଲି ବଘେଲ କହିଛନ୍ତି।

## ଦିଲ୍ଲୀରେ ରାତିତମାମ୍ ଅଟକିଲେ ଜୁଏଲ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଏବଂ ଜଣାଶୁଣା ଡାକ୍ତର ତଥା ଗାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା ସୁବ୍ରତ ଆଚାର୍ଯ୍ୟ ଦିଲ୍ଲୀରୁ ଭୁବନେଶ୍ୱର ଆସିବା ବେଳେ ବିମାନରେ ଫସି ରହିଥିବା ଖବର ହସ୍ତଗତ ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବିମାନ ଏଆଇ- ୨୪୮୯ ମଙ୍ଗଳବାର ରାତିରେ ଉଡ଼ାଣ କରିବାର ସମର୍ଥ ହୋଇ ନଥିଲା। ବୈଷୟିକ ତ୍ରୁଟି କାରଣରୁ ବିମାନ ଉଡାଣ ଆରମ୍ଭ କରିପାରି ନଥିଲା ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଜୁଏଲ, ସୁବ୍ରତଙ୍କ ସମେତ ବହୁ ଯାତ୍ରୀ ବେଶ୍ କେତେ ଘଣ୍ଟା ବିମାନରେ ଫସି ରହିଥିଲେ। ଏହି ବିମାନ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନ ବନ୍ଦରରୁ ସନ୍ଧ୍ୟା ୫ଟା ୪୫ରେ ଟେକ୍ ଅଫ୍ କରିବାର କାର୍ଯ୍ୟକ୍ରମ ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିନ୍ତୁ ବିମାନଟି ପୂର୍ବଭଳି ଠିଆ ହୋଇ ରହିଥିଲା ଓ ଯାତ୍ରା ଆରମ୍ଭ କରିପାରି ନଥିଲା। ବହୁଯାତ୍ରୀ ଟର୍ମିନାଲ-୩ର ପ୍ରସ୍ଥାନ ଗେଟ୍ ୩୨ଏରେ ଫସି ରହିଥିଲେ।

## ରାସ୍ତା ଜାମ୍ ପାଇଁ ୨ ବିଧାୟକଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ

ଜୟପୁର, ୧୮।୬ (ଏଜେନ୍ସି): ରାସ୍ତା ଜାମ କରିବା ରାଜସ୍ଥାନ କଂଗ୍ରେସର ଦୁଇ ବିଧାୟକଙ୍କ ପାଇଁ ମହଙ୍ଗା ପଡ଼ିଯାଇଛି। ରାସ୍ତା ଜାମ କରି ଆଇନକୁ ହାତକୁ ନେବା ମାମଲାରେ ଲାଣ୍ଡନୁ ବିଧାୟକ ମୁକେଶ ଭାକର, ଶାହପୁର ବିଧାୟକ ମନୀଷ ଯାଦବ, ଝୋଟୱାଡା ଆସନର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଅଭିଷେକ ଚୌଧୁରୀଙ୍କ ସମେତ ୯ ଜଣ ଲୋକଙ୍କୁ ଜୟପୁର ଜିଲ୍ଲା ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ତେବେ ଏହି ମାମଲା ୧୧ ବର୍ଷ ତଳର। ୨୦୧୪ ଅଗଷ୍ଟ ୧୩ରେ ସମସ୍ତେ ରାଜସ୍ଥାନ ୟୁନିଭର୍ସିଟିର ମୁଖ୍ୟ ଫାଟକ ବାହାରେ ଥିବା ଜେଏଲଏନ ମାର୍ଗ ଜାମ୍ କରିଥିଲେ। ତେବେ ଦଣ୍ଡ ମିଳିବା ପରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହି ମାମଲାରେ ପୁଲିସ ୨୦୧୬ ଅଗଷ୍ଟ ୧୧ରେ ସମସ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରିଥିଲା।

## କାର୍‌ରେ ଜିଅନ୍ତା ଜଳିଗଲେ ୫ ଜଣ

ବୁଲନ୍ଦସହର, ୧୮।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ପରେ କାର୍‌ରେ ବସିଥିବା ୫ ଜଣ ଲୋକ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ଦ୍ରୁତଗତିରେ ଆସୁଥିବା ଏକ ସ୍ୱିଫ୍ଟ କାର ପୋଲ ଉପରୁ ୫ ଫୁଟି ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। କାରରେ ୬ ଜଣ ଲୋକ ବସିଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଛନ୍ତି।

# ସରକାରଙ୍କୁ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ବାର୍ତ୍ତାଳାପର ୧୨ ଘଣ୍ଟା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ପୂର୍ବ ଦାବି ଦୋହାରାଇଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ସେ ଅଟକାଇ ଥିଲେ ବୋଲି କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ମୁଁ ଯୁଦ୍ଧ ଅଟକାଇଛି। ମୁଁ ପାକିସ୍ତାନକୁ ଭଲ ପାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବହୁତ ବଢିଆ ବ୍ୟକ୍ତି। ମୁଁ ତାଙ୍କ ସହ ରାତିରେ କଥା ହୋଇଥିଲି। ଆମେ ଭାରତ ସହ ବାଣିଜ୍ୟ ଚୁକ୍ତି କରିବୁ ବୋଲି ଟ୍ରମ୍ପ କହିଛନ୍ତି। ତେବେ ମୋଦୀ ଏବଂ ଟ୍ରମ୍ପଙ୍କ ଆଲୋଚନାକୁ ନେଇ କଂଗ୍ରେସ କେନ୍ଦ୍ରକୁ ଘେରିଛି। ଏହି ଆଲୋଚନାକୁ ସରକାର କୂଟନୈତିକ ବିଜୟ ଭାବେ କହୁଥିବାବେଳେ ପ୍ରକୃତରେ ଏହା ଭାରତ ପାଇଁ ଟ୍ରିପଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ପାକିସ୍ତାନ ସେନାମୁଖ୍ୟ ଆଜି ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମଧ୍ୟାହ୍ନଭୋଜନ କରିବାକୁ ଯାଉଛନ୍ତି। ଆଉ ଏହା କୂଟନୀତିରେ ଭାରତ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ମୁନିର ପାକିସ୍ତାନ ସରକାରଙ୍କ ମୁଖିଆ ନୁହଁନ୍ତି। ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ପହଲଗାମ ଆକ୍ରମଣ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲା। ଏହି ଭାଷଣ ପହଲଗାମ ଆକ୍ରମଣ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛି। ମୁନିରଙ୍କୁ ସାକ୍ଷାତ କରିବା ପାଇଁ ଟ୍ରମ୍ପ ଅଧାରୁ ଜି-୭ ବୈଠକ ଛାଡ଼ି ପଳାଇଲେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ ମୁନିରଙ୍କ ପ୍ରସଙ୍ଗ ଉପରେ ଭାରତର ଅସନ୍ତୋଷ ପ୍ରକାଶ କରିବାର ଥିଲା। ଯଦି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାନ୍ତେ ତେବେ ଏପରି କରିଥାନ୍ତେ।

**■ ଟ୍ରମ୍ପଙ୍କ ସହ ମୁନିରଙ୍କ ଭୋଜନ ଭାରତ ପାଇଁ ତୃତୀୟ ଝଟ୍‌କା**

**■ ରମେଶଙ୍କୁ ମିଛୁଆ କହିଲା ବିଜେପି**

ରମେଶ କହିଛନ୍ତି ଯେ କିଛି ଦିନ ତଳେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଜେନେରାଲ ମାଇକେଲ କୁରିଲ୍ଲା ଆତଙ୍କବାଦୀ ବିରୋଧୀ ଅଭିଯାନରେ ପାକିସ୍ତାନକୁ ଉତ୍ତମ ସହଯୋଗୀ କହିଥିଲେ। ଓସାମା ବିନ୍ ଲାଡେନକୁ ଶରଣ ଦେଇଥିବା ପାକିସ୍ତାନ କେମିତି ଉତ୍ତମ ସହଯୋଗୀ ହୋଇଗଲା? ପାକିସ୍ତାନ ସବୁଠୁ ଉତ୍ତମ ଅପରାଧୀ। ଅପରାଧୀଙ୍କୁ ସହଯୋଗ କରିବା ଭାରତ ପାଇଁ ଝଟ୍‌କା। ଅପରେସନ ସିନ୍ଦୂରକୁ ଅଟକାଇ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଲାଗି ୧୪ ଥର ଶ୍ରେୟ ନେବାକୁ ଟ୍ରମ୍ପଙ୍କ ପ୍ରୟାସ ଭାରତ ପାଇଁ ତୃତୀୟ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହା ଉପରେ ମେ' ୧୦ ତାରିଖ ପରଠାରୁ ପ୍ରଧାନମନ୍ତ୍ରୀ କିଛି କହି ନ ଥିଲେ। ଅନ୍ୟପକ୍ଷରେ ବିଜେପି ଜୟରାମ ରମେଶଙ୍କୁ ମିଛୁଆ କହିଛି । ତାଙ୍କ ଦଳର ଅନେକ ଲୋକ ମଧ୍ୟ ଏହା ସ୍ୱୀକାର କରିଛନ୍ତି।




# ପୁଣି ଚର୍ଚ୍ଚାରେ ମୋଦୀ-ମେଲୋନୀ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): କାନାଡ଼ା ଅଲବର୍ଟା ପ୍ରଦେଶର କନନାସ୍କିସରେ ଚାଲିଥିବା ଜି-୭ ବୈଠକ ଶେଷ ହୋଇଛି। ଅତିଥି ରାଷ୍ଟ୍ର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକ ପାଇଁ ସମ୍ମିଳନୀରେ ପହଞ୍ଚି ଥିଲେ। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହା ଉଭୟ ନେତାଙ୍କ ପ୍ରଥମ ସାକ୍ଷାତ ଥିଲା। ଭାରତ-କାନାଡ଼ା ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ପୁଣିଥରେ ଉଚ୍ଚାୟୁକ୍ତ ନିଯୁକ୍ତି ଲାଗି ସହମତି ପ୍ରକାଶ କରିଥିଲେ।

ଏଠାରେ ସେ ଅନେକ ବିଶ୍ୱ ନେତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ମଧ୍ୟ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଚର୍ଚ୍ଚାରେ ଥିଲା। ଉଭୟ ନେତା ପରସ୍ପରକୁ ହର୍ଷ ଉଲ୍ଲାସର ସହ ସ୍ୱାଗତ କରିଥିଲେ। ଇଟାଲୀ ସହ ଭାରତର ବନ୍ଧୁତା ଅଧିକ ଦୃଢ଼ ହେବ ବୋଲି ମୋଦୀ କହିଥିଲେ। ଏହି ଅବସରରେ ମେଲୋନୀ ମୋଦୀଙ୍କୁ ପ୍ରଶଂସା କରିଥିଲେ। ଆପଣ ଶ୍ରେଷ୍ଠ ବୋଲି କହିଥିଲେ। ମୋଦୀଙ୍କ ପରି ହେବାକୁ ପ୍ରୟାସ କରୁଛି ବୋଲି ଉଲ୍ଲେଖ କରିଥିଲେ। ଜି-୭ ସମ୍ମିଳନୀ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ କ୍ରୋଏସିଆରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋଭିଚଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ପୂର୍ବରୁ ମୋଦୀ ସକାଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ୩୫ ମିନିଟର ବାର୍ତ୍ତାଳାପରେ ମୋଦୀ 'ଅପରେସନ ସିନ୍ଦୂର' ବିଷୟରେ ଟ୍ରମ୍ପଙ୍କୁ ସୂଚନା ଦେଇଥିଲେ। ବିଦେଶ ସଚିବ ବିକ୍ରମ ମିଶ୍ରି ଏହି ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ମୋଦୀ ସ୍ପଷ୍ଟ କରିଥିଲେ ଯେ ଅପରେସନ ସିନ୍ଦୂର ସମ୍ବନ୍ଧିତ ଅସ୍ତ୍ରବିରତି ଆଲୋଚନା ପାଇଁ ବ୍ୟବସାୟକୁ ନେଇ କୌଣସି ଆଲୋଚନା କରାଯାଇ ନ ଥିବା କହିଥିଲେ। ପାକିସ୍ତାନ କହିବାରୁ ହିଁ ଅସ୍ତ୍ରବିରତି ହୋଇଥିଲା। ଭାରତ କେବେ ବି ତୃତୀୟ ପକ୍ଷର ମଧ୍ୟସ୍ଥତା ସ୍ୱୀକାର କରିନି କି କରିବ ନାହିଁ। ଆଉ ଏଥର ଆତଙ୍କବାଦ ଘଟଣାକୁ ଛାମୁଆ ଯୁଦ୍ଧ ନୁହେଁ, ବରଂ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଭାବେ ଦେଖିବ। ଭାରତର 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ବିଦେଶ ସଚିବ କହିଛନ୍ତି ଯେ ମୋଦୀ ଟ୍ରମ୍ପଙ୍କ ବିସ୍ତାର ଭାବେ ସବୁ କହିଥିଲେ। ଟ୍ରମ୍ପ ମଧ୍ୟ ଏହା ବୁଝିଥିଲେ। ଆତଙ୍କବାଦ ବିରୋଧୀ ଲଢେଇରେ ଭାରତକୁ ସମର୍ଥନ ଦେଇଥିଲେ।

## ବରୁଣଙ୍କ ନୂଆ ଲୁକ୍



ଲୋକପ୍ରିୟ ହିନ୍ଦୀ ସିନେମା 'ବର୍ଡର' ୧୯୯୭ ମସିହାରେ ମୁକ୍ତିଲାଭ କରିଥିଲା। ଯାହାକି ସୁପରହିଟ୍ ହୋଇଥିଲା। ତେବେ ଏହି ସିନେମାଟି ୧୯୭୧ ମସିହା ଭାରତ- ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ ଥିଲା। ତେବେ ଏବେ ଆସିବାକୁ ଯାଉଛି ଏହାର ଦ୍ୱିତୀୟ ଭାଗ। 'ବର୍ଡର- ୨' ସିନେମା ଘୋଷଣା ହେବା ପରେ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହାର ସିକ୍ୱେଲର ମୁଖ୍ୟ ଚରିତ୍ରରେ ନଜର ଆସିବେ ସନି ଦେଓଲ। ତେବେ ସନିଙ୍କ ସମେତ ଦିଲଜିତ୍, ଅହାନ, ବରୁଣ ପ୍ରମୁଖ ଏଥିରେ ଅଛନ୍ତି। ସେହିପରି 'ବର୍ଡର- ୨' ସେଟ୍‌ରୁ ନୂଆ ଫଟୋ ସାମ୍ନାକୁ ଆସିଛି। ତେବେ ଏଥିରେ ବରୁଣଙ୍କ ନୂଆ ଲୁକ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବରୁଣ ଏଥିରେ ନିଶ ରଖିଛନ୍ତି। ତେଣୁ ସେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ବାରି ହୋଇ ପଡୁଛନ୍ତି। ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ୨୦୨୬ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ■



## ଦଶହରାରେ 'ଚ୍ୟାଲେଞ୍ଜ'

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ଏବଂ ଜି ସାର୍ଥକର ମିଳିତ ଉଦ୍ୟମରେ ନିର୍ମିତ ଏହି ସିନେମାର ଫାଷ୍ଟଲୁକ୍ ଇତିମଧ୍ୟରେ ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ଲୋକମାନେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି। ସାଇ କିରଣ ମଙ୍ଗରାଜଙ୍କ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଆଦିକନ୍ଦ ସାହୁ। ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ଏଲିନା ଓ ଅର୍ଦ୍ଧେନ୍ଦୁ। ଏହି ଦୁଇ ଯୋଡ଼ିଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ମାନସ ପଢ଼ିଆରୀ। ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ନାୟକ ଅଛନ୍ତି। ତେବେ ସିନେମାଟି ଦଶହରାରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି। ■

## 'ପଦ୍ମାବତୀ' ଭୂମିକାରେ ପିଙ୍କି



ଜୁଲାଇ ୪ ତାରିଖରେ ପରଦାକୁ ଆସିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଶ୍ରୀତମ ଦାସ ଏଥିରେ ରାଜା ପୁରୁଷୋତ୍ତମ ଦେବ ଭୂମିକାରେ ଥିବା ବେଳେ ରାଣୀ ପଦ୍ମାବତୀ ଭୂମିକାରେ ନଜର ଆସିବେ ଅଭିନେତ୍ରୀ ପିଙ୍କି ପ୍ରଧାନ। ପିଙ୍କି କହିଛନ୍ତି, "ମୋ ଅଭିନୟ ଜୀବନରେ ମୁଁ କେବେ କୌଣସି ପୌରାଣିକ ଚରିତ୍ରରେ ଅଭିନୟ କରି ନଥିଲି। ଏହା ହେଉଛି ପ୍ରଥମ। ଏଥିରୁ ଯେଉଁ ଆତ୍ମସନ୍ତୋଷ ପାଇଛି, ତାହା ଆଗରୁ କେବେ ମିଳି ନଥିଲା। ଏତେ ବଡ଼ ଷ୍ଟାର୍‌କାଷ୍ଟକୁ ଏତେ ବଡ କାନ୍‌ଭାସର ସିନେମା, ଏହାକୁ ସମ୍ପୂର୍ଣ୍ଣ କରିବା ସବୁଠୁ ବଡ଼ ଚାଲେଞ୍ଜ ଥିଲା ଆମ ପାଇଁ। ସେହି ସମୟକୁ ପୁଣି ଥରେ ପରଦା ଉପରକୁ ଫେରାଇ ଆଣିବା ଏତେ ସହଜ ନଥିଲା। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନ, ସାହସ ଓ ବୀରତ୍ୱର ଗାଥା ରହିଛି। ରହିଛି ଜାତିର ଆରାଧ୍ୟ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଓ ଭକ୍ତିର ନିଦର୍ଶନ। ନିର୍ମାଣ ସମୟରେ ଯେଉଁ ସବୁ ବାଧା ବିଘ୍ନ ଆସିଛି ତାହା କିପରି ସବୁ ସମାଧାନ ହୋଇଛି ସେହି ଜଗନ୍ନାଥ ହିଁ ଜାଣନ୍ତି। ଏହି ଚଳଚ୍ଚିତ୍ରର ଏକ ଅଂଶ ହୋଇଥିବାରୁ ମୁଁ ଗୌରାବାନ୍ୱିତ ମନେ କରେ। ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲଙ୍କ ପାଖରେ ଚିର ଋଣୀ।" ଏହି ଚଳଚ୍ଚିତ୍ରର ଅନ୍ୟାନ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ ଓ ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ ହୋଇଛି। ଏଥିରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର ଓ ଗୁରୁ ଚନ୍ଦ୍ରଭାନୁ ଶତପଥୀ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ■

## ଓଟିଟିରେ 'କୁହୁଡ଼ି'



ଲୋକପ୍ରିୟ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଜୁନ ୧୪ରୁ ଉପଲବ୍ଧ ହୋଇଛି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସୁପର ହିଟ୍ ଫିଲ୍ମ 'କୁହୁଡ଼ି'। ୨୦୨୪ ରଜରେ ବଡ଼ ପରଦାକୁ ଏହି ଫିଲ୍ମ ମାଧ୍ୟମରେ ଫେରିଥିଲେ ଅନୁଭବ। ଫିଲ୍ମଟି ନିଆରା ପାରିବାରିକ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁ ଥିଲା। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ 'କୁହୁଡ଼ି' ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ଅଭିନେତା ଦ୍ୱୀପାନ୍ୱିତ ଦାସ ମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। କ୍ୟାମେରା କୁଇନ୍ ପ୍ରଡ୍‌କ୍ସନ୍ ପ୍ରସ୍ତୁତ ଏହି ଓଡ଼ିଆ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଥିଲେ ହିମାଦ୍ରୀ ତନୟ ଦାସ। ସିନେମାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଳ ମିଶ୍ର, ଶକ୍ତି ବରାଳ ଏବଂ ଦୁଇଜଣ ଶିଶୁ କଳାକାର ପିହୂ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି। ତେବେ ସିନେମାଟି ସମାଜକୁ ଏକ ସୁନ୍ଦର ସଚେତନତା ଏବଂ ଶିକ୍ଷଣୀୟ ବାର୍ତ୍ତା ଦେଇ ଗତିଶୀଳ ହୋଇଛି। ■

ସାକ୍ଷାତ୍‌କାର

## "ଜଣେ କଳାକାର ପାଇଁ ସବୁ ଚରିତ୍ର ସମାନ"



ଗୁରୁ-ଶିଷ୍ୟ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ତେବେ ଏହି ପରି ଏକ ପବିତ୍ର ବୃତ୍ତିକୁ ଆପଣାଇ ଶିଷ୍ୟଙ୍କ ମନରୁ ଅଜ୍ଞାନ ଅନ୍ଧକାର ଦୂରେଇବା ତାଙ୍କର ଲକ୍ଷ୍ୟ ଥିଲା। ହେଲେ ତାଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ରିଆଲିଟି ଶୋ'ରେ ଭାଗ ନେଉ ନେଉ ସେ ପାଲଟିଗଲେ ଜଣେ ଅଭିନେତା। 'ସିନ୍ଦୂରର ଅଧିକାର' ଥିଲା ତାଙ୍କର ପ୍ରଥମ ଧାରାବାହିକ। ବାଲେଶ୍ୱରର ଡାନି ଏକାଧିକ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଛୁଇଁଛନ୍ତି। ଏବେ ସେ 'ଭାଗ୍ୟ ରେଖା' ଧାରାବାହିକରେ ଆଦର୍ଶ ଚରିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ତେବେ ସବୁବେଳେ ଫିଟ୍ ଓ ହସ ହସ ମୁହଁରେ ଦର୍ଶକଙ୍କ ହୃଦୟ ଜିଣୁଥିବା ଡାନିଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

### ଡାନି, ଅଭିନେତା



**ଧାରାବାହିକକୁ ଯାତ୍ରା କେମିତି ଥିଲା?**

● ମୋ ବାପାମା' ଉଭୟ ସରକାରି ଚାକିରିଆ। ସେମାନଙ୍କ ଇଚ୍ଛା ଥିଲା ପୁଅ ବି ସରକାରି ଚାକିରିଆଟେ ହେବ। ଜଣେ ଶିକ୍ଷକ ଭାବେ ମୁଁ ବୃତ୍ତି ଆରମ୍ଭ କରିଥିଲି। କିନ୍ତୁ ସୌଭାଗ୍ୟବଶତଃ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଥିଲି। ୨୦୧୬ ମସିହାରେ 'ଲଭ୍ ଇନ୍ ଦୁବାଇ' ରିଆଲିଟି ଶୋ'ର ବିଜେତା ହୋଇଥିଲି। ୨୦୧୯ ମସିହାରେ ଜି ସାର୍ଥକରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍ କି ଖୋଜ୍'ରେ ନିଜକୁ ପ୍ରମାଣିତ କରିବାକୁ ସୁଯୋଗ ମିଳିଲା। ଅଭିନୟ କରିବାକୁ ଆଗ୍ରହ ହେଲା। 'ସିନ୍ଦୂରର ଅଧିକାର' ଧାରାବାହିକରେ ପ୍ରଥମେ କାମ କରିବାକୁ ସୁଯୋଗ ମିଳିଥିଲା। 'କୁନ୍ଦନ' ଚରିତ୍ରରେ ଦର୍ଶକଙ୍କ ଭଲ ପାଇବା ପାଇ 'କେମିତି କହିବି କହ' ପରି ପ୍ରୋଜେକ୍ଟରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ କାମ କରିଥିଲି। ଏଥିରେ ପ୍ରଥମ ଥର ନେଗେଟିଭ୍ ରୋଲ୍ କରିଥିଲି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲ?**

● ପୂର୍ବରୁ ଯେଉଁ ରିଆଲିଟି ଶୋ'ମାନଙ୍କରେ ଥିଲି ସେଠାରେ ପିଲାମାନଙ୍କୁ ବହୁତ ଟ୍ରେଣ୍ଡ କରାଯାଉଥିଲା। ସେବେଠୁ ସଂଳାପ କେମିତି ମନେ ରଖିବି, ଅଭିନୟ କରିବାର କଳା ଜଣାଥିଲା। ହେଲେ ଗ୍ରୁପ୍ ସିନ୍‌ମାନଙ୍କରେ କେମିତି କ୍ଲୋଜ୍ ଯିବ, କ୍ୟାମେରା ଅନୁଯାୟୀ କିଛି ଟେକ୍‌ନିକ୍ କାମ ବିଷୟରେ ଏତେଟା ଜ୍ଞାନ ନ ଥିଲା। ସାମ୍ନାରେ କଳାକାର ନ ଥିଲେ ମୋ' ଲୁକ୍ କେମିତି ଯିବ ଆଦି ବିଷୟରେ ବରିଷ୍ଠ କଳାକାର, ଧାରାବାହିକ ନିର୍ଦ୍ଦେଶକ ମୋତେ ବହୁତ କିଛି ଶିଖାଇଥିଲେ। ଏଥିପାଇଁ ଅଧିକ ସମସ୍ୟା ହୋଇନଥିଲା। ସମସ୍ତଙ୍କଠାରୁ ଶିଖିବାର ମନୋବୃତ୍ତି ରହିଥିବାରୁ ମୁଁ କାମକୁ ସହଜରେ ଗ୍ରହଣ କରୁଥିଲି।

**ଭାଗ୍ୟରେଖା ଧାରାବାହିକକୁ ନେଇ କ'ଣ କହିବେ?**

● 'ମଙ୍ଗଳାଚରଣ', 'ବନ୍ଧନ ଏ ଜନ୍ମ ଜନ୍ମର', 'ଝିଅ ଆମର ନୂଆ ବୋହୂ', 'ତିତ୍‌ଲି' ଆଦି ଧାରାବାହିକରେ କାମ କରିଛି। ପ୍ରାୟତଃ ଧାରାବାହିକରେ ନେଗେଟିଭ୍ ଚରିତ୍ର କରିଛି। ଅଭିନୟ ଜରିଆରେ ଦର୍ଶକଙ୍କୁ କନ୍ଦାଇ ଦେଇଛି। ଧାରାବାହିକ 'ତିତ୍‌ଲି' ପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ମୁଁ ପୁରସ୍କୃତ ହୋଇଥିଲି। ଏହା ପରେ 'ଭାଗ୍ୟ ରେଖା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ଶିଖାର ସ୍ୱାମୀ ଭୂମିକାରେ ଅଭିନୟ କରିଛି। ବର୍ଷେ ମୁଁ ସକାରାତ୍ମକ ଚରିତ୍ରରେ କାମ କରି ପୁଣି ଖଳନାୟକ ଭାବେ ଲୋକଙ୍କ ସାମ୍ନାକୁ ଆସୁଛି। ଦର୍ଶକ ମୋତେ ଏବେ ଖଳନାୟକ ଭାବେ ଗ୍ରହଣ କରିବାକୁ ଆଗ୍ରହୀ ନାହାନ୍ତି।

**ଖଳନାୟକ ଭାବେ କାମ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଜଣେ ଅଭିନେତା ନାୟକ ହେଉ କି ଖଳନାୟକ ଯେକୌଣସି ଚରିତ୍ର କରିବା ପୂର୍ବରୁ ପ୍ରଥମେ ନିଜର ବାସ୍ତବ ପରିଚୟକୁ ଭୁଲିବା ଦରକାର। ଏହା ପରେ ଚରିତ୍ରରେ ହଜିବାକୁ ହୁଏ। ଚରିତ୍ରର ସାନବେଳ କେମିତି ଥିବ, ବୟସ ଅନୁସାରେ ଏହାର ସ୍ୱଭାବରେ କ'ଣ ପରିବର୍ତ୍ତନ ହେବ ତାହାକୁ ଭାବି ମୁଁ ମୋ ନିଜ ଭିତରେ ନାୟକ ଓ ଖଳନାୟକ ଚରିତ୍ରକୁ ଆଣିଥାଏ। ମୁଁ ମୋ କାମକୁ ଗୁରୁତ୍ୱ ଦେଇ ହୃଦୟର ସହିତ କରିଥାଏ।

**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି କି?**

● ଓଡ଼ିଆ ଫିଲ୍ମରେ ନାୟକ ହେଉ କି ଖଳନାୟକ ଚରିତ୍ର ମିଳିଲେ ନିଶ୍ଚୟ କରିବି। ନିକଟରେ ଟେଲି ଫିଲ୍ମ 'ୱାଇଫ୍ ନୁହେଁ ତୁ ମୋର ୱାଇଫାଇ'ରେ ନାୟକ ଭାବେ ଅଭିନୟ କରିଛି। ଏଥିରେ ମୋ ବିପକ୍ଷରେ ରହିଛନ୍ତି ସ୍ୱପ୍ନା। ଆଗକୁ ହଲ୍ ମୁଭି କରିବାକୁ ପ୍ରସ୍ତୁତି ହେଉଛି। ସମୟ ମିଳିଲେ ଜିମ୍ ଯିବା ସହିତ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରେରଣାଦାୟୀ ଭିଡିଓ ସେୟାର୍ କରୁଛି।

**ଡ୍ରିମ୍ ରୋଲ?**

● ଜଣେ କଳାକାର ପାଇଁ ଛୋଟ ବଡ଼ ଚରିତ୍ର କିଛି ନ ଥାଏ। ଭବିଷ୍ୟତରେ ମୁଁ ଏକ ଚ୍ୟାଲେଜିଂ ଚରିତ୍ର କରିବାକୁ ଚାହିଁବି। ଏହି ଚରିତ୍ର ପାଇଁ ପ୍ରଥମେ ବିଭିନ୍ନ ପ୍ରକାରର ଗବେଷଣା କରିବି। ଏହା ପରେ ସେହି ଚରିତ୍ରରେ ଖେଳିପାରିବି। ଆଉ ମୋର ସେହି ଚରିତ୍ରଟି ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସୁଥିବ। ■

ପରଦା ପଛର କାହାଣୀ

## ହିନ୍ଦୀ ଫିଲ୍ମରେ ପ୍ରଥମ ଇଂରାଜୀ ଗୀତ



ବର୍ତ୍ତମାନ ବଲିଉଡ୍ ସିନେମାରେ ଅନେକ ଇଂରାଜୀ ଗୀତ ସାମିଲ କରାଯାଉଛି। କିନ୍ତୁ ପୂର୍ବରୁ ଏ ଧାରା ପ୍ରଚଳିତ ନ ଥିଲା। ୧୯୭୫ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ଜୁଲି'ରେ ପ୍ରଥମ କରି କେତୋଟି ଇଂରାଜୀ ଗୀତ ସାମିଲ କରାଯାଇଥିଲା। ଏହାକୁ ଦର୍ଶକେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ୫୦ ବର୍ଷ ପୂର୍ବେ ନିର୍ମିତ ଏହା ଏକ ପ୍ରେମ ଆଧାରିତ ଫିଲ୍ମ ଥିଲା। ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେ. ଏସ୍. ସେଥୁମାଧବନ୍। ଫିଲ୍ମରେ ଏକାଧିକ ସୁପରହିଟ୍ ଗୀତ ରହିଥିଲା। ଏଥିରେ ଭାରତୀୟ ସିନେମା ଜଗତରେ ପ୍ରଥମ ଥର କରି ଇଂରାଜୀ ଗୀତ 'ମାଇଁ ହାର୍ଟ ଇଜ୍ ବିଟିଙ୍ଗ' ସାମିଲ କରାଯାଇଥିଲା। ଏଥିସହ 'ଦିଲ କ୍ୟା କରେ ଜବ୍ କିସିକୋ କିସି ସେ ପ୍ୟାର୍ ହୋଯାଏ', 'ୟେ ରାତୋ ନୟୀ ପୁରାନି', 'ଭୁଲ ଗୟା ସବ୍ ଖୁଛ', 'ୟାଦ ନେହିଁ ଅବ କୁଛ' ଆଦି ସୁପରହିଟ୍ ହୋଇଥିଲା। ଏହାର ଗୀତଗୁଡ଼ିକ ଏଭରଗ୍ରୀନ୍ ଗୀତ ଭାବରେ ପରିଚିତି ଲାଭ କରିଥିଲା। ଫିଲ୍ମରେ ଅଭିନୟ କରିଥିବା ଅଭିନେତ୍ରୀ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ଏଥିରେ ସାଉଥ୍ ଅଭିନେତ୍ରୀ ଲକ୍ଷ୍ମୀ, ଅଭିନେତା ବିକ୍ରମ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପରଦାରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହା ଏକ କ୍ଲାସିକ୍ କଟ୍ ଫିଲ୍ମ ଭାବେ ପରିଚିତ। ସେତେବେଳେ ଏହି ଫିଲ୍ମର ନାମ ଅନେକ ଫେସନ୍ ପ୍ରସାଧନ ତଥା ବହିରେ ଛପା ଯାଉଥିଲା। ■

### ହେଡିଂଲେରେ ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ

# ଟିମ୍ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତ



ଲିଡ୍ସ, ୧୮।୬ (ଏଜେନ୍ସି)

ଇଂଲଣ୍ଡରେ ଟେଷ୍ଟ ଖେଳିଲା ବେଳେ ଟିମ୍ ମ୍ୟାନେଜମେଣ୍ଟ ଫର୍ମ କିମ୍ବା ପୂର୍ବର ରେକର୍ଡକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହାର କାରଣ ହେଲା ଏଠାରେ ପିଚ୍ ଓ ପରିବେଶରେ ଖେଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଦିନ, ସେସନ, ଘଣ୍ଟା ଓ ଏପରିକି ପ୍ରତ୍ୟେକ ବଲ୍ ଭିନ୍ନ ହୋଇଥାଏ। ଏହାକୁ ମୁକାବିଲା କରିବା ଲାଗି କେବଳ ଟେଷ୍ଟ ଟେମ୍ପରାମେଣ୍ଟ ନୁହେଁ, ଜଣେ ଖେଳାଳିଙ୍କ ଲାଗି ଦକ୍ଷତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ଏକାନ୍ତ ଜରୁରୀ। ଇଂଲଣ୍ଡ ଏପରି ଏକ ଦେଶ ଯେଉଁଠାରେ ଭାରତୀୟ କ୍ରିକେଟ ଦଳର ଟେଷ୍ଟ ରେକର୍ଡ ଆଦୌ ଭଲ ନୁହେଁ। ଏହି ଦେଶ ସହ ଭାରତ ପ୍ରଥମେ ୧୯୩୨ରେ ଟେଷ୍ଟ ଖେଳିଥିଲା। ଏହି ଦେଶ ସହ ମଧ୍ୟ ଇଂଲଣ୍ଡରେ ବା ବିଦେଶ ମାଟିରେ ସର୍ବାଧିକ ୬୭ଟି ଟେଷ୍ଟ ଖେଳିଛି। କିନ୍ତୁ ମାତ୍ର ୯ଟି ଟେଷ୍ଟରେ ଦଳ ବିଜୟୀ ହୋଇଛି। ଏଭଳି ସ୍ଥଳେ ଶୁବମନ ଗିଲଙ୍କ ନେତୃତ୍ୱରେ ଏକ ନୂଆ ଦଳଠାରୁ ବିଶେଷ କିଛି ଆଶା କରାଯାଉ ନାହିଁ। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସ୍ୱଳ୍ପ ସମୟ ଲାଗି ହେଉ ମଧ୍ୟ ଦେଶ ବିଦେଶରେ ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳି ଭାରତୀୟମାନେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ଏଠାରେ ବିନିଯୋଗ କରିବେ ବୋଲି ଭାରତୀୟ କ୍ରିକେଟ ବୋର୍ଡ ଓ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛନ୍ତି।

ଏହିକ୍ରମରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହେଡିଂଲେରେ ଥିବା ଲିଡ୍ସର ଶୁଷ୍କ ପିଚ୍‌ରେ ଶୁକ୍ରବାରଠାରୁ ଖେଳାଯିବ। ଏହି ପିଚ୍‌ରେ ବଲ ସାଧାରଣତଃ ସୁଙ୍ଗ ହୋଇଥାଏ। ଏଠାରେ ବ୍ୟାଟରଙ୍କୁ ସର୍ବଦା ଖାପଖୁଆଇବାକୁ ପଡ଼ିଥାଏ ଓ ବୋଲରଙ୍କୁ ଫାଇଦା ମିଳିଥାଏ। ଏଭଳି ସ୍ଥଳେ ପ୍ରଥମ ଟେଷ୍ଟରେ ଭାରତ ପକ୍ଷରୁ କେଉଁମାନେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଦଳରେ ଯେଉଁ ୧୮ ଜଣ ଖେଳାଳି ରହିଛନ୍ତି ସେମାନଙ୍କ ମଧ୍ୟରୁ କିଏ ଫିଟ୍ ବା ଅନ୍‌ଫିଟ୍ ତାହା କହିବା କଷ୍ଟକର। ଫିଟ୍‌ନେସ୍‌କୁ ବାଦ୍ ଦେଇ ୧୧ ଜଣିଆ ଖେଳାଳି ଚୟନ କରିବା ବେଳେ ୨ରୁ ୩ଟି ସ୍ଥାନ ଲାଗି ଦ୍ୱନ୍ଦ୍ୱ ରହିଛି। ଅନ୍ୟ ସମସ୍ତ ପୋଜିସନ ଲାଗି ପ୍ରାୟ ଖେଳାଳି ଚୟନ ଶେଷ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ନଂ-୩ରେ ନବାଗତ ଦଳରେ ସାମିଲ ହୋଇଥିବା ଓ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ସାଇ ସୁଦର୍ଶନ କିମ୍ବା ଭାରତ-ଏ' ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଏପରି ହେଲେ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ନୀତୀଶ ରେଡ୍ଡି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କୁ ଚୂଡାନ୍ତ ଦଳରେ ନିଆଯିବ। ଅନ୍ୟ ସମସ୍ତେ ପୂର୍ବାନୁମାନ ଅନୁଯାୟୀ ଖେଳିବା ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

ଟିମ୍ ମ୍ୟାନେଜମେଣ୍ଟଠାରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ଇନିଂସ ଓପନ କରିବାକୁ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲଙ୍କୁ ମନୋନୟନ କରାଯିବ। ଇଂଲଣ୍ଡରେ ପ୍ରଥମଥର ଖେଳୁଥିବା ଜୟସ୍ୱାଲ କିପରି ସଫଳତା ପାଇବେ ତାହା ଖେଳିଲାପରେ ଜଣାପଡ଼ିବ। ଅନ୍ୟପକ୍ଷରେ ଲୋକେଶ ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ଭାରତ-ଏ' ସହ ଖେଳି ସେ ମଧ୍ୟ ଶତକ ହାସଲ କରିଛନ୍ତି। ଏଣୁ ତାଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଭରସା କରିବ। ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍ ଏକାଥରକେ ୨ଟି ବିଭାଗରେ ନେତୃତ୍ୱ ନେବେ। ରୋହିତ ଶର୍ମାଙ୍କ ସ୍ଥାନରେ ସେ ଦଳର ଓ ବିରାଟ କୋହଲିଙ୍କ ସ୍ଥାନରେ ବ୍ୟାଟିଂର ନେତୃତ୍ୱ ନେବେ। ଏଣୁ ସେ ବିରାଟଙ୍କ ପ୍ରିୟ ସ୍ଥାନ ନଂ-୪ରେ ଖେଳିବେ ବୋଲି ସୂଚନା ମିଳିଛି। ଗିଲ୍‌ଙ୍କ ନଂ-୩ ସ୍ଥାନ ପୂରଣ କରିବାକୁ ଦୁଇଜଣ ଦାବିଦାର ରହିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ରନ୍ କରିଥିବା ତଥା ଘରୋଇ କ୍ରିକେଟରେ ଭଲ ଖେଳିଥିବା ସାଇ ସୁଦର୍ଶନ ନଂ-୩ ଦୌଡ଼ରେ ଆଗୁଆ ଅଛନ୍ତି। କିନ୍ତୁ ଗତ ୮ ବର୍ଷ ଧରି ଭାରତୀୟ ସିନିୟର ଦଳରେ ରହିଆସୁଥିବା ଏବଂ ୧୦୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଅଣଦେଖା କରିହେବ ନାହିଁ। ଭାରତ-ଏ' ଦଳର ନେତୃତ୍ୱ ନେଇ ସେ ଅନ୍‌ଅଫିସିଆଲ ଟେଷ୍ଟରେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ତାଙ୍କ ଆଉଟ୍‌କୁ ନେଇ ମ୍ୟାନେଜମେଣ୍ଟ ଖୁସି ନାହିଁ। ନଂ-୫ରେ କରୁଣ ନାୟାର ଓ ନଂ-୬ରେ ୱିକେଟରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ। ସେହିପରି ଅଭିଜ୍ଞ ଅଲରାଉଣ୍ଡର ତଥା ବିରାଟ-ଅଶ୍ୱିନ-ରୋହିତ ଯୁଗର ଏକମାତ୍ର ଖେଳାଳି ରବୀନ୍ଦ୍ର ଜାଡେଜା ନଂ-୮ରେ ଖେଳିବେ। ସେ ମଧ୍ୟ ଦଳର ଏକମାତ୍ର ସ୍ପିନର ଭାବେ ରହିବେ।

ଭାରତୀୟ ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ଜଣେ ପେସ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରିବ ଭାରତ। ଏହି ସ୍ଥାନ ଲାଗି ନୀତିଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା, ଅଭ୍ୟାସ ମ୍ୟାଚ୍‌ରେ ଶତକ ଓ ରଣଜୀ ଟ୍ରଫି ଖେଳିବା ପରେ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଶାର୍ଦ୍ଦୁଳ ଚୂଡାନ୍ତ ଏକାଦଶରେ ଖେଳିବାର ସମ୍ଭାବନା ଅଧିକ ରହିଛି।

#### ସମ୍ଭାବ୍ୟ ଦଳ

**ବ୍ୟାଟର :** ଓପନର-ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ମିଡଲ ଅର୍ଡର-ସାଇ ସୁଦର୍ଶନ/ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍ (ଅଧିନାୟକ), କରୁନ ନାୟାର, ୱିକେଟରକ୍ଷକ-ଋଷଭ ପନ୍ତ (ଉପଅଧିନାୟକ), ସ୍ପିନର (୧)- ରବୀନ୍ଦ୍ର ଜାଡେଜା, ପେସ୍ ବୋଲର (୪)- ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।


## ଇଂଲଣ୍ଡ ଟାର୍ଗେଟରେ ଗିଲ୍



ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଚୟନ କରିନାହିଁ। ଏହି ଦଳର ବୋଲିଂ ଏତେ ଅଭିଜ୍ଞ ନୁହେଁ। ଏମାନଙ୍କୁ କେବଳ ପିଚ୍ ଓ ପରିବେଶରୁ ସହାୟତା ମିଳିବ। ଏହାକୁ ଯଦି ଭାରତୀୟ ଖେଳାଳିମାନେ ଖାପ୍ ଖୁଆଇନେବେ ତେବେ ଇଂଲଣ୍ଡର ସିରିଜ୍ ଜିତିବା କଷ୍ଟକର ହେବ। ଭାରତୀୟ ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଟାର୍ଗେଟ କରିବ ଇଂଲଣ୍ଡ ଦଳ। ଗିଲଙ୍କୁ ଯେତେ ଚିନ୍ତାରେ ପକାଇବେ, ଇଂଲଣ୍ଡ ଲାଗି ସେତେ ଭଲ। ଏଣୁ ଇଂଲଣ୍ଡର ଅନଭିଜ୍ଞ ବୋଲର ନିଶ୍ଚିତ ଭାବେ ଗିଲ୍ ଓ ବ୍ୟାଟିଂରେ ଲୋକେଶ ରାହୁଲଙ୍କୁ ଟାର୍ଗେଟ କରିବେ ବୋଲି ଇଂଲଣ୍ଡର ପୂର୍ବତନ ଖେଳାଳି ନିକ୍ ନାଇଟ୍ କହିଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଲା ବେଳେ ଗିଲ୍‌ଙ୍କ ବ୍ୟାଟିଂ ଦେଖିଥିଲି। ସେ ଏବେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତାର ପ୍ରମାଣ ଦେବେ। ସେହିପରି ଅତ୍ୟନ୍ତ ପ୍ରତିଭାବାନ ସାଇ ସୁଦର୍ଶନ ମଧ୍ୟ ଏଠାରେ ଭଲ କରିବେ ବୋଲି ନାଇଟ୍ ପୂର୍ବାନୁମାନ କରିଛନ୍ତି।

## ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ ଘୋଷିତ

ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ସହ ହେଡିଂଲେରେ ଜୁନ୍ ୨୦ରୁ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଲାଗି ଇଂଲଣ୍ଡ ୧୧ ଜଣିଆ ଦଳ ଘୋଷଣା କରିଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଗଠିତ ଦଳରେ



ଓଲି ପୋ।ପଙ୍କୁ ନଂ-୩ ପୋଜିସନରେ ଖେଳିବାକୁ ମନୋନୀତ କରାଯାଇଛି। ଜେମି ସ୍ମିଥ ୱିକେଟ ରକ୍ଷକ ଦାୟିତ୍ୱ ତୁଲାଇବେ। ଜୋ ରୁଟ୍ ଇଂଲଣ୍ଡ ବ୍ୟାଟିଂର ଓ କ୍ରିସ୍ ଓକ୍ସ ବୋଲିଂର ନେତୃତ୍ୱ ନେବେ। ବୋଲରଙ୍କ ମଧ୍ୟରେ ଓକ୍ସ ୫୭ଟି ଓ ଏକମାତ୍ର ସ୍ପିନର ସୋଏବ ବସିର ୧୬ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ୟ ବୋଲର ବ୍ରାଇଡନ କାର୍ସ ୫ଟି, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଗତ ଦୁଇ ଦଶନ୍ଧି ପରେ ଭାରତ ଜେମ୍ସ ଆଣ୍ଡରସନ କିମ୍ବା ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଖେଳିବାର ସୁଯୋଗ ପାଇନାହିଁ।

**ଇଂଲଣ୍ଡ ଦଳ :** ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

### ● ବିଶ୍ୱ ପାରା ଆଥ୍‌ଲେଟିକ ଚାମ୍ପିଅନସିପ୍

## କଙ୍ଗନା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର, ୧୮।୬ (ସମିସ): ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ୍ ନୂଆଦିଲ୍ଲୀରେ ହେବାକୁ ଥିବା ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଘୋଷଣା କରିବା ସହ ଆସନ୍ତା ଜୁନ୍ ୨୦ରେ ମାସ୍କଟ ଉନ୍ମୋଚନ କରାଯିବ। ଏହିଦିନଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଏହି ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ। ରାଣାୱତ ଆମ୍ବାସାଡର ହେବା ଫଳରେ ଭାରତରେ ପାରା କ୍ରୀଡ଼ାର ପ୍ରଚାର ଓ ପ୍ରସାର ହେବା ସହ କ୍ରୀଡ଼ାବିତମାନେ ଉତ୍ସାହିତ ହେବେ ବୋଲି ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ କହିଛନ୍ତି।

## ଟି-୨୦ରେ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ



କାଲିଫର୍ଣ୍ଣିଆ, ୧୮।୬ (ଏଜେନ୍ସି): ଆମେରିକାରେ ଚାଲିଥିବା ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ୩ୟ ସଂସ୍କରଣରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ୱାଶିଂଟନ ଫ୍ରିଡମ୍ ୧୧୩ ରନର ବୃହତ୍ ବ୍ୟବଧାନରେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ୱାଶିଂଟନ ଦଳର ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ୍ ୪୯ ବଲରେ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଭରଅଲ୍ (ଜାତୀୟ, ଅନ୍ତର୍ଜାତୀୟ ଓ ଲିଗ୍) ଟି-୨୦ କ୍ରିକେଟ୍‌ରେ ମ୍ୟାକ୍ସୱେଲ୍‌ଙ୍କ ଏହା ୮ମ ଶତକ। ଏଥିସହ ଟି-୨୦ କ୍ରିକେଟ୍‌ରେ ୮ ଶତକ ହାସଲ କରିଥିବା ଡେଭିଡ୍ ୱାର୍ଣ୍ଣର, ରୋହିତ୍ ଶର୍ମା, ଜୋଶ ବଟଲର୍ ଓ ଆରୋନ ଫିଞ୍ଚଙ୍କ କ୍ଲବରେ ମ୍ୟାକ୍ସୱେଲ୍ ସାମିଲ ହୋଇଛନ୍ତି। ଟି-୨୦ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ଏହି ୫ଜଣ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ୨୨ ଶତକ ସହ କ୍ରିସ୍ ଗେଲ୍ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅପରପକ୍ଷରେ ମ୍ୟାକ୍ସୱେଲ୍ ଟି-୨୦ରେ ୧୦,୫୦୦ ରନ ଅତିକ୍ରମ କରିଛନ୍ତି। ଏଥିସହ ଟି-୨୦ କ୍ରିକେଟ୍‌ରେ ୫ରୁ ଊର୍ଦ୍ଧ୍ୱ ଶତକ, ୧୭୦ରୁ ଊର୍ଦ୍ଧ୍ୱ ୱିକେଟ୍ ସହ ୧୦,୫୦୦ ରନ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।

## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍ ୧୯ରୁ




ଭୁବନେଶ୍ୱର,୧୮।୬ (ସମିସ): ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଜୁନ୍ ୧୯ରୁ ତାରିଖଯାଏ ଆୟୋଜିତ ହେବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓର ଏହା ତୃତୀୟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଆଜି ଭିଣ୍ଟେଜ୍ କ୍ଲବ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍‌ଏଓର ସମ୍ପାଦକ ସମୀର ଅଲି ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂରାତନ ଖେଳାଳି ତଥା ଭିଣ୍ଟେଜ୍ କ୍ଲବ୍ ମାଲିକ ଅମିୟ ରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।

### ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଦେବ ବିସିସିଆଇ

ମୁମ୍ବଇ, ୧୮।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଜୋର୍‌ଦାର୍ ଝଟ୍‌କା ଲାଗିଛି। ବମ୍ବେ ହାଇକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଆଇପିଏଲ୍‌ରୁ ବହିଷ୍କୃତ ହୋଇଥିବା କୋଚି ଟସ୍କର୍ସ ଫ୍ରାଞ୍ଚାଇଜ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ଜଷ୍ଟିସ ରିୟାଜ ଇକବାଲ୍ ଚାଗଲା ବିସିସିଆଇର ଆବେଦନକୁ ଖାରଜ କରି ୫୩୮ କୋଟି ଟଙ୍କାର ମଧ୍ୟସ୍ଥତା ଆୱାର୍ଡକୁ ସଠିକ୍ ବୋଲି ଦର୍ଶାଇଛନ୍ତି। ଫଳସ୍ୱରୂପ ବିସିସିଆଇକୁ ମଧ୍ୟସ୍ଥତା ଆୱାର୍ଡ ବାବଦକୁ ୫୩୮ କୋଟି ଟଙ୍କା କୋଚି ଟସ୍କର୍ସ ଫ୍ରାଞ୍ଚାଇଜ ମାଲିକଙ୍କୁ ପ୍ରଦାନ କରିବାକୁ ପଡ଼ିବ।



ଘଟଣାରୁ ଜଣାପଡ଼ିଛି ଯେ, କୋଚି ଟସ୍କର୍ସ କେରଳା ଦଳ ୨୦୧୧ରେ ଆଇପିଏଲ୍‌ରେ ପଦାର୍ପଣ କରିଥିଲା। କିନ୍ତୁ ଆଇପିଏଲ୍‌ରେ କୋଚି ଦଳର ଯାତ୍ରା ଏହି ସଂସ୍କରଣରେ ହିଁ ସୀମିତ ରହିଗଲା। କୋଚିର ମାଲିକାନା ପ୍ରଥମେ ରେଣ୍ଡେଜଭର୍ସ ସ୍ପୋର୍ଟ୍ସ ୱାର୍ଲ୍ଡ (ଆର୍‌ଏସ୍‌ଡବ୍ଲ୍ୟୁ) ନିକଟରେ ଥିଲା ଏବଂ ପରେ କୋଚି କ୍ରିକେଟ୍ ପ୍ରାଇଭେଟ୍ ଲିମିଟେଡ୍ (କେସିପିଏଲ୍) ନାମକ ଏକ କମ୍ପାନୀ ଏହି ଫ୍ରାଞ୍ଚାଇଜକୁ ପରିଚାଳନା କରୁଥିଲା। ତେବେ ଚୁକ୍ତିନାମା ଉଲ୍ଲଂଘନ ଦର୍ଶାଇ ବିସିସିଆଇ ପରବର୍ତ୍ତୀ ସମୟରେ କୋଚି ଟସ୍କର୍ସ କେରଳା ଫ୍ରାଞ୍ଚାଇଜକୁ ବାସନ୍ଦ କରିଦେଇଥିଲା। କୋଚି ଦଳକୁ ବାସନ୍ଦ କରିବାର ମୁଖ୍ୟ କାରଣ ଥିଲା କି, କୋଚି ଦଳର ମାଲିକଙ୍କୁ ୨୬ ମାର୍ଚ୍ଚ ୨୦୧୧ ସୁଦ୍ଧା ବ୍ୟାଙ୍କ ଗ୍ୟାରେଣ୍ଟି ଟଙ୍କା ଜମା କରିବାର ଥିଲା। କୁହାଗଲା ଯେ, ବୋର୍ଡକୁ ଏହି ଗ୍ୟାରେଣ୍ଟି ରାଶି ପାଇଁ ୬ ମାସ ଅପେକ୍ଷା କରିବାକୁ ପଡ଼ିଥିଲା। କିନ୍ତୁ ବିସିସିଆଇ ଚୁକ୍ତିନାମାରୁ ୧୫୬ କୋଟି ଟଙ୍କା ପାଇ ନ ଥିଲା। ବିସିସିଆଇର ବାସନ୍ଦ ନିଷ୍ପତ୍ତି ବିରୋଧରେ ଆର୍‌ଏସ୍‌ଡବ୍ଲ୍ୟୁ ଓ କେସିପିଏଲ୍ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ବିସିସିଆଇ ଭୁଲ୍ ଭାବରେ ଗ୍ୟାରେଣ୍ଟି ରାଶି ସଂଗ୍ରହ କରିଛି ବୋଲି ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ରାୟରେ କହିଥିଲେ। ଯାହା ଫଳରେ ଆର୍‌ଏସ୍‌ଡବ୍ଲ୍ୟୁକୁ ୧୩୮ କୋଟି ଓ କେସିପିଏଲ୍‌କୁ ୩୮୪ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ସୁଧ ଓ ଆଇନଗତ ଖର୍ଚ୍ଚକୁ ହିସାବ କରିବା ପରେ ଏହା ୫୩୮ କୋଟି ଟଙ୍କା ବୋଲି ଜଣାପଡ଼ିଛି। ତେବେ ବିସିସିଆଇ ପରେ ଟ୍ରିବ୍ୟୁନାଲଙ୍କ ରାୟକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

## ଗଲ୍ ଟେଷ୍ଟରେ ବାଂଲାର ବିଶାଳ ସ୍କୋର

ଗଲ୍, ୧୮।୬ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ବିପକ୍ଷରେ ସ୍ଥାନୀୟ ଗଲ୍ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ବାଂଲାଦେଶ ୧୫୧ ଓଭରରେ ୯ ୱିକେଟ୍ ହରାଇ ୪୮୪ ରନ ସଂଗ୍ରହ କରିଛି। ଦିବସର ଖେଳ ଶେଷବେଳକୁ ହାସନ ମହମ୍ମୁଦ ଓ ନାହିଦ ରାଣା କୌଣସି ରନ୍ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ବାଂଲାଦେଶ ପାଇଁ ପୂର୍ବତନ ଅଧିନାୟକ ତଥା ଭେଟେରାନ ୱିକେଟ୍‌ରକ୍ଷକ ମୁସଫିକର ରହିମ ସର୍ବାଧିକ ୧୬୩ ରନ କରିଥିଲେ। ସେହିଭଳି ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୧୪୮, ଲିଟନ ଦାସ ୯୦, ମୋମିନୁଲ ହକ୍ ୨୯, ଜାକର ଅଲି ୮, ନଇମ ହାସନ ୧୧ ରନ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅସିଥ୍ ଫର୍ଣ୍ଣାଣ୍ଡୋ, ମିଲନ ପ୍ରିୟନାଥ ରତ୍ନାୟକେ ଓ ଥାରିନ୍ଦୁ ରତ୍ନାୟକେ ୩ଟି ଲେଖାଏ ୱିକେଟ୍ ନେଇଛନ୍ତି। ଚତୁର୍ଥ ୱିକେଟ୍ ଭାଗୀଦାରିରେ ମୁସଫିକର ଓ ନାଜମୋଲ୍ ୨୬୪ ରନ ସଂଗ୍ରହ କରି ଦଳକୁ ୫୦୦ ରନ ନିକଟତର କରାଇବାରେ ସହାୟକ ହୋଇଥିଲେ। ସେହିଭଳି ୫ମ ୱିକେଟ୍‌ରେ ଲିଟନଙ୍କ ସହ ମିଶି ମୁସଫିକର ୧୪୯ ରନ ଉଠାଇଥିଲେ।

## ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

ICC WOMEN'S T20 WORLD CUP ENGLAND & WALES 2026

ଲଣ୍ଡନ, ୧୮।୬ (ଏଜେନ୍ସି)

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ବର୍ଷକ ପୂର୍ବରୁ ବୁଧବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଜୁନ ୧୨ରେ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଏଜ୍‌ବାଷ୍ଟନରେ ଖେଳାଯିବ। ସେହିଭଳି ଭାରତୀୟ ମହିଳା କ୍ରିକେଟ୍ ଦଳ ଜୁନ ୧୪ରେ (ରବିବାର) ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ମଧ୍ୟ ଏଜ୍‌ବାଷ୍ଟନରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳ ଜୁନ ୧୩ରେ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ଭେଟିବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣ ଜୁନ ୧୨ରୁ ଆରମ୍ଭ ହୋଇ ୨୪ ଦିନ ଧରି ଚାଲିବ। ଜୁଲାଇ ୫ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲକୁ ମିଶାଇ ମୋଟ୍ ୩୩ଟି ମ୍ୟାଚ୍ ଏହି ବିଶ୍ୱକପ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ୧୨ ଗୋଟି ଦଳ ଏଥର ଟାଇଟଲ୍ ପାଇଁ ଲଢ଼େଇକୁ ଅବତୀର୍ଣ୍ଣ ହେବେ। ସେଥିମଧ୍ୟରୁ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୮ ଗୋଟି ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ପାକିସ୍ତାନ ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଉ ୪ ଗୋଟି ଦଳ ବିଶ୍ୱକପ୍ ଖେଳିବେ। ମୋଟ୍ ୧୨ ଗୋଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-୧ରେ ଭାରତ ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଦୁଇଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି। ସେହିଭଳି ଗ୍ରୁପ୍-୨ରେ ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳକୁ ସେମିଫାଇନାଲ ଟିକଟ୍ ମିଳିବ। ଜୁନ ୩୦ ଓ ଜୁଲାଇ ୨ରେ ଯଥାକ୍ରମେ ଦୁଇଟିଯାକ ସେମିଫାଇନାଲ ଦି ଓଭାଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ସମେତ ଓଭାଲ, ଏଜ୍‌ବାଷ୍ଟନ, ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ୍ ଗ୍ରାଉଣ୍ଡ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ ଓ ହାମ୍ପଶାୟର ବାଓଲ୍‌ରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସ୍ଥାନୀୟ ସମୟ ସକାଳ ୧୦ଟା ୩୦, ଅପରାହ୍ଣ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବାର ସମୟ ଧାର୍ଯ୍ୟ କରାଯାଇଛି।

### ୨୦୨୬ ମହିଳା ଟି-୨୦ ବିଶ୍ୱକପ୍

#### ଭାରତର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୪ | ଭାରତ-ପାକିସ୍ତାନ | ଏଜ୍‌ବାଷ୍ଟନ | ଅପରାହ୍ଣ ୨ଟା ୩୦ |
| ଜୁନ ୧୭ | ଭାରତ-କ୍ୱାଲିଫାୟର | ହେଡିଂଲୀ | ଅପରାହ୍ଣ ୨ଟା ୩୦ |
| ଜୁନ ୨୧ | ଭାରତ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୫ | ଭାରତ-କ୍ୱାଲିଫାୟର | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୮ | ଭାରତ-ଅଷ୍ଟ୍ରେଲିଆ | ଲର୍ଡ୍ସ | ଅପରାହ୍ଣ ୨ଟା ୩୦ |

ଗ୍ରୁପ୍-୧: ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, କ୍ୱାଲିଫାୟର-୧, କ୍ୱାଲିଫାୟର-୨
ଗ୍ରୁପ୍-୨: ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, କ୍ୱାଲିଫାୟର-୧, କ୍ୱାଲିଫାୟର-୨

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS